# ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 57 ଭାଗ ୩୪ | ସଂଖ୍ୟା ୫୭
Tuesday 19 May 2026 | Page 8 Rs. 5.00
ଭୁବନେଶ୍ୱର ମଙ୍ଗଳବାର ୧୯ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସତୀଶନ୍

ପୃଷ୍ଠା ୫

### ରାଜ୍ୟ ନେତା ଓ କର୍ମୀଙ୍କୁ ୩ସୂତ୍ରୀ ମନ୍ତ୍ର ଦେଲେ ନୀତିନ

# ସରକାର ଚଲାଇବାକୁ ସଂଘର୍ଷ ଓ ସମର୍ପଣ ଆବଶ୍ୟକ



- ସରକାର, ସଙ୍ଗଠନ, ସମନ୍ୱୟ ପାଇଁ ଆହ୍ୱାନ
- ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଆମ ଦାୟିତ୍ୱ
- ଜେନ-ଜି'କୁ ପଥଭ୍ରଷ୍ଟ କରୁଛନ୍ତି ନକାରାତ୍ମକ ବିରୋଧୀ
- ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ ସାଲିସ କରାଯିବନି
- ଦଳ ଫୋକସରେ ପଞ୍ଚାୟତ ଓ ପୌର ନିର୍ବାଚନ
- ନୂଆ ଓ ପୁରୁଣା କର୍ମୀଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତୀନ ନବୀନ ଓଡ଼ିଶା ଗସ୍ତରେ ଆସି ସଙ୍ଗଠନକୁ ସୁଦୃଢ଼ କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ଦେଇଛନ୍ତି ଗୁରୁମନ୍ତ୍ର। ଏଥିସହ ସରକାରଙ୍କ ଯୋଜନାକୁ ଘରେ ଘରେ ପ୍ରତି ଲୋକଙ୍କ ପାଖରେ ପହଞ୍ଚାଇବାକୁ ବୁଥ ସ୍ତରର କର୍ମୀଙ୍କୁ ଦେଇଛନ୍ତି ଟାସ୍କ ସେ।

ଆଗକୁ ଦଳର ଫୋକସରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ନୂଆ ଓ ପୁରୁଣା କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗକୁ ବଢ଼ିବାକୁ ନୀତିନ୍ ଦେଇଛନ୍ତି ପରାମର୍ଶ। ପଞ୍ଚାୟତ ନିର୍ବାଚନକୁ ଆଉ ମାସ କେଇଟା ବାକି ଅଛି। ହେଲେ ଏହା ପୂର୍ବରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ପ୍ରସ୍ତୁତିକୁ ଜୋରଦାର କଲାଣି ଶାସକ ବିଜେପି। ଆଉ ଏହି ପ୍ରସ୍ତୁତିକୁ ଅଧିକ ବଳ ଦେଇଛନ୍ତି ବିଜେପିର ରାଷ୍ଟ୍ରୀୟ ମୁଖିଆ ନୀତିନ ନବୀନ। ଓଡ଼ିଶା ଗସ୍ତରେ ଆସି ତୃଣମୂଳ ସ୍ତରର ସଙ୍ଗଠନ ସୁଦୃଢ଼ କରିବାକୁ ମନ୍ତ୍ର ଫୁଙ୍କିଛନ୍ତି। ସରକାର, ସଙ୍ଗଠନ, ସମନ୍ୱୟ, ଏହି ୩ ସୂତ୍ରକୁ ଧରି ଆଗକୁ ବଢ଼ିବାକୁ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ମନ୍ତ୍ରୀ, ବିଧାୟକ, ସାଂସଦ, ଦଳୀୟ ନେତାଙ୍କୁ ବାଣ୍ଟିଛନ୍ତି ଟାସ୍କ। ଏହାସହ ବୁଥ ସ୍ତରରୁ ଜିଲ୍ଲା ସ୍ତରରେ ଦାୟିତ୍ୱରେ ଥିବା ପଦାଧିକାରୀଙ୍କୁ ଦିଆଯାଇଥିବା କାମ କେତେ ବାଟ ଗଲାଣି, ତା'ର ମଧ୍ୟ ଅନୁଧ୍ୟାନ କରିଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ।

ସଙ୍ଗଠନକୁ ନେଇ ଚାଲିବ ସରକାର, ସଙ୍ଗଠନ ସୁସ୍ଥ ଓ ସୁଦୃଢ଼ ରହିଲେ ସରକାର ଆଗକୁ ବଢ଼ିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ହିଁ ବିଜେପିର ସବୁଠୁ ବଡ଼ ପ୍ରଚାର। ତେଣୁ ସୁଭଦ୍ରା, ଆୟୁଷ୍ମାନ ଭଳି ସରକାରଙ୍କ ଯୋଜନା ସମାଜର ଶେଷ ଧାଡ଼ିର ଲୋକଙ୍କ ପାଖରେ ଯେପରି ପହଞ୍ଚିବ, ତାହା ସୁନିଶ୍ଚିତ କରିବାକୁ ନୀତିନ୍ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଓ ହିତାଧିକାରୀଙ୍କ ମଧ୍ୟରେ ଦଲାଲ ରହିବେନି। ଅନ୍ୟପଟେ ବିଭିନ୍ନ ନିଗମ, ବୋର୍ଡରେ ନିଯୁକ୍ତିକୁ ନେଇ ବଡ଼ ସଂକେତ ଦେଇଛନ୍ତି ନୀତିନ। ସରକାର ଓ ସଙ୍ଗଠନ ସହ ରାଷ୍ଟ୍ରୀୟ ସଭାପତିଙ୍କ ସାମ୍ନାରେ ୨୦୩୬ ବିକଶିତ ଓଡ଼ିଶା ସ୍ୱପ୍ନ ପୂରା କରିବା ସକାଶେ ନକ୍ସା ପୃଷ୍ଠା-୬

### ରାଜ୍ୟରେ ତାତି ତାଉ ଜାରି

# ଝାରସୁଗୁଡ଼ା ପାଲଟିଛି ତତଲା କଡ଼େଇ



## ରାଜଧାନୀରେ ଅସହ୍ୟ ଗୁଳିଗୁଳି

ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ନିକଟରେ ମୌସୁମୀ ଆଣ୍ଡାମାନ୍ ଛୁଇଁଥିବା ବେଳେ କିଛି ଦିନ ପରେ ଏହା କେରଳ ଛୁଇଁବ। ଏହାର ପ୍ରଭାବରେ ପାଣିପାଗରେ ପରିବର୍ତ୍ତନ ହେବା ନେଇ ଆଶା ଥିଲେ ମଧ୍ୟ ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଜାରି ରହିଛି। ବିଶେଷକରି ଆଜି ପଶ୍ଚିମ ଓଡ଼ିଶାରେ ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ବି ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଛି। ସେହିପରି ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ଝାରସୁଗୁଡ଼ା ଏବେ ତତଲା କଡ଼େଇରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏଠାରେ ଆଜିର ତାପମାତ୍ରା ପ୍ରାୟ ୪୩ ଡିଗ୍ରୀ ଅତିକ୍ରମ କରିଛି। ଆଜି ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ଝାରସୁଗୁଡ଼ା ସହରରେ ତାପମାତ୍ରା ୪୩.୪ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ରେକର୍ଡ କରାଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟର ୧୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଝାରସୁଗୁଡ଼ା ବ୍ୟତୀତ ବୌଦ୍ଧରେ ମଧ୍ୟ ଆଜିର ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୪୨.୮ ସେଲସିୟସ୍ ରେକର୍ଡ କରାଯାଇଛି। ଏହାଛଡ଼ା ସମ୍ବଲପୁର ଓ ଅନୁଗୋଳରେ ତାପମାତ୍ରା ୪୨.୩ ଡିଗ୍ରୀ ରହିଥିବା ଜଣାପଡ଼ିଛି। ସେହିପରି ହୀରାକୁଦରେ ୪୨ ଡିଗ୍ରୀ, ବାରିପଦାରେ ୪୧.୮ ଡିଗ୍ରୀ, ଭବାନୀପାଟଣା, ବଲାଙ୍ଗୀର ଓ ଟିଟିଲାଗଡ଼ରେ ୪୧.୫ ଡିଗ୍ରୀ ଲେଖାଏଁ ଏବଂ ତାଳଚେରରେ ୪୧.୬ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶା ବ୍ୟତୀତ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ମଧ୍ୟ କେତେକ ସ୍ଥାନରେ ତାପମାତ୍ରା ୪୦ ଉପରେ ରହିଛି। ସେସବୁ ମଧ୍ୟରେ ବାଲେଶ୍ୱରରେ ପୃଷ୍ଠା-୬

# ଟ୍ରମ୍ପ୍‌ଙ୍କ ମୁଣ୍ଡ ପାଇଁ ୫ ଶହ କୋଟି!

ତେହରାନ,୧୮।୫ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହତ୍ୟା ସମ୍ପର୍କିତ ଏକ ବିଲ୍ ଉପରେ ଇରାନ ସଂସଦରେ ବିଚାର କରାଯାଉଛି। ଇରାନର ସୁପ୍ରିମଲିଡର ତଥା କମାଣ୍ଡରଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ ଆମେରିକାର ରିପବ୍ଲିକାନ ନେତା ଟ୍ରମ୍ପଙ୍କୁ ହତ୍ୟା କଲେ ହତ୍ୟା କରିଥିବା ବ୍ୟକ୍ତି ବା ସଂସ୍ଥାକୁ ୫୦ ମିଲିଅନ୍ ୟୁରୋ (୫ଶହ କୋଟି ଟଙ୍କା) ପୁରସ୍କାର ଦେବା ପାଇଁ ବିଲ୍‌ରେ ଦର୍ଶାଯାଇଥିବା ଇରାନର ଜଣେ ବରିଷ୍ଠ ସାଂସଦ ଗୁରୁବାର କହିଛନ୍ତି। ସଂସଦର ଜାତୀୟ ସୁରକ୍ଷା ଓ ବୈଦେଶିକ ନୀତି କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଇରାନର ସରକାରୀ ଟିଭିକୁ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆଇନ ପ୍ରଣୟନକାରୀମାନେ ଏଭଳି ଅନେକ ବିଲ୍ ଉପରେ ସମୀକ୍ଷା କରୁଛନ୍ତି। ଆମେରିକାର ଏହି ନିଷ୍ଠୁର ରାଷ୍ଟ୍ରପତିଙ୍କ ସହିତ ଇହୁଦୀ ପ୍ରେମୀ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଆମେରିକା ନୌସେନାର ସେଣ୍ଟ୍ରାଲ କମାଣ୍ଡ ଆଡମିରାଲ ବ୍ରାଡ କୋପରଙ୍କ ବିରୋଧରେ ପ୍ରତିକ୍ରିୟାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଅଜିଜ୍ କହିଛନ୍ତି।

# ଇରାନ ଉପରୁ ସାମୟିକ ହଟିବ ତୈଳ କଟକଣା



ତେହେରାନ,୧୮।୫ଃ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରମାଣୁ ଆଲୋଚନା ଅବସରରେ ଇରାନ ଉପରେ ଲାଗୁ ହୋଇଥିବା ତୈଳ କଟକଣାକୁ ସ୍ଥଗିତ ରଖିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି। ଇରାନର ଆଭ୍ୟନ୍ତରୀଣ ଆଲୋଚନାକାରୀ ଦଳ ସହ ସମ୍ପର୍କିତ ଏକ ସୂତ୍ରକୁ ଉଦ୍ଧାର କରି ସରକାର ସମର୍ଥିତ ନ୍ୟୁଜ୍ ଏଜେନ୍ସି ତସନିମ୍ ଏହି ରିପୋର୍ଟ ପ୍ରକାଶ କରିଛି। ୱାଶିଂଟନ ଏବଂ ତେହରାନ ମଧ୍ୟରେ ଆଲୋଚନା ପାଇଁ ପ୍ରସ୍ତୁତ ହୋଇଥିବା ଏକ ନୂତନ ଡ୍ରାଫ୍ଟ ଢାଞ୍ଚା ଅଧୀନରେ ଏହି ନିଷ୍ପତ୍ତି ପୃଷ୍ଠା-୬

### ବାଲି ମାଫିଆଙ୍କ ଉପରେ ଚଢ଼ାଉ

# ୮୦ ଲକ୍ଷର ଆକାଉଣ୍ଟ, ନଗଦ ୨୮ ଲକ୍ଷ ଜବତ




ଆନନ୍ଦପୁର,୧୮।୫(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାରେ ବାଲି ବ୍ୟବସାୟୀ ଓ ମାଫିଆଙ୍କ ବିରୋଧରେ ପୁଲିସ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଜିଲ୍ଲା ଏସ୍‌ପି ନୀତିନ କୁଶଲକର ଦାଗୁଡ଼ଙ୍କ ନିର୍ଦ୍ଦେଶରେ ଏକାଧିକ ପୁଲିସ ଟିମ୍ ଗଠନ କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆନନ୍ଦପୁର ଉପଖଣ୍ଡର ୧୧ଟି ସ୍ଥାନ ଓ ଘଟଗାଁ ଅଞ୍ଚଳର ଗୋଟିଏ ସ୍ଥାନ ସହ ମୋଟ ୧୨ଟି ସ୍ଥାନରେ ସୋମବାର ସକାଳୁ ବାଲି ବ୍ୟବସାୟୀ ଓ ମାଫିଆଙ୍କ ଘରେ ଚଢ଼ାଉ କରାଯାଇଛି। ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କ ସୂଚନାନୁସାରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ଏଯାବତ୍ ୧୨ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ମୋଟ ୧୧ ଜଣଙ୍କୁ ଗିରଫ କରାଯାଇଛି। ହାଇୱା, ପିକଅପ୍, ଟ୍ରାକ୍ଟର ଓ ଦାମୀ ଚାରିଚକିଆ ଗାଡ଼ି ମିଶି ପ୍ରାୟ ୫୦ଟି ଗାଡ଼ି ଜବତ ହୋଇଛି। ଏଥିସହ ପ୍ରାୟ ୮୦ ଲକ୍ଷ ଟଙ୍କାର ୫୪ଟି ବ୍ୟାଙ୍କ ଆକାଉଣ୍ଟ, ନଗଦ ୨୮ ଲକ୍ଷ ଟଙ୍କା ଓ ବିପୁଳ ପରିମାଣର ସୁନା-ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଛି। ଏଥିସହ ବାଲି ଚାଲାଣ ସମ୍ବନ୍ଧୀୟ ନକଲି କାଗଜପତ୍ର ମଧ୍ୟ ପୁଲିସ ଜବତ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ସଂଗ୍ରହ ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ପୃଷ୍ଠା-୬

### 'ପାଇକ ବିଦ୍ରୋହ ସ୍ମାରକୀ' ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

# ଓଡ଼ିଆ ଜାତିର ସ୍ୱାଭିମାନର ଅନନ୍ୟ ପ୍ରତୀକଃ ଧର୍ମେନ୍ଦ୍ର



ସ୍ମାରକୀ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ

ଖୋର୍ଦ୍ଧା,୧୮।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସ୍ଥାନୀୟ ବରୁଣେଇଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୋଧରେ ହୋଇଥିବା ଏହି ସଶସ୍ତ୍ର ଗଣବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହା ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ଅନନ୍ୟ ପ୍ରତୀକ। ଏହି ମାଟିର ବୀରମାନଙ୍କ ବଳିଦାନ ସମଗ୍ର ଦେଶକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରିତ କରିଥିଲା। ବରୁଣେଇ ପାହାଡ଼ ପାଦଦେଶରେ ନିର୍ମାଣ ହେଉଥିବା ଏହି ଭବ୍ୟ ସ୍ମାରକୀ ସ୍ଥଳ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ବୀରତ୍ୱ ଓ ବିଜୟଗାଥାକୁ ସାରା ବିଶ୍ୱରେ ପ୍ରତିପାଦିତ କରିବ। ଓଡ଼ିଶାର ଅଦମ୍ୟ ସାହସର ମୂକସାକ୍ଷୀ ହୋଇ ରହିବାକୁ ଥିବା ଏହି ପ୍ରକଳ୍ପ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ଦେଶପ୍ରେମରେ ସର୍ବଦା ଅନୁପ୍ରାଣିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ସଠିକ୍ ପରିଚୟ ଦେବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଆଜି ପୂର୍ବାଞ୍ଚଳ କୃଷି ସମ୍ମିଳନୀ



- ଯୋଗଦେବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ଓ ମୁଖ୍ୟମନ୍ତ୍ରୀ
- କୃଷି ବିକାଶ ଓ କୃଷକ କଲ୍ୟାଣ ଉପରେ ହେବ ବିଚାରବିମର୍ଶ

ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ମଙ୍ଗଳବାର ଭୁବନେଶ୍ୱରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜିତ ହେବ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଅଧ୍ୟକ୍ଷତା କରିବେ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ରାଜ୍ୟର କୃଷିମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟ ଅଂଶୀଦାରମାନେ ଯୋଗଦେବେ।

କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯିବ। ଏଥିସହିତ କୃଷିକ୍ଷେତ୍ର ସହ ଜଡିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ। ଏଥିରେ କୃଷକ ରେଜିଷ୍ଟ୍ରିରେ ହୋଇଥିବା ପ୍ରଗତି, ଉଦ୍ୟାନ କୃଷି କ୍ଷେତ୍ରର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ, ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଆଲୋଚନା କରାଯିବ। ବିଭିନ୍ନ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା କୃଷି କ୍ଷେତ୍ରରେ ସଫଳ ପଦକ୍ଷେପ ଓ ନବସୃଜନକୁ ମଧ୍ୟ ପ୍ରଦର୍ଶିତ କରାଯିବ। ଓଡ଼ିଶା ଏହାର କୃଷି ସମ୍ପ୍ରସାରଣ କାର୍ଯ୍ୟ, ପଶ୍ଚିମବଙ୍ଗ ଏହାର ବିହନ ଉତ୍ପାଦନର ସର୍ବୋତ୍ତମ ଅଭ୍ୟାସ, ଝାଡ଼ଖଣ୍ଡ ଏହାର ଏଫପିଓ-ଆଧାରିତ ମୂଲ୍ୟ ଶୃଙ୍ଖଳ ଓ କୃଷି ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏବଂ ବିହାର ମକା ଉତ୍ପାଦନ ଓ ବିପଣନ କ୍ଷେତ୍ରରେ ଏହାର ସଫଳ ଅଭିଜ୍ଞତା ବାଣ୍ଟିବ। କୃଷି କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ମୁକାବିଲା, ନବସୃଜନ ବାଣ୍ଟିବା ଏବଂ କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ଭବିଷ୍ୟତ ରଣନୀତି ବିକଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ।

# ୨୦ରେ ଯୁକ୍ତ ଦୁଇ ପରୀକ୍ଷା ଫଳ



ଅପେକ୍ଷାରେ ୩.୯୬ ଲକ୍ଷ ପରୀକ୍ଷାର୍ଥୀ

ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ଆସନ୍ତା ୨୦ ତାରିଖରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ। ଏ ନେଇ ଯୋଜନା ସରିଛି। ଏକା ସାଙ୍ଗେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଚଳିତ ଥର ଫେବ୍ରୁଆରୀ ୧୮ରୁ ମାର୍ଚ୍ଚ ୨୮ ଯାଏ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କ ଫଳାଫଳ ଅପେକ୍ଷାରେ ଅଛନ୍ତି। ତେବେ ସେମାନଙ୍କୁ ବେଶୀ ଦିନ ଅପେକ୍ଷା କରିବାକୁ ପଡ଼ିବନି ବୋଲି ବିଭାଗୀୟ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ କଳା, ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଦୁଇ ଦିନରେ ଭୁଲିଗଲେ ଖର୍ଚ୍ଚକାଟ୍ ପରାମର୍ଶ

### ରାସ୍ତାରେ ଗଡ଼ିଲାଣି ମାଳ ମାଳ ଗାଡ଼ି

### ତେଲ ଅଭାବ କଥା ଏବେ ଇତିହାସ



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଦେଶରେ ତେଲ ସଙ୍କଟ। ଟାଙ୍କିରେ ବି ତେଲ ନାହିଁ। ଏଣିକି ଇଭି ନହେଲେ ସାଇକେଲରେ ଯା ଆସ କରିବାକୁ ପଡିବ। ଏମିତି କେତେ କ'ଣ କହୁଥିବା ରାଜ୍ୟବାସୀ ଦିନ ଦୁଇଟାରେ ସବୁକିଛି ଭୁଲିଯାଇଛନ୍ତି। ତେଲ ଟାଙ୍କିରେ ପର୍ଯ୍ୟାପ୍ତ ତେଲ ପହଞ୍ଚିବା ପରେ ଖର୍ଚ୍ଚକାଟ୍ କଥା ଆଉ କାହାରି ମୁହଁରୁ ଶୁଣିବାକୁ ମିଳୁନାହିଁ।

ଆର୍ଥିକ ସଙ୍କଟ ଯୋଗୁଁ ଖୋଦ୍ ପ୍ରଧାନମନ୍ତ୍ରୀ ଲୋକଙ୍କୁ ଇନ୍ଧନଠାରୁ ଆରମ୍ଭ କରି ଖାଇବା ତେଲ କମ୍ କରିବା ସହ ବର୍ଷକ ପାଇଁ ସୁନା ନ କିଣିବାକୁ ପରାମର୍ଶ ଦେବା ପରେ ଆମ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। କାଳେ ଗାଡ଼ିମୋଟର ପାଇଁ ତେଲ ନମିଳିବ, ସେଥିପାଇଁ ଲୋକେ ପାହାନ୍ତାରୁ ତେଲ ଟାଙ୍କିଗୁଡ଼ିକରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ଅବସ୍ଥା ଏମିତି ହୋଇଥିଲା ଯେ ପୁଲିସ୍‌କୁ ଜଗିବାକୁ ପଡ଼ିଲା। ତେଣୁ ତେଲ ପର୍ଯ୍ୟାପ୍ତ ରହିଛି ବୋଲି ସରକାର ଯେତେ କହିଲେ ବି କେହି ଶୁଣି ନ ଥିଲେ।

ପ୍ରଥମେ ପ୍ରଧାନମନ୍ତ୍ରୀ ଓ ପରେ ମୁଖ୍ୟମନ୍ତ୍ରୀ ନିଜ କାରକେଡ୍‌ରେ ଗାଡ଼ି ସଂଖ୍ୟା ହ୍ରାସ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ନିଜର କାରକେଡ୍ ଫେରାଇଥିଲେ। କିଛି ମନ୍ତ୍ରୀ ଓ ବିଧାୟକ ମୋଟର ସାଇକେଲରେ ଯା'ଆସ କରିଥିଲେ। ଏଭଳି ସ୍ଥିତି ଦେଖି ଜାତୀୟ ସଙ୍କଟର ମୁକାବିଲା ପାଇଁ ଲୋକେ ଆଗକୁ ଆସିଥିଲେ। କିଏ ଇଭି ଶୋ' ରୁମ୍‌ରେ ପହଞ୍ଚି ଗାଡ଼ି ବୁକିଂ କରିଥିଲା ତ ଆଉ କିଏ ନିଜର ପୁରୁଣା ପୃଷ୍ଠା-୬

## କ୍ୟାନସର ପୀଡ଼ିତଙ୍କୁ ସଦାଶିବ ହେଲ୍ଥ ଫାଉଣ୍ଡେସନର ସହାୟତା



ମହାକାଳପଡ଼ା,୧୮।୪(ସଂଚାର ବ୍ୟୁରୋ)ଃ ରାଜନଗର ନିର୍ବାଚନ ମଣ୍ଡଳୀ ରାଜନଗର ବ୍ଲକ ଅନ୍ତର୍ଗତ ନିମପୁର (ଶ୍ରୀଯନ) ଗ୍ରାମରେ ଫୁସଫୁସ କ୍ୟାନସର ରୋଗରେ ପୀଡ଼ିତ ଶ୍ରୀଯୁକ୍ତ ସୁରେନ୍ଦ୍ର ମଲ୍ଲିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ପାଇ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ଭିତର ସୁବଳା ଗ୍ରାମସ୍ଥିତ "ସଦାଶିବ ହେଲ୍ଥ ଫାଉଣ୍ଡେସନ"ର ସଦସ୍ୟମାନେ ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ।ଫାଉଣ୍ଡେସନର ସଦସ୍ୟମାନେ ସୁରେନ୍ଦ୍ର ମଲ୍ଲିକଙ୍କୁ ଏକ କବାଟ ଉପରେ ଶୋଇଥିବା ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ସଙ୍ଗେ ସଙ୍ଗେ ବଜାରକୁ ଯାଇ ତାଙ୍କ ପାଇଁ ଏକ ଖଟ, ପରିବାର ପାଇଁ ପିନ୍ଧିବା ବସ୍ତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ପ୍ରିୟ ରଞ୍ଜନ ଦାସ, ସରୋଜ ରାଉତ, ବିଶ୍ୱ ରଞ୍ଜନ ବାରିକ, ବିଶ୍ୱନାଥ ଚୌଧୁରୀ, ଦେବଦତ୍ତ ସାମଲ, ସୌମ୍ୟ ରଞ୍ଜନ ସ୍ୱାଇଁ, ତପନ ରାଉଳ, ପ୍ରଦ୍ୟୁମ୍ନ ଭୂୟାଁ, ବିକ୍ରମ ପାତ୍ର, ସରୋଜ ବାରିକ ଓ ଗୌତମ ସାମଲ ପ୍ରମୁଖ ସାମିଲ ଥିଲେ।

## ଚାନ୍ଦୋଳ ବଜାରରୁ ଯୁବକଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ପରିବାର



ଡେରାବିଶ,୧୮।୫(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରର ଟିଭିଏସ ଶୋରୁମ ନିକଟସ୍ଥ ଏକ ବିଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ସ୍ଥାନୀୟ ଚାନ୍ଦୋଳ ପଞ୍ଚାୟତ ବାଙ୍କିମୁଣ୍ଡାଇ ଗ୍ରାମର ସଂଜୀବ ମିତ୍ରଙ୍କ ପୁଅ ଆଶିଷ ମିତ୍ର ଟିଟି (୩୦) ବୋଲି ଚିହ୍ନଟ କରାଯାଇଛି। ସୂଚନାରୁ ପ୍ରକାଶ ଯେ ମୃତ ଆଶିଷ ମିତ୍ର ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରନ୍ତି। ରବିବାର ସନ୍ଧ୍ୟାରେ ସେ ଘରେ ଥିବା ବେଳେ ତାଙ୍କ ଜଣେ ସାଙ୍ଗ ସହ ଚାନ୍ଦୋଳ ବଜାରକୁ ଆସିଥିଲେ ହେଁ ରାତିରେ ଘରକୁ ଫେରି ନଥିଲେ। ମାତ୍ର ସୋମବାର ପ୍ରତ୍ୟୁଷରେ ଆଶିଷଙ୍କ ମୃତଦେହ ଟିଭିଏସ ଶୋରୁମ ନିକଟସ୍ଥ ଏକ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହର ଡାହାଣ ହାତ ଛାତି ଓ ପେଟ ସମେତ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଖବର ପାଇ ପ୍ରଥମେ ଚାନ୍ଦୋଳ ଫାଣ୍ଡି ପୁଲିସ ଓ ସଦରଥାନା ପୁଲିସ ଘଟଣାସ୍ଥଳରୁ ମୃତଦେହକୁ ଜବତ କରି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତେବେ ମୃତଦେହ ପଡ଼ିଥିବା ସ୍ଥାନ ନିକଟରେ ଥିବା ଏକ ଦୁଇ ମହଲା କୋଠାର ପାଚେରୀ ଓ କାନ୍ଥରେ ରକ୍ତ ଛିଟା ଲାଗିଥିବା ବେଳେ ଉକ୍ତ ଘରର ଛାତ ଉପରେ ଆଶିଷଙ୍କ ଜୋତା, ଦୁଇଗୋଟି ମୋବାଇଲ ସମେତ ଗୋଟିଏ ବେଡସିଟକୁ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଥିବା ବେଳେ ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏ ସମ୍ପର୍କରେ ମୃତ ଆଶିଷଙ୍କ ପିତା ସଂଜୀବ ମିତ୍ର ଲିଖିତ ଅଭିଯୋଗ କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଓ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି।

## ମୃତ ଗୋଲେଖ ନାଉରୀଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଲେ ଡଃ. ସୌଭାଗ୍ୟ ପରିଡ଼ା



ମହାକାଳପଡ଼ା,୧୮।୫(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ଜନପ୍ରିୟ ହୋମିଓପାଥିକ ଡାକ୍ତର ଗୋଲେଖ ନାଉରୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ସରଳ ସ୍ୱଭାବ, ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଓ ସାଧାରଣ ଲୋକଙ୍କ ପ୍ରତି ସେବାଭାବ ପାଇଁ ପରିଚିତ ଡାକ୍ତର ନାଉରୀଙ୍କ ବିୟୋଗରେ ସବୁଠାରେ ଶୋକର ଛାୟା ଖେଳିଯାଇଛି।ଏହି ଦୁଃଖଦ ଘଟଣା ପରେ ଡା. ସୌଭାଗ୍ୟ ପରିଡ଼ା ମୃତ ଡାକ୍ତରଙ୍କ ଘରକୁ ପହଞ୍ଚି ପରିବାର ସଦସ୍ୟଙ୍କୁ ଭେଟିଥିଲେ। ସେ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ଏହାସହ ଡାକ୍ତର ନାଉରୀଙ୍କୁ ହତ୍ୟା କରିଥିବା ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଡଃ ପରିଡ଼ା କହିଛନ୍ତି ଯେ, ଡାକ୍ତର ଗୋଲେଖ ନାଉରୀ କେବଳ ଜଣେ ଡାକ୍ତର ନୁହେଁ, ସେ ସାଧାରଣ ଲୋକଙ୍କ ପାଇଁ ଜଣେ ଭରସାର ପ୍ରତୀକ ଥିଲେ। ତାଙ୍କ ଭଳି ଜଣେ ସମାଜସେବୀଙ୍କୁ ହରାଇବା ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଏହି ସମୟରେ ମୃତକଙ୍କ ପତ୍ନୀ ଓ ଛୋଟ ଝିଅ ହାତ ଯୋଡ଼ି ଅଶ୍ରୁଭରା କଣ୍ଠରେ ନ୍ୟାୟ ପାଇଁ ଗୁହାରି କରିଥିଲେ। ସେମାନେ କହିଥିଲେ ଯେ, ଯେଉଁମାନେ ତାଙ୍କ ସ୍ୱାମୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋରରୁ କଠୋର ଦଣ୍ଡ ଦିଆଯାଉ।

## ନିମ୍ନମାନର ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ

# ମାନ ପରଖିଲେ ରାଜପଥ କର୍ତ୍ତୃପକ୍ଷ



କେନ୍ଦ୍ରାପଡ଼ା,୧୮।୪(ସଂଚାର ବ୍ୟୁରୋ)ଃ ୫୩ ନମ୍ବର ଜାତୀୟ ରାଜପଥ ନିମ୍ନମାନର ନିର୍ମାଣ ହୋଇଥିବା ନେଇ ଅଭିଯୋଗ ହେବା ପରେ ରାଜପଥ କର୍ତ୍ତୃପକ୍ଷ କେନ୍ଦ୍ରାପଡାରେ ପହଞ୍ଚି ରାସ୍ତାର ମାନ ପରଖିଛନ୍ତି । ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଦର୍ଶୀ ପ୍ରକାଶଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ କେନ୍ଦ୍ରାପଡାରେ ପହଞ୍ଚିଥିଲେ । ଏହି ଟିମ ଦୁହୁରିଆ, ଶ୍ୟାମସୁନ୍ଦରପୁର, ଗୋପଛକ, ଛଘରିଆ ପ୍ରମୁଖ ସ୍ଥାନରେ ଯାଞ୍ଚ କରିଥିଲେ। ଶ୍ୟାମସୁନ୍ଦରପୁରରେ ପ୍ରାୟ ଦୁଇମାସ ତଳେ ଯେଉଁ ସ୍ଥାନରେ ରାସ୍ତା ଭୁଷୁଡ଼ି ପଡିଥିଲା ସେ ସ୍ଥାନ ଯାଞ୍ଚ କରିଥିଲେ। ଏହାସହ ଠିକାସଂସ୍ଥାକୁ ତାଗିଦ କରିଦେଇଥିଲେ ପରବର୍ତ୍ତୀ ସମୟରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହେବ । ଯଦି ଏଭଳି ଘଟଣାର ପୁନରାବୃତ୍ତି ହୁଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ।

ହଜାର ହଜାର କୋଟି ଟଙ୍କାରେ ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କରାଯାଉଥିବା ବେଳେ ଏହାର ମାନକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ସଭାପତି ସ୍ମୃତିରଞ୍ଜନ ଜେନା ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ନିର୍ମାଣଧିନ ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଛକ ନିକଟରେ ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଛି। ଫଳରେ ସେହି ନିର୍ମାଣାଧିନ ରାସ୍ତାର ବିଭିନ୍ନ ଅଂଶ ଫାଟି ଯାଉଥିବା ବେଳେ କେଉଁଠି ନିର୍ମାଣଧିନ ରାସ୍ତାର ଅଂଶ ଭୁଷୁଡି ପଡୁଛି। ଯାହାଦ୍ୱାରାକି ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ଭବିଷ୍ୟତରେ ଏହି ରାସ୍ତାଦେଇ ଯିବା ସମୟରେ ଜନସାଧାରଣଙ୍କ ଧନଜୀବନ କ୍ଷୟକ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ପଦାର୍ଥ ବ୍ୟବହାର କରାଯିବା ସହିତ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବା ମଧ୍ୟ ଅଭିଯୋଗ ହୋଇଥିଲା ।

ଏଭଳି ବେପରୁଆ ତଥା ଦାୟୀତ୍ୱହୀନ ଭାବେ ରାସ୍ତା ନିର୍ମାଣ କରାଯିବା ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଏଥିନିମନ୍ତେ ଦାୟି ଅଧିକାରୀ ଓ ଠିକାସଂସ୍ଥା ବିରୋଧରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବାକୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା । ସେହି ଅଭିଯୋଗ ଅନୁଯାୟି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଡେପୁଟୀ ଜେନେରାଲ ମ୍ୟାନେଜର(ଟେକନିକାଲ) ଅମିତ କୁମାର ଗୁପ୍ତା ଚଣ୍ଡିଖୋଲସ୍ଥିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ କାର୍ଯ୍ୟକାରୀ ୟୁନିଟର ପ୍ରକଳ୍ପ ନର୍ଦ୍ଦେଶକଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅଭିଯୋଗ ଗୁଡିକର ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇବା ପରେ ଜାତୀୟ ରାଜପଥର ଚଣ୍ଡିଖୋଲସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ଦର୍ଶୀ ପ୍ରକାଶଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ କେନ୍ଦ୍ରାପଡାରେ ପହଞ୍ଚି ଉଭୟ ଘଟଣାର ତନଖି କରିବା ସହ ମାନ ପରିଖିଥିଲେ।

# ବରକନ୍ଧା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

## ବିନା ତାରିଖ ଥିବା ଜିଏସଟି ବିଲ୍ ବଢ଼ାଇଲା ସନ୍ଦେହ

ମହାକାଳପଡ଼ା,୧୮।୫ (ସଂଚାର ବ୍ୟୁରୋ)ଃ ବରକନ୍ଧା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଏହି ଅଭିଯୋଗକୁ ଅଧିକ ଖୋରାକ ଯୋଗାଇଛି। ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀ ଏ ଘଟଣା ଉପରେ ପ୍ରଶ୍ନ ଉଠାଇ ମହାକାଳପଡ଼ା ବ୍ଲକ୍ ପ୍ରଶାସନକୁ ନିଶାନା କରିଛନ୍ତି।

ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତର ଛେଡାକଣୀ ଗ୍ରାମର ସତ୍ୟନାରାୟଣ ମନ୍ଦିର ଠାରୁ ମଦନ ରାଉତଙ୍କ ଘର ପର୍ଯ୍ୟନ୍ତ ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ପକ୍କା ସଡ଼କ ନିର୍ମାଣ ହୋଇଥିଲା। ଯାହା ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ପ୍ରକଳ୍ପ ଅଧୀନରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ନିର୍ମାଣ କରାଯାଇଛି। ଏହି ପକ୍କା ସଡ଼କ ପାଇଁ ରାମନଗରର ମା ଦୁର୍ଗା ସପ୍ଲାୟରସ ଆଣ୍ଡ୍ ହାର୍ଡୱେର ଠାରୁ ୨୧୧ ବସ୍ତା ସିମେଣ୍ଟ କିଣା ଯାଇଥିଲା। ବିଲ୍ ଅନୁଯାୟୀ ପ୍ରତି ସିମେଣ୍ଟ ବସ୍ତାର



IN : 21AWNPC7303B1Z9 TAX RETAIL INVOICE Mob.- 9437146768
MAA DURGA SUPPLIERS & HARDWARE
At/Po.- Ramnagar, Via.- Mahakalpara, Dist.- Kendrapara, Odisha, Pin.-754224
General Merchant, Commission Agent & Govt. Order Suppliers
Stockist of : IRON ROD, CEMENT & ASBESTOS SHEETS
Name of Party Purchase P.E.O. Barakandha G.P. Invoice No. 36
Address
GST IN Date

| Sl. No. | DESCRIPTION OF GOODS | HSN/SAC Code of the Goods | Qnty. | Rate | TOTAL VALUE |
| --- | --- | --- | --- | --- | --- |
| 1 | cement | | 211 | 279.59 | 58,994:- |

Passed for payment Rs 69,614=0 (Rupess sixty nine thousand six hundred fourteen ) only.
Trilok Behera Sarapanch Barakandha G.P

TOTAL 58,994:-
CGST @ % 5,310:-
SGST @ % 5,310:-
GRAND TOTAL 69,614:-
(Rupees Sixty nine thousand six hundred fourteen only)
Maa Durga Supplier
Signature of Dealer/ Authorized Person
Goods once sold will not be taken back or exchange. This registration certificate is valid on the date of issue of this Retail tax invoice. All legal disputes Subject to Kendrapara Jurisdication only

ମୂଲ୍ୟ ୨୭୯.୫୯ ଟଙ୍କା ଥିବା ବେଳେ ଜିଏସଟି ମିଶି ପ୍ରତି ବସ୍ତାର ମୂଲ୍ୟ ପ୍ରାୟ ୩୩୦ ଟଙ୍କା ରହିଛି। ଏହା ବାବଦକୁ ସର୍ବମୋଟ ୬୯,୬୧୪ ଟଙ୍କା ମଧ୍ୟ ଦିଆଯାଇଛି। ହେଲେ ପଞ୍ଚାୟତ ତରଫରୁ ବ୍ଲକ୍ କୁ ଦାଖଲ କରିଥିବା ଏହି ଜିଏସଟି ବିଲ୍‌ରେ କୌଣସି ତାରିଖ ଉଲ୍ଲେଖ ନଥିବା ଦେଖିବାକୁ ମିଳିଛି।

ଜିଏସଟି ବିଲ୍‌ରେ ଉଭୟ ସରପଞ୍ଚ ଓ ପିଇଓଙ୍କ ଦସ୍ତଖତ ରହିଛି ହେଲେ ବିଲ୍ ଉପରେ ତାରିଖ ନପକାଇ କେମିତି ବ୍ଲକ୍ ପ୍ରଶାସନ ଏହାକୁ ଗ୍ରହଣ କଲେ ତାହାକୁ ନେଇ ସୁବ୍ରତ ପ୍ରଶ୍ନ କରିଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି ଏ ଘଟଣା ପଞ୍ଚାୟତର ବଡ଼ ଧରଣର ଅନିୟମିତତା ଥିବା ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ବ୍ଲକରେ ସ୍ଥାୟୀ ବିଡିଓ ନଥିବାରୁ ପ୍ରଶାସନିକ ନିୟନ୍ତ୍ରଣ ଦୁର୍ବଳ ହୋଇପଡ଼ିଛି ଏବଂ ଏହାର ସୁଯୋଗ ନେଇ କିଛି ଅଧିକାରୀ ଅନିୟମିତତା କରୁଥିବା ସେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ କଲେ ଅନେକ ଦୁର୍ନୀତି ଲୋକଲୋଚନକୁ ଆସି ପାରନ୍ତା ବୋଲି ସେ ଦାବି କରିଛନ୍ତି।

## ଢୋଲ- ବିଷ୍ଣୁଦାସପୁର ରାସ୍ତା ପରିଦର୍ଶନ ଓ ସମୀକ୍ଷା କଲେ ବିଧାୟକ



କେନ୍ଦ୍ରାପଡ଼ା,୧୮।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ନିଜ ନିର୍ବାଚନ ମଣ୍ଡଳୀର ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ କାର୍ଯ୍ୟଗୁଡିକୁ ତୁରନ୍ତ ସମାପ୍ତ କରି ଜନସାଧାରଣଙ୍କ ହୀତରେ ଲଗାଇବା ପାଇଁ ସର୍ବଦା ଚେଷ୍ଟା କରୁଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଓ ଢୋଲ ପଂଚାୟତର ବିଷ୍ଣୁଦାସପୁର ରାସ୍ତାକୁ ପରିଦର୍ଶନ କରିବା ସହିତ ସେଠାରେ ଗୋବରୀ କେନାଲ୍ ଉପରେ ନିର୍ମାଣାଧୀନ ଥିବା ସେତୁକୁ ଦେଖିବା ସହିତ ସେଠାରେ ରାସ୍ତା ସେତୁର ସମୀକ୍ଷା କରିଥିଲେ । ପ୍ରାୟ ୧୨ କୋଟି ବ୍ୟୟରେ ନିର୍ମାଣଧୀନ ଥିବା ରାସ୍ତା ଓ ସେତୁ ସମ୍ପୂର୍ଣ୍ଣ ହେଲେ ବିଷ୍ଣୁଦାସବାସୀଙ୍କର ଦୀର୍ଘ ଦିନର ଆଶା ପୂରଣ ହେବା ସହିତ ଅନ୍ୟ ପଂଚାୟତ ସହିତ ଏହା ସଂଯୋଗ ହେବ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲୁ ରହିଥିବା ଏହି ରାସ୍ତା ସେତୁର କାର୍ଯ୍ୟଗୁଡିକୁ ବିଭାଗୀୟ ଜେଇ ଓ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରି ଠିକାନେଇଥିବା ଏହି କାର୍ଯ୍ୟକୁ ଠିକାଦାର ସମୟସୀମା ଭିତରେ ଏହି କାର୍ଯ୍ୟକୁ ସମାପ୍ତ କରିବା ପାଇଁ ବିଧାୟକ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକଙ୍କର ଏହି କାର୍ଯ୍ୟକୁ ସ୍ୱାଗତ କରି ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବୀ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଠିକା ଶ୍ରମିକ ସଂଘର ଗଣଧାରଣା




କେନ୍ଦ୍ରାପଡା,୧୮।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘ ପକ୍ଷରୁ ପାରାଦ୍ୱିପ ସର୍କଲ ଅଫିସ କେନ୍ଦ୍ରାପଡା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣ ଧାରଣା ଦିଆଯାଇଛି । ଟାଟା ପାୱାର ର ଶ୍ରମିକ ଅସନ୍ତୋଷ, ନିର୍ଯ୍ୟାତନା, ଠକେଇ, ଶ୍ରମିକ ଛଟେଇ ପ୍ରଭୃତି ଠିକା କର୍ମଚାରୀଙ୍କ କ୍ଷେତ୍ରରେ ଅସନ୍ତୋଷର ମୁଖ୍ୟ କାରଣ ହୋଇ ଉଭା ହୋଇଛି। ସଂଘର ବାରମ୍ବାର ଦାବି ସତ୍ତ୍ୱେ ଟିପିସିଓଡିଏଲ କର୍ତ୍ତୃପକ୍ଷ ବେଆଇନ ଛଟେଇ ଆରମ୍ଭ କରି ଠିକା ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖା ଦେଇଛି । ଏନେଇ ସଂଘ ପକ୍ଷରୁ ୧ ହଜାରରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କେନ୍ଦ୍ରାପଡା କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଆରମ୍ଭ କରିଛନ୍ତି ।

ଏଥିରେ ସଂଘର ମୁଖ୍ୟ ଉପଦେଷ୍ଟା ଆଇନଜିବୀ ଭୀମସେନ ଭୂୟାଁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲିକ, ସାଧାରଣ ସଂପାଦକ ଶିଶିର କୁମାର ନାୟକ, କେନ୍ଦ୍ରାପଡା ଡିଭିଜନର ସଭାପତି ଚର୍ତୁଭୁଜ ଦାସ, ସଂପାଦକ ମନୋଜ ନାୟକ, ମାର୍ଶାଘାଇ ଡିଭିଜନର ସଭାପତି ଗିରିଶ ଚନ୍ଦ୍ର ବେହେରା, ସଂପାଦକ ଅସିତ କୁମାର ସ୍ୱାଇଁ, ଅମୀୟ ରଂଜନ ସାହୁ, ପ୍ରସନ୍ନ କୁମାର ନାୟକ, ପ୍ରସାଦ କୁମାର ଲେଙ୍କା, କୁମାର ଜିତେନ୍ଦ୍ର ବିଶ୍ୱାଳ, ଜ୍ଞାନ ରଂଜନ ସାମଲ, ମାନସ ଦାସ, ସଂଜୟ ରାଉତ, ମହନୀ ଚରଣ ପ୍ରଧାନ, ପ୍ରମୋଦ ସାହୁ, ସପ୍ନେଶ୍ୱର ମଲିକ, ମହେଶ୍ୱର ସାହୁ ପ୍ରମୁଖ ସଂଘର କର୍ମକର୍ତ୍ତା ମାନେ ବକ୍ତବ୍ୟ ରଖି ଟାଟା ପାୱାରର ଗଣତାନ୍ତ୍ରିକ କାର୍ଯ୍ୟର ନିନ୍ଦା କରିଥିଲେ ।

ଶ୍ରମିକ ଛଟେଇ ବନ୍ଦ କରିବା, ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନର୍ବାର ଥଇଥାନ କରିବା ଓ ଚାକିରୀ ନିୟମିତ କରିବା, ଅଗଷ୍ଟ ୨୦୨୫ ର ବାକି ଥିବା ୧୨ ଦିନର ଦରମା ପ୍ରଦାନ କରିବା, ସମାନ କାମକୁ ସମାନ ଦରମା ମଜୁରୀ ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସର୍ବନିମ୍ନ ବେତନ ପ୍ରଦାନ କରିବା ଓ ଚିକିତ୍ସା ସୁବିଧା ଓ ଭବିଷ୍ୟ ନିଧି ପାଣ୍ଠି ପ୍ରଦାନ ଆଦି ଦାବି ଗୁଡିକ ଲାଗୁ କରିବା ପାଇଁ ସଭାରେ ଦାବି ଉପସ୍ଥାପନ କରାଯାଇ ଥିଲା । ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଚାଲୁ ରହିବ ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ମଲିକ ସୂଚନା ଦେଇଛନ୍ତି ।

## ବଢ଼ିଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମ ଫିଲଅପ୍ ଅବଧି

ନିଶ୍ଚିନ୍ତକୋଇଲି,୧୮।୫ (ସଂଚାର ବ୍ୟୁରୋ)ଃ ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ମାଟ୍ରିକ୍ ପରୀକ୍ଷାରେ ଯେଉଁ ଛାତ୍ର ଛାତ୍ରୀମାନେ ଅକୃତ କାର୍ଯ୍ୟ ହୋଇଥିଲେ ସେମାନେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଆବେଦନ କରିବାର ଅବଧି ତା.୧୮.୦୫.୨୦୨୬ରିଖ ଥିଲା। ହେଲେ ଏହି ସମୟସୀମା ମଧ୍ୟରେ ଛାତ୍ର ଛାତ୍ରୀମାନେ ଆବେଦନ କରିପାରିନଥିବାରୁ କଟକ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାଟ୍ରିକ ସପ୍ଲିମେଣ୍ଟାରୀ ଫର୍ମ ଫିଲପ୍ ଅବଧି ବୃଦ୍ଧି ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, କଟକଙ୍କୁ ନିବେଦନ କରିଥିଲେ। ନିବେଦନକୁ ଗୁରୁତ୍ୱ ଦେଇ ଆବେଦନ ଅବଧି ତା.୨୫.୦୫.୨୦୨୬ରିଖ କୁ ବୃଦ୍ଧି କରାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, କଟକ ସଭାପତି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀ ମାନେ ୨୫ତାରିଖ ମଧ୍ୟରାତ୍ର ଯାଏଁମାଟ୍ରିକ ସପ୍ଲିମେଣ୍ଟାରୀ ଫର୍ମ ଫିଲପ୍ ଅନଲାଇନ୍ ମାଧ୍ୟମରେ କରିପାରିବେ।

## ଶଶୀ ଭୂଷଣ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ଆଳି,୧୮।୫ (ସଂଚାର ବ୍ୟୁରୋ)ଃ ଶଶୀ ଭୂଷଣ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଭୂଇଁପୁର ପଂଚାୟତ କଳମଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି।ସେ ଥିଲେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ସ୍ୱର୍ଗତ ବିଶ୍ୱାଳ ଥିଲେ ୧୯୯୨ ରୁ ୧୯୯୭ ପର୍ଯ୍ୟନ୍ତ ଭୂଇଁପୁର ପଂଚାୟତର ସରପଞ୍ଚ ।ସରପଞ୍ଚ ସହିତ ଧର୍ମ ପରାୟଣ ବ୍ୟକ୍ତିତ ସହିତ ପରୋପକାରୀ, ମିଷ୍ଟଭାସି, ସହିତ ସେବା ଆଉ ତ୍ୟାଗପୁତ ଜୀବନର ସ୍ମୃତି ସାଉଁଟି ଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ପୌରହିତ୍ୟରେ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ଦଶରଥ ମଲ୍ଲିକ, ଭୂଇପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ସଂସିଧା ସରପଞ୍ଚ ଦୀପକ ଭୂୟାଁ, କଳସପୁର ସରପଞ୍ଚ ସୁଧୀର ମଲ୍ଲିକ, ପୂର୍ବତନ ସରପଞ୍ଚ ରୀତିକାନ୍ତ ନାୟକ ,ଗୋବିନ୍ଦ ଚନ୍ଦ୍ର ନନ୍ଦ ଶିକ୍ଷାବିତ ଦଶରଥ ସାର ପ୍ରମୁଖ ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ। ଶଶୀ ଭୂଷଣ ଙ୍କୁ ଭଲ ପାଉଥିବା ବହୁ ବ୍ୟକ୍ତି ବିଶେଷ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବା ସହିତ ଆତିଥ୍ୟ ଭୋଜନ କରିଥିଲେ।ଏକାଦଶାହ ଅବସରରେ ବନ୍ଧୁ ବାନ୍ଧବ ପ୍ରିୟ ପରିଜନ ଆତ୍ମୀୟ ସ୍ୱଜନ ଉପସ୍ଥିତ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ହାଟପାଟଣା କେନାଲ ବନ୍ଧ- ତୋଟାସାହି ରାସ୍ତାର ଶିଳାନ୍ୟାସ

### ନୂଆପାଟଣା ସେତୁ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୮।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ନୀଳ ଲକଣ୍ଠପୁର ପଞ୍ଚାୟତରେ ଜଳ ସମ୍ପଦ ବିଭାଗ ପକ୍ଷରୁ ନବ ନିର୍ମିତ ନୂଆପାଟଣା ସେତୁ ଉଦଘାଟନ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେତୁର ଶୁଭ ଉଦଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬କୋଟି ୪୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହାଟପାଟଣା କେନାଲବନ୍ଧ - ତୋଟାସାହି ଭାୟା ଜେନାସାହି ରାସ୍ତାର ଶୁଭ ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ ।

ଏହା ପରେ ହାଟପାଟଣା ଠାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ୭ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତି, ୧୫ନଂ ଜିଲ୍ଲାପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ,ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁବାଷ ଥାଟୋଇ ରଶ୍ମି ରଞ୍ଜନ ଗିରି, କେଶପୁର ପଞ୍ଚାୟତ ସରପଞ୍ଚ କଲ୍ୟାଣି ମଲ୍ଲିକ, ନିଳକଣ୍ଠପୁର ପଞ୍ଚାୟତ ଭାର ପ୍ରାପ୍ତ ସରପଞ୍ଚ ମାତାଜୀ ବାରିକ ସମିତି ସଭ୍ୟା ପଦ୍ମଜା ପ୍ରିୟଦର୍ଶିନୀ କର ଓ କେଶପୁର ସମିତି ସଦସ୍ୟା ବାସନ୍ତୀ ବେହେରା ପ୍ରମୁଖ ଯୋଗଦେଇ ବିଧାୟକ ଶ୍ରୀ ବେହେରାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ନୀଳକଣ୍ଠପୁର ଓ କେଶପୁର ପଞ୍ଚାୟତର ଜନସାଧାରଣଙ୍କ ଦୀର୍ଘଦିନର ଦାବୀ ପୂରଣ ହେବା ସହିତ ଉତ୍ତମ ଗମନାଗମନ ସୁବିଧା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ଏଥି ପାଇଁ ବିଧାୟକ ଶ୍ରୀବେହେରାଙ୍କୁ ସାଧୁବାଦ ଜଣାଇ ଥିଲେ । ଏହି ସାଧାରଣ ସଭାରେ ନୀଳକଣ୍ଠପୁର ଓ କେଶପୁର ଦୁଇଟି ପଞ୍ଚାୟତର ଜନସାଧାରଣଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ । ଏହି ସଭାରେ ସ୍ଥାନୀୟ ନେତୃବୃନ୍ଦ ସରପଞ୍ଚ ପ୍ରତିନିଧି ପ୍ରମୋଦ ମଲିକ ତପନ କୁମାର ଦାସ,ଜ୍ୟୋତି ପ୍ରକାଶ ରାଉତ, ହୃଷିକେଶ ପରିଡା, ବିଜୟ କୁମାର ଦାସ,ନିରଞ୍ଜନ ସାହାଣୀ, ମନୋରଞ୍ଜନ ଧଳ,ଲିଟୁ ଧଳ,ଚାନ୍ଦୁ ମହାଳିକ, ବାବୁଲି ଦେ, ଦିପକ ପ୍ରଧାନ, ନିରଞ୍ଜନ ଗୋଛାୟତ,ବୁଟା ଲେଙ୍କା ପ୍ରମୁଖ ଯୋଗ ଦେଇ ଉଦଘାଟନ ଓ ଶିଳାନ୍ୟାସ ଉତ୍ସବ ପରିଚାଳନା କରିଥିଲେ।

# ଶେଷ ହେଉନି ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ

### କେବେ ଦୂର ହେବ ଜଳ ସଙ୍କଟ ?



ଯାଜପୁର,୧୮।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଜିଲ୍ଲାର ଦାନଗଦି ବ୍ଲକର ୨୩ ପଞ୍ଚାୟତ, ସୁକିନ୍ଦା ବ୍ଲକର ୨୫ ପଞ୍ଚାୟତ, କୋରେଇ ବ୍ଲକ, ବ୍ୟାସନଗର ପୌରାଞ୍ଚଳ ସମେତ ସାରା ଜିଲ୍ଲାରେ ଏବେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧରଣ କରିଛି । ହେଲେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ନ ହେବାରୁ ଏଭଳି ପରିସ୍ଥିତି ଉପୁଜିଛି। ଅନ୍ୟ ପକ୍ଷରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ଖଣି ଖାଦାନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ଘଟୁଥିବାରୁ ଖରା ଦିନରେ ଟ୍ୟୁବୱେଲରୁ ପାଣି ବାହାରୁ ନାହିଁ। ଏପରିକି କୂଅ, ପୋଖରୀ ମଧ୍ୟ ଶୁଖି ଯାଉଥିବା ଦେଖାଯାଇଛି।

ଅନ୍ୟପକ୍ଷରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନିୟୋଜିତ ଥିବା ଠିକା ସଂସ୍ଥା ନିଜ ମାନମାନୀରେ କାର୍ଯ୍ୟ କରୁଥିବାରୁ ସରକାରଙ୍କ ଘରକୁ ଘର ପାଇପ ଯୋଗେ ପାନୀୟ ଜଳ ଯୋଗାଣକୁ ନେଇ ଏବେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଯାହାର ନମୁନା ଏବେ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ଫୁଲଝର ଗ୍ରାମର ହାଟ ପଡିଆରେ ନିର୍ମାଣଧୀନ ଓଭରହେଡ ପାଣି ଟାଙ୍କିରୁ।

ଦୀର୍ଘ ଦିନ ଧରି ଏହି ଓଭରହେଡ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଠିକାଦାରଙ୍କ ମନମାନିରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଜଟିଳ ହେବାକୁ ଲାଗିଛି। ଉକ୍ତ ଗ୍ରାମଟି ଅଦିବାସୀ ବହୁଳ ହୋଇଥିବାରୁ ଏହି ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ଓ ଶେଷର କିଛି ସୂଚନା ନଥିବାରୁ ଗରିବ ଅଦିବାସୀ ଗ୍ରାମବାସୀ ମାନକୁ ଅନ୍ଧକାରରେ ରଖି ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ ସମୟ ହେଲା କାମ ଚାଲିଛି। ଏ ପର୍ଯ୍ୟନ୍ତ ୭୦ ପ୍ରତିଶତରୁ କମ କାମ ହୋଇଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଉକ୍ତ ଗ୍ରାମରେ ବସବାସ କରୁଥିବା ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ଟୋପେ ପାଇବାରୁ ବଞ୍ଚିତ ହୋଇଛନ୍ତି।

ସରକାରଙ୍କ ପକ୍ଷରୁ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲାଗିବାର ନିୟମ ଥିବା ବେଳେ ଠିକା ସଂସ୍ଥା ଏହାକୁ ନ ଲଗାଇବା ସହ କାର୍ଯ୍ୟକୁ ଦୀର୍ଘ ଦିନ ଧରି ବନ୍ଦ ରଖିଛନ୍ତି। ଏହି ଓଭରହେଡ ପାଣି ଟାଙ୍କି ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏଥିରେ ଚିପ୍ସ ଓ ସିମେଣ୍ଟ ପରିମାଣ କମ ରହିବା ସହ ଆବଶ୍ୟକ ପାଣି ମଧ୍ୟ ଦିଆଯାଉ ନାହି । ଫଳରେ ପ୍ରକଳ୍ପର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଉକ୍ତ ପାନୀୟ ଜଳ ପ୍ରକଳ୍ପଟିକୁ କାର୍ଯକ୍ଷମ କରି ଜନସାଧାରଣଙ୍କୁ ପାଇପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା କ୍ଷେତ୍ରରେ ପଦକ୍ଷେପ ନେବାକୁ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ପାଟକୁରା ଥାନାଧିକାରୀ ଭାବେ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ଯୋଗଦାନ



ଗରଦପୁର,୧୮।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନାରେ ନୂତନ ଥାନା ଅଧିକାରୀ (ଆଇଆଇସି) ଭାବେ ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦାନ କରିଛନ୍ତି । ସେ ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନାରେ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ। ନୂତନ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଆଇନ ଶୃଙ୍ଖଳା ରକ୍ଷା, ସାଧାରଣ ଲୋକଙ୍କ ସୁରକ୍ଷା ଓ ଥାନାକୁ ଆସୁଥିବା ଅଭିଯୋଗର ଶୀଘ୍ର ସମାଧାନକୁ ସେ ପ୍ରାଥମିକତା ଦେବେ । ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ସହ ଜନସାଧାରଣଙ୍କ ସହ ଭଲ ସମ୍ପର୍କ ରଖି କାମ କରିବାକୁ ସେ ପ୍ରତିବଦ୍ଧ ବୋଲି କହିଛନ୍ତି । ତାଙ୍କ ଯୋଗଦାନକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ପ୍ରକାଶ ପାଇଛି ।

## ଜାହାଜ ଭିତରେ ଲୁଚି ଆସିଛନ୍ତି ଇଥିଓପିଆ ଯୁବକ



ପାରାଦ୍ୱୀପ,୧୮।୫(ସଂଚାର ବ୍ୟୁରୋ)ଃ ଜାହାଜ ଭିତରେ ଲୁଚି ଆସିଛନ୍ତି ଯୁବକ। ଏମଭି କାଜଆଇ ପର୍ଲ ବାଙ୍ଗଲାଦେଶୀ ପତାକା ଧାରୀ ଜାହାଜ ମଧ୍ୟରେ ଏହି ଯୁବକଙ୍କୁ ଠାବ କରାଯାଇଛି। ଯୁବକ ଜଣଙ୍କ ଇଥିଓପିଆ ନାଗରିକ ଓ ତାଙ୍କ ନାମ ଆବାୟା ତଡାସେ ଅଣ୍ଡଟେ ବୋଲି କୁହାଯାଉଛି। ଜାହାଜଟି ଗତ ୨୦୨୫ ମସିହା ଡିସେମ୍ବର ମାସରେ ସାଉଥ ଆଫ୍ରିକାର ଏକ ପୋର୍ଟରେ ଥିବାବେଳେ ଏହି ଯୁବକ ଜଣଙ୍କ କୌଣସି ମତେ ଜାହାଜକୁ ଲୁଚି ପଶି ଆସିଥିଲେ। କଙ୍ଗାବରମ ପୋର୍ଟରୁ ଆସି ପାରାଦୀପରେ ଜାହାଜଟି ପହଂଚି ଥିବା ବେଳେ ଜାହାଜ ଉପରେ ତିକ୍ଷ୍ଣ ନଜର ରଖିଛି କଷ୍ଟମ ବିଭାଗ ।



ପୁରୀ ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୁରୀ ସାଂସଦ ସମ୍ବିତ ପାତ୍ର, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ ଓ ଅନ୍ୟମାନେ ପୂଜା କରୁଛନ୍ତି।

# ରାଜ୍ୟରେ ତେଲ ସଂକଟ ନାହିଁ: ମୁଖ୍ୟ ସଚିବ

- ଆତଙ୍କିତ ନ ହେବାକୁ ଜନସାଧାରଣଙ୍କୁ ଅନୁରୋଧ
- ବିପଣନ କମ୍ପାନୀଙ୍କ ଦାବି ନିରବଚ୍ଛିନ୍ନ ଯୋଗାଣ ଜାରି



ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ରାଜ୍ୟରେ କୌଣସି ସ୍ଥାନରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଅଭାବ ନାହିଁ ବୋଲି ସୋମବାର ସରକାର ଦୃଢ଼ ଭାବରେ କହିଛନ୍ତି। ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସାରା ରାଜ୍ୟରେ ପେଟ୍ରୋଲ, ଡିଜେଲ, ଏଲପିଜି ଓ ୟୁରିଆ ଯୋଗାଣ ସ୍ୱାଭାବିକ ରହିଛି। ରାଜ୍ୟ କୌଣସି ଇନ୍ଧନ ସଙ୍କଟର ସମ୍ମୁଖୀନ ହେଉନାହିଁ। ଓଏମସିଗୁଡ଼ିକ ମହଜୁଦ ଓ କଳାବଜାରୀ ରୋକିବା ପାଇଁ ବଜାର ଉପରେ କଡ଼ା ନଜର ରଖିଥିବା ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ତେଲ ରହିଛି। ଲୋକଙ୍କୁ ଅଯଥାରେ ତୈଳ ପମ୍ପଗୁଡ଼ିକରେ ଭିଡ଼ ନ କରିବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ବେଆଇନ ଇନ୍ଧନ ମହଜୁଦ କରୁଥିବା ବ୍ୟକ୍ତିଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳମାନଙ୍କୁ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ ପଦକ୍ଷେପ ନେବାକୁ ତାଗିଦ କରିଛନ୍ତି।

ଅପରପକ୍ଷରେ ଆଇଓସିଏଲ୍, ବିପିସିଏଲ୍ ଓ ଏଚପିସିଏଲ୍ ଭଳି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନଙ୍କ ଦ୍ୱାରା ସାରା ରାଜ୍ୟରେ ନିରବଚ୍ଛିନ୍ନ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ଜାରି ରହିଛି ବୋଲି ତୈଳ ବିପଣନ କମ୍ପାନୀମାନେ ସ୍ପଷ୍ଟ କରିଛନ୍ତି। ରାଜ୍ୟର ସମସ୍ତ ବିତରଣ କେନ୍ଦ୍ରରେ ସ୍ଥିର, ନିରବଚ୍ଛିନ୍ନ ଓ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଯୋଗାଣ କରାଯାଉଥିବା ଏହି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନଙ୍କ ପକ୍ଷରୁ କୁହାଯାଇଛି। କମ୍ପାନୀମାନଙ୍କ ପକ୍ଷରୁ କୁହାଯାଇଛି ଯେ ଟର୍ମିନାଲ, ଡିପୋ ଏବଂ ରିଟେଲ ଆଉଟଲେଟ୍ ତଥା ପେଟ୍ରୋଲ ପମ୍ପଗୁଡ଼ିକୁ ନେଇ ଗଠିତ ସମ୍ପୂର୍ଣ୍ଣ ଜାଳେଣି ଯୋଗାଣ ଶୃଙ୍ଖଳ ବାଧାବିଘ୍ନ ବିନା ସୁରୁଖୁରୁରେ କାର୍ଯ୍ୟ କରୁଛି। ଜାଳେଣି ମହଜୁଦର ରିଅଲ୍ ଟାଇମ୍ ନିରୀକ୍ଷଣ କରାଯାଉଛି। ଏହା ବାଦ୍ ଘରୋଇ ଗ୍ରାହକମାନଙ୍କୁ ଏଲପିଜି ବିତରଣ ସର୍ବୋଚ୍ଚ ଅଗ୍ରାଧିକାରରେ ଦିଆଯାଉଛି ଏବଂ ଓଡ଼ିଶା ସାରା ଏହା ସ୍ୱାଭାବିକ ରହିଛି ବୋଲି ସୂଚନା ଦିଆଯାଇଛି।

# ମୋଦି ସରକାରଙ୍କ 'ଅମୃତ କାଳ' ବିଷ କାଳ ହୋଇଛି



ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଘୃଣିତ କାର୍ଯ୍ୟ ଏବଂ ଏହାକୁ କେବେ କ୍ଷମା କରାଯାଇ ପାରିବ ନାହିଁ ବୋଲି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି। କଂଗ୍ରେସ ସମୟରେ ଦୁର୍ନୀତି ଘଟିଲେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ନୈତିକତା ଦୃଷ୍ଟିରୁ ବିଦା କରାଯିବା ସହିତ ଦୋଷୀଙ୍କୁ ଦଣ୍ଡ ଦିଆଯାଇଛି। କିନ୍ତୁ ବିଜେପି ସରକାରରେ ମନ୍ତ୍ରୀଗଣ ଉତ୍ତରଦାୟିତ୍ୱ ନ ନେବା ଗଣତନ୍ତ୍ର ପାଇଁ ବିପଦ ବୋଲି ସେ କହିଛନ୍ତି।

ବିଧାୟକ ଅଶୋକ ଦାସ କହିଛନ୍ତି ଯେ ପ୍ରଶ୍ନପତ୍ର ପ୍ରଘଟ ଏକ ନିତିଦିନିଆ ଘଟଣା ହୋଇଛି। ସରକାରଙ୍କର ପ୍ରଶ୍ନପତ୍ର ଲିକ ଓ ବିକ୍ରି ସିଣ୍ଡିକେଟ ଚାଲିଛି। ଓଡିଶାରେ ପୁଲିସ ଏସଆଇ ଭର୍ତ୍ତି ଦୁର୍ନୀତିରେ ଛୋଟମାଛକୁ ଧରି ସରକାର ବାହାବାଃ ନେଉଥିବାବେଳେ ବଡ଼ ମାଛ ସବୁ ଖସି ପଳାଉଛନ୍ତି। ନୀତି ଓ ନୈତିକତାର କଥା କହୁଥିବା ଦଳ ନିଜ ଉପରକୁ ଆସିଲାବେଳକୁ ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଦେଉଛି। ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇ ନୀତି ନୈତିକତାର ଦୃଷ୍ଟାନ୍ତ ସୃଷ୍ଟି କରନ୍ତୁ ବୋଲି ସେ ଦାବି କରିଛନ୍ତି।

ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ, ମୋଦୀ ସରକାରରେ ଅମୃତ କାଳ ନିଯୁକ୍ତି-ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମୃତ କାଳ ସାବ୍ୟସ୍ତ ହୋଇଛି। ଅନେକ ଛାତ୍ରଛାତ୍ରୀ ନିଟ୍ ପେପର ଲିକ ଯୋଗୁ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ମୀପୁର ଖେରୀର ରିତିକ ମିଶ୍ର, ଦିଲ୍ଲୀର ୨୦ ବର୍ଷୀୟା ଅଂଶିକା ପାଣ୍ଡେ, ରାଜସ୍ଥାନର ଝୁନଝୁନୁର ପ୍ରଦୀପ ମେଘୱାଲ, ଗୋଆରେ ରହୁଥିବା ବେଙ୍ଗାଲୁରୁର ଛାତ୍ର - ସମସ୍ତେ ଏହି ଆତ୍ମଘାତୀ ପଦକ୍ଷେପ ନେଇଛନ୍ତି। ମୋଦୀ ଶାସନରେ ୯୦ ରୁ ଅଧିକ ପେପର ଲିକ୍ ହୋଇସାରିଛି। ୯ କୋଟିରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ବେକାରୀର ନିଆଁ ପୂର୍ବରୁ ହିଁ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ କରୁଛି। ବିଜେପି ସଂରକ୍ଷିତ ପେପର ଲିକ୍ ମାଫିଆ, ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପରୀକ୍ଷା କରାଇବା ସରକାରଙ୍କ ଦାବିର ଧଜିଆ ଉଡ଼ାଉଛି। ଏହା ବିଜେପିର ଅସଲ ସ୍ୱରୂପ ବୋଲି ସେ କହିଛନ୍ତି।

# ରାଜମହଲ ଛକରେ ବିଏମ୍‌ସିର ଥ୍ରୀଆର କିଓସ୍କ



## ଅଳିଆରୁ ହେବ ଘରସଜ୍ଜା ସାମଗ୍ରୀ

ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ରାଜମହଲ ଛକରେ ଖୋଲିଲା ଆଉ ଏକ ଥ୍ରୀ ଆର୍ ସେଣ୍ଟର ବା ରିଡ୍ୟୁସ୍, ରିସାଇକେଲ ଆଣ୍ଡ ରିୟୁଜ୍ କେନ୍ଦ୍ର। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ୱାର୍କ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଧର ବେହେରା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସ୍ଥାନୀୟ କର୍ପୋରେଟର ଆସିଆ ବେଗମ୍ ଉପସ୍ଥିତ ଥିଲେ। ଏହି ନୂତନ କେନ୍ଦ୍ରକୁ ମିଶାଇ ଭୁବନେଶ୍ୱରରେ ସମୁଦାୟ ୬ଟି ଥ୍ରୀଆର୍ କେନ୍ଦ୍ର ଖୋଲାଯାଇଛି। ପ୍ରତି ଜୋନରେ ୨ଟି ଲେଖାଏଁ କେନ୍ଦ୍ର ରହିଛି। ଇଷ୍ଟ ଜୋନରେ ଫିଡ୍ ବ୍ୟାକ୍ ଦୁଇଟି କେନ୍ଦ୍ରକୁ ପରିଚାଳନା କରୁଥିବା ବେଳେ ୱେଷ୍ଟ ଜୋନରେ ବିକାଶ ଏବଂ ନର୍ଥ ଜୋନରେ ବେସିକ୍ସ ଏହି କେନ୍ଦ୍ରଗୁଡିକୁ ପରିଚାଳନା କରୁଛନ୍ତି। ଏହି କେନ୍ଦ୍ରଗୁଡିକୁ ଜିନିଷ ପରିବହନ କରିବା ପାଇଁ ପ୍ରତି ଜୋନକୁ ଗୋଟିଏ ଲେଖାଏଁ ଗାଡି ବିଏମ୍‌ସି ଯୋଗାଇ ଦେଇଛି। ଏହି କେନ୍ଦ୍ରରେ ପୁନଃଉପଯୋଗୀ ଜିନିଷ ଯଥା ଖେଳନା, ଲୁଗାପଟା ଓ ପ୍ୟାଣ୍ଟ ଶାର୍ଟ, ବହି, ଚପଲ, ଫର୍ଣ୍ଣିଚର, ଟିଭି, ଫ୍ୟାନ୍, ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ସହ ଘରେ ଯାହା ପୁନଃବ୍ୟବହାର ହୋଇପାରିବ, ସେସବୁ ଜିନିଷ କେନ୍ଦ୍ରରେ ସଂଗ୍ରହ କରାଯାଉଛି। ଏହିସବୁ ଜିନିଷର ବିଭିନ୍ନ ପଦ୍ଧତିରେ ପୁନଃ ଚକ୍ରଣ କରି ସେଗୁଡିକୁ ପୁନଃ ବ୍ୟବହାର ଉପଯୋଗୀ କରାଯାଉଛି। ଯେଉଁମାନଙ୍କର ପୁନଃ ଉପଯୋଗୀ ଜିନିଷ ବ୍ୟବହୃତ ହେଉନାହିଁ, ସେଗୁଡିକୁ ଏହି ଥ୍ରୀ ଆର୍ କେନ୍ଦ୍ରରେ ଦେବା ପାଇଁ ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି। ଏଥିସହ ଆଜି ଆହୁରି ଦୁଇଟି ସୌରଚାଳିତ ୱାଟର୍ କିଓସ୍କ ମଧ୍ୟ ଉଦଘାଟିତ ହୋଇଯାଇଛି।

# ଗ୍ରାମାଞ୍ଚଳରେ ଶୈଶବ ଶିକ୍ଷଣକୁ ପ୍ରୋତ୍ସାହିତ କରୁଛି ବେଦାନ୍ତର ନନ୍ଦଘର




ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଓଡ଼ିଶାର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଅନେକ ପରିବାର ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସଂରଚିତ ଶିକ୍ଷା, ପୁଷ୍ଟିସାର ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାର ପ୍ରଥମ ଏବଂ ପ୍ରାୟତଃ ଏକମାତ୍ର ବିନ୍ଦୁ ହୋଇ ରହିଛି। ତଥାପି ଦୂରତା, ସୀମିତ ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ସଚେତନତା ଦ୍ୱାରା ସୃଷ୍ଟି ହୋଇଥିବା ଏହି ଅତ୍ୟାବଶ୍ୟକ ସେବା ପ୍ରଦାନ କରିବାରେ ନିରନ୍ତର ଚ୍ୟାଲେଞ୍ଜଗୁଡ଼ିକ ରହିଛି।

ବେଦାନ୍ତର ପ୍ରମୁଖ ସମ୍ପ୍ରଦାୟ ବିକାଶ ପ୍ରକଳ୍ପ, ନନ୍ଦ ଘର, ସମଗ୍ର ଭାରତରେ ଅଙ୍ଗନୱାଡିଗୁଡ଼ିକୁ ପୁଷ୍ଟିସାର, ଡିଜିଟାଲ୍ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମହିଳା ସଶକ୍ତିକରଣ ପାଇଁ ଆଧୁନିକ ସମ୍ପ୍ରଦାୟ କେନ୍ଦ୍ର ଭାବରେ ପୁନଃକଳ୍ପନା କରି ଏହି କାହାଣୀକୁ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ମାଧ୍ୟମରେ ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସହଭାଗୀତାରେ, ଝାରସୁଗୁଡ଼ା, ରାୟଗଡ଼ା ଏବଂ କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ ଶହ ଶହ ଅଙ୍ଗନୱାଡି କେନ୍ଦ୍ରକୁ ବେଦାନ୍ତ ନନ୍ଦଘରରେ ପରିଣତ କରି ଗ୍ରାମୀଣ ବିକାଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ (୨୦୧୯-୨୧) ଅନୁଯାୟୀ, ଓଡ଼ିଶାରେ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ମଧ୍ୟରୁ ପ୍ରାୟ ୬୫ ପ୍ରତିଶତ ରକ୍ତହୀନତାରେ ପୀଡ଼ିତ, ଯାହା ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବର୍ଷଗୁଡ଼ିକରେ ଉଚ୍ଚ ସ୍ତରର ପୁଷ୍ଟିକର ଦୁର୍ବଳତାକୁ ସୂଚିତ କରେ। ନୀତି ଆୟୋଗ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ ଆହୁରି ଉଲ୍ଲେଖ କରେ ଯେ ରାଜ୍ୟର ଅଧିକାଂଶ ଜିଲ୍ଲା କୁପୋଷଣକୁ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ଚିନ୍ତା ଭାବେ ରିପୋର୍ଟ କରିଆସୁଛନ୍ତି। ସମନ୍ୱିତ ଶିଶୁ ବିକାଶ ସେବା ଓ ପୋଷଣ ୨.୦ ଭଳି ଜାତୀୟ ପଦକ୍ଷେପଗୁଡ଼ିକ ପ୍ରବେଶକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଥିବା ବେଳେ ଏବେ ଏହା ନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ଯେ ସେମାନେ ତୃଣମୂଳ ସ୍ତରରେ ପୁଷ୍ଟିସାର, ଶିକ୍ଷଣ ଏବଂ ସ୍ୱାସ୍ଥ୍ୟ ଫଳାଫଳରେ ମାପଯୋଗ୍ୟ ଉନ୍ନତିରେ ପରିଣତ କରିପାରିବେ। ଏହି ପ୍ରୟାସକୁ ବୃଦ୍ଧି କରିବା ପାଇଁ ନନ୍ଦଘରଗୁଡ଼ିକ ଭଲ ଭାବେ ଅବସ୍ଥିତ, ଭାରତର ସର୍ବବ୍ୟାପୀ ଅଙ୍ଗନୱାଡିଗୁଡ଼ିକୁ ଆଧୁନିକ, ସମ୍ପ୍ରଦାୟ-କୈନ୍ଦ୍ରିକ ସ୍ଥାନଗୁଡ଼ିକରେ ପରିଣତ କରିବା ଯାହା ପ୍ରାରମ୍ଭିକ ଶିକ୍ଷା, ପୁଷ୍ଟିସାର ଓ ମହିଳା ସଶକ୍ତିକରଣ ପାଇଁ ସହଜ ପ୍ରବେଶ ପ୍ରଦାନ କରେ।

# ଆଇଏଏସ୍ ପ୍ରୋବେସନରଙ୍କୁ 'ଟିମ୍ ଅର୍ବାନ୍'ର ଦିଗଦର୍ଶନ



ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଓଡ଼ିଶାର କ୍ରମବିକଶିତ ସହରାଞ୍ଚଳ ଶାସନ ଗଠନତନ୍ତ୍ର ଓ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍‌ର ୬ ଜଣ ଆଇଏଏସ୍ ପ୍ରୋବେସନରଙ୍କ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଓ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଉପସ୍ଥାପନା କରିଥିଲେ। ଆଲୋଚନା ସମୟରେ 'ଟିମ୍ ଅର୍ବାନ୍' ପକ୍ଷରୁ ପ୍ରୋବେସନରମାନଙ୍କୁ ସହରାଞ୍ଚଳର ପ୍ରମୁଖ ଯୋଜନା ଯଥା ସୁଲଭ ମୂଲ୍ୟରେ ବାସଗୃହ, ଜଳ ଯୋଗାଣ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ସମନ୍ୱିତ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନୀତିଗତ ନିଷ୍ପତ୍ତିଗୁଡ଼ିକୁ କିଭଳି ପ୍ରଭାବଶାଳୀ ଜନସେବାରେ ରୂପାନ୍ତରିତ କରାଯାଉଛି, ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ।

ଉନ୍ନତ ସହରାଞ୍ଚଳ ସେବା ପ୍ରଦାନ ପାଇଁ ନୂତନତ୍ୱ, ତଥ୍ୟ-ଆଧାରିତ ଯୋଜନା ଓ ଆନ୍ତଃ-ବିଭାଗୀୟ ସମନ୍ୱୟର ବ୍ୟବହାର କରିବା ସହ ତୃଣମୂଳ ସ୍ତରର ବାସ୍ତବତା ସହ ଜଡ଼ିତ ରହିବାକୁ ଯୁବ ଅଧିକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଆଲୋଚନାଚକ୍ର ପରେ ପ୍ରୋବେସନରମାନଙ୍କୁ ଆହାର କେନ୍ଦ୍ର, ବିଏସ୍‌ଏବିଟି ପରିସରକୁ ନିଆଯାଇଥିବା ବେଳେ ସେଠାରେ ସେମାନେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ସହରାଞ୍ଚଳ ସେବା ପ୍ରଦାନ ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟା-ଚଳିତ ଶାସନ ବ୍ୟବସ୍ଥାର ବାସ୍ତବିକ କାର୍ଯ୍ୟଧାରାକୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ।

# ଧାରଣାରେ 'ଆମ ବସ୍' କର୍ମଚାରୀ

## ସଠିକ୍ ସମୟରେ ଦରମା ଓ ଅନ୍ୟାନ୍ୟ ସୁବିଧା ଦାବି

ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ୪ ଦଫା ଦାବି ନେଇ ଆଜିଠାରୁ ପାତ୍ରପଡ଼ା ଭଗବାନପୁର 'ଆମ ବସ' ଡିପୋରେ ଆନ୍ଦୋଳନ ଆରମ୍ଭ କରିଛନ୍ତି 'ଆମ ବସ' କର୍ମଚାରୀ। ଦରମା ପ୍ରଦାନରେ ବିଳମ୍ବ, ଇପିଏଫ୍ ଓ ଇଏସ୍‌ଆଇ ସୁବିଧା ସମସ୍ୟା ସହ ବିଭିନ୍ନ ଦାବିକୁ ନେଇ ଭୋର ୪ଟାରୁ କର୍ମଚାରୀମାନେ ଧାରଣା ଆରମ୍ଭ କରିଛନ୍ତି। ଆନ୍ଦୋଳନ ପ୍ରଭାବରେ ବର୍ତ୍ତମାନ ୪୫ଟି ରୁଟରେ ୧୧୭ଟି ଆମ ବସ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହୋଇପଡ଼ିଛନ୍ତି।



କର୍ମଚାରୀମାନଙ୍କ ପ୍ରଥମ ଦାବି ହେଉଛି ଠିକ୍ ସମୟରେ ଦରମା ପ୍ରଦାନ। ଦ୍ୱିତୀୟ ଦାବି ଭାବେ ସଠିକ୍ ସମୟରେ ଇପିଏଫ୍ ଓ ଇଏସ୍‌ଆଇ ସୁବିଧା ଯୋଗାଇଦେବାକୁ କର୍ମଚାରୀମାନେ ଅଡ଼ି ବସିଛନ୍ତି। ସେହିପରି ତୃତୀୟ ଦାବି ଅନୁସାରେ, ପ୍ରତ୍ୟେକ କର୍ମଚାରୀଙ୍କୁ ୩୦ଟି ଡ୍ୟୁଟିରୁ ଅଧିକ କାମ ନ ଦେଇ ୨୬ଟି ଡ୍ୟୁଟି ଓ ୪ଟି ଛୁଟି ସୁନିଶ୍ଚିତ କରିବା ସହ ଏହାକୁ ଲିଖିତ ଆକାରରେ ଦେବା ସକାଶେ ସେମାନେ ଦାବି କରିଛନ୍ତି। ସେହିପରି ଏଫ୍‌ସି କିମ୍ବା ଏଫ୍‌ଏନ୍‌ସି କେସ୍‌ରେ ଯାତ୍ରୀଙ୍କ ଜରିମାନା କମ୍ ଥିଲେ ମଧ୍ୟ କର୍ମଚାରୀଙ୍କୁ ୫ ହଜାର ଟଙ୍କା ଜରିମାନା ଓ ୫ ଦିନ ଡ୍ୟୁଟି ବନ୍ଦ ଭଳି କଠୋର ପଦକ୍ଷେପ ନେଉଥିବାରୁ ଏହାର ସମାଧାନ ପାଇଁ ମଧ୍ୟ କର୍ମଚାରୀମାନେ ଦାବି ଉଠାଇଛନ୍ତି। ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ସ୍ପଷ୍ଟ କରିଦେଇଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ ଆନ୍ଦୋଳନରତ କର୍ମଚାରୀଙ୍କ ସହ କୌଣସି ଉପରିସ୍ଥ ଅଧିକାରୀ ଆଲୋଚନା କରିନାହାନ୍ତି।

**ସରକାରୀ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ**

# ନେତାଙ୍କୁ ମିଳୁଛି ସରକାରଙ୍କ ଛତ୍ରଛାୟା: ବିଜେଡି




ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଗତ ୧୬ ତାରିଖରେ ପୁଣିଥରେ ଜଣେ ସରକାରୀ ଅଧିକାରୀ ବିଜେପି ନେତା ଅରିନ୍ଦମ ରାୟଙ୍କ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି। ବିଜେପି କ୍ଷମତାକୁ ଆସିବା ପରେ ଦଳର ନେତା ଓ କର୍ମୀ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଓ ଘଟଣାରେ ସରକାର ଚୁପ ରହିବାକୁ ନେଇ କଡ଼ା ସମାଲୋଚନା କରିଛି ବିଜେଡି।

### ଅରିନ୍ଦମ ରାୟଙ୍କୁ କ'ଣ ପାଇଁ ଗିରଫ କରାଯାଉନି ସରକାର?

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍‌ସିତା ସାହୁ ଓ ଦଳର ମୁଖପାତ୍ର ଡ ଲେନିନ ମହାନ୍ତି ବିଜେପି ସରକାରରେ ସରକାରୀ ଅଧିକାରୀମାନେ ବାରମ୍ବାର ଦୁର୍ବ୍ୟବହାରର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ହିଂସା, ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ସରକାରଙ୍କ ଛତ୍ରଛାୟା ତଳେ ରହି ହିଂସା ଘଟାଇବାକୁ ପଛାଉ ନାହାନ୍ତି ବିଜେପି ନେତା ଓ କର୍ମୀ। ଏପରି ଘଟଣାରେ ସରକାର ଚୁପ ରହିବା ଦୁର୍ଭାଗ୍ୟଜନକ।

ସେହିପରି ଶ୍ରୀମତୀ ସାହୁ କହିଥିଲେ ଯେ ବିଜେପି ନେତା ଅରିନ୍ଦମ ରାୟ ଦୁଇ ଦିନ ତଳେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଯେଉଁଭଳି ଭାବେ ଜଣେ ଏବିଡିଓଙ୍କୁ ଦୁର୍ବ୍ୟବହାର କଲେ ତାହା ଅତ୍ୟନ୍ତ ଦୁଃଖଦାୟକ। ଅରିନ୍ଦମ କେବଳ ଅଭଦ୍ରାମୀ କରିନାହାନ୍ତି, ଔଦ୍ଧତ୍ୟର ସବୁ ସୀମା ଟପିଯାଇଛନ୍ତି। ସରକାରୀ ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର କରିବା ସମୟରେ ଆଠଗଡ଼ର ଜଣେ ବିଜେପି ନେତା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ବିଜେପି ସରକାରରେ ମୂର୍ଖମାନେ ଅଭଦ୍ରାମୀ କରୁଥିବା ବେଳେ ପଣ୍ଡିତମାନେ ବସି ସେମାନଙ୍କ ମାଙ୍କଡ଼ ନାଚ ଦେଖୁଛନ୍ତି। ଡ ମହାନ୍ତି କହିଥିଲେ ଯେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅରିନ୍ଦମ ରାୟ ଏବିଡିଓଙ୍କୁ ଦୁର୍ବ୍ୟବହାର କରିବା ଓ ଜଣେ ମହିଳା ଜିପିଓଙ୍କ ସହ ଯେଉଁଭଳି ଭାବେ ବଚସା କଲେ ତାହା ଅତ୍ୟନ୍ତ ନିନ୍ଦନୀୟ।



# 'ଶିଶୁ ସୁରକ୍ଷା ଆବଶ୍ୟକତା' ସଂକ୍ରାନ୍ତ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁଲିସ ଭବନଠାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ)ର 'ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ' (ସିସିଆର୍) ଏବଂ ଓଡ଼ିଶା ପୁଲିସର ମହିଳା ଓ ଶିଶୁ ଅପରାଧ ଶାଖା (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ର ମିଳିତ ଆନୁକୂଲ୍ୟରେ 'ଶିଶୁ ସୁରକ୍ଷାର ଆବଶ୍ୟକତା' ଶୀର୍ଷକ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ପୁଲିସରେ କାର୍ଯ୍ୟ କରୁଥିବା ପୁଲିସ କର୍ମଚାରୀ ଏବଂ ମହିଳା ଓ ଶିଶୁ ଅପରାଧ ଶାଖାର ପୁଲିସ ଅଧିକାରୀମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ନିୟମ ବିଷୟରେ ଅବଗତ କରାଇବା ସହ ସେମାନଙ୍କ ମଧ୍ୟରେ ଏକ ଶିଶୁ-ଅନୁକୂଳ ମନୋଭାବ ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତାଲିମ୍ ଶିବିରର ପ୍ରଥମ ଦିନରେ ଭୁବନେଶ୍ୱରର ପୁଲିସ ଭବନସ୍ଥିତ କନଭେନସନ ହଲ୍‌ଠାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମଗୁଡ଼ିକ ରସୁଲଗଡ଼ସ୍ଥିତ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ। ଶିବିରର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀ ଓ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ।

ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ଥାନା ସ୍ତରରେ ଏହାର ସଠିକ୍ ପ୍ରୟୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଆଜିକାଲି ପିଲାମାନେ ଡିଜିଟାଲ ଦୁନିଆରେ ବହୁତ ମାତ୍ରାରେ ଜଡ଼ିତ ରହୁଛନ୍ତି, ଯାହା ଫଳରେ ସେମାନେ ନିଜ ମନର କଥା ଓ ସମସ୍ୟା କାହାକୁ ସହଜରେ କହିପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କର ଡିଜିଟାଲ ସୁରକ୍ଷା, ସାଇବର ସୁରକ୍ଷା, ସାଇବର ବୁଲିଂର ପ୍ରତିକାର ଓ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ଶାଖା) ସାଇନି ଏସ୍ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିଶୁ ସୁରକ୍ଷା ମାମଲାରେ ସର୍ବଦା ଅଧିକ ସମ୍ବେଦନଶୀଳ ଓ ଯତ୍ନବାନ ହେବାକୁ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ଡିନ୍, ଏକାଡେମିକ୍ସ, ଏନ୍‌ଏଲ୍‌ୟୁଓ ପ୍ରଫେସର ଡଲି ଜବଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିରାଜ ସ୍ୱାଇଁ (ନିର୍ଦ୍ଦେଶକ, ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ, ଏନ୍‌ଏଲ୍‌ୟୁଓ) ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ଓ ସାମ୍ପ୍ରତିକ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ବିଜ୍ଞାପନ ହୋର୍ଡିଂ, କୋଟି କୋଟି ବାକି ଗଡୁଛି




ଭୁବନେଶ୍ୱର, ୧୮।୫: ସହରାଞ୍ଚଳରେ ଲଗାଯାଉଥିବା ବିଜ୍ଞାପନ ହୋର୍ଡିଂରୁ ସରକାରଙ୍କ ରାଜକୋଷକୁ ବର୍ଷକୁ ଯେତିକି ଅର୍ଥ ଆସୁଛି ପାଖପାଖି ସେତିକି ପରିମାଣର ଅର୍ଥ ହୋର୍ଡିଂ ଲଗାଇଥିବା ବିଭିନ୍ନ ସଂସ୍ଥା ଉପରେ ବାକିଆ ଅର୍ଥ ଗଡୁଛି। ସରକାର ବାକି ଗଡାଉଥିବା ସଂସ୍ଥା ଉପରେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ରାଜକୋଷକୁ ଏ ବାବଦୀୟ ଅର୍ଥ ଆସିପାରୁ ନାହିଁ।

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ସଂସ୍ଥାମାନେ ପାଖାପାଖି ହଜାରେ ବିଜ୍ଞାପନ ହୋର୍ଡିଂ ଲଗାଇଛନ୍ତି। ହୋର୍ଡିଂ ଲଗାଇବା ବାବଦରେ ଏହିସବୁ ସଂସ୍ଥାମାନେ ବିଏମ୍‌ସିକୁ ବର୍ଷକୁ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପ୍ରଦାନ କରୁଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୧୬ କୋଟି ଟଙ୍କାକୁ ଟପିଯାଇଛି। ଏହିସବୁ ସଂସ୍ଥାମାନେ ବିଜ୍ଞାପନଦାତାଙ୍କ ଠାରୁ ଅର୍ଥ ପାଉଥିବାବେଳେ ସରକାର ଧାର୍ଯ୍ୟ କରିଥିବା ଟିକସ ବାବଦୀୟ ଅର୍ଥ ପ୍ରଦାନ କରିଥାନ୍ତି। ବିଜ୍ଞାପନ ବାବଦକୁ ବର୍ଷକୁ ବର୍ଷ ସରକାର ପାଉଥିବା ଟିକସର ପରିମାଣ ବଢ଼ିବାରେ ଲାଗିଛି।

ତେବେ ଦେଖିବାକୁ ମିଳିଛି ଯେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବିଜ୍ଞାପନ ହୋର୍ଡିଂ ମାରିଥିବା ୧୮ଟି ସଂସ୍ଥା କୋଟି କୋଟି ଟଙ୍କାର ଟିକସ ପଇଠ କରିନାହାନ୍ତି। ଦୁଇଟି ସଂସ୍ଥାଙ୍କର ବାକିଆ ଅର୍ଥ ୨କୋଟି ଟଙ୍କାରୁ ଅଧିକ ଥିବାବେଳେ ଆଉ ଦୁଇଟି ସଂସ୍ଥାର ବାକିଆ ଅର୍ଥ ୧ କୋଟି ଟଙ୍କାରୁ ଅଧିକ ରହିଛି। ସର୍ବନିମ୍ନ ବାକିଆ ପରିମାଣ ପାଖାପାଖି ୧୪ଲକ୍ଷ ଟଙ୍କା ରହିଛି। ଏହିଭଳି ଉକ୍ତ ସଂସ୍ଥାମାନେ ୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବାକି ରଖିଛନ୍ତି।

ବିଜ୍ଞାପନ ହୋର୍ଡିଂ ମାରୁଥିବା ସଂସ୍ଥାଗୁଡିକ ବିଜ୍ଞାପନଦାତାଙ୍କ ଠାରୁ ବହୁ ସ୍ଥଳରେ ଚୁକ୍ତିନାମା କରି ଆଗୁଆ ଅର୍ଥ ଆଣୁଥିବାବେଳେ ସରକାରଙ୍କୁ ପଇସା ଦେବାରେ କିନ୍ତୁ କୁଣ୍ଠ କୁଣ୍ଠ ହେଉଛନ୍ତି। ଏମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଅର୍ଥ ପଇଠ କରୁନଥିବା କେତେକ ସଂସ୍ଥାର ହୋର୍ଡିଂକୁ ବି କର୍ତ୍ତୃପକ୍ଷ କାଢ଼ି ଦେଉଛନ୍ତି। ତଥାପି ଅନେକ ସଂସ୍ଥା ସରକାରଙ୍କୁ ଟିକସ ଅର୍ଥ ଦେବାକୁ ରାଜି ହେଉନାହାନ୍ତି।

ସରକାରୀ ହିସାବରେ ପାଖାପାଖି ହଜାରେଟି ହୋର୍ଡିଂ ବିଏମ୍‌ସି ଅଞ୍ଚଳରେ ଲାଗିଥିବାବେଳେ ଏଥିରେ ଉଭୟ ସରକାରୀ ଓ ବେସରକାରୀ ବିଜ୍ଞାପନ ରହିଛି। କିନ୍ତୁ ସରକାରଙ୍କ ତାଲିକା ବାହାରେ ବେଆଇନ୍ ଭାବେ ଏକାଧିକ ବିଜ୍ଞାପନ ହୋର୍ଡିଂ ଲଗାଇ ବିଭିନ୍ନ ସଂସ୍ଥା କୋଟି କୋଟି ଟଙ୍କା ଆୟ କରୁଥିବାବେଳେ ଏହାର ଟିକସ କିନ୍ତୁ ରାଜକୋଷକୁ ଆସେ ନାହିଁ। ଅର୍ଥ ଆଦାୟ ପାଇଁ ବହୁ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ହୋର୍ଡିଂଗୁଡିକ ଲଗାଯାଉଥିବାବେଳେ ଏଥିଯୋଗୁଁ ଦୁର୍ଘଟଣା ବି ଘଟୁଛି। ଇତି ମଧ୍ୟରେ ପ୍ରାୟ ୫୦ଟି ବିପଦସଙ୍କୁଳ ହୋର୍ଡିଂକୁ କର୍ତ୍ତୃପକ୍ଷ ହଟାଇ ସାରିଲେଣି।

କେବଳ ଭୁବନେଶ୍ୱର ମହାନଗର ନିଗମ ନୁହେଁ, ବ୍ରହ୍ମପୁର ମହାନଗର ନିଗମରେ ବି ୧୫ଟି ସଂସ୍ଥା ବିଜ୍ଞାପନ ହୋର୍ଡିଂ ବାବଦରେ ସରକାରଙ୍କୁ କୋଟି କୋଟି ଟଙ୍କା ପ୍ରଦାନ କରିନାହାନ୍ତି। କେବଳ କଟକ ଓ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିଜ୍ଞାପନ ବାବଦରେ କୌଣସି ବକେୟା ନଥିବା ଜଣାଯାଇଛି। ସମ୍ବଲପୁର ମହାନଗର ନିଗମର ଏ ବାବଦରେ ଗୋଟିଏ ସଂସ୍ଥା ଉପରେ ୬୨ଲକ୍ଷ ଟଙ୍କାରୁ ଅଧିକ ବକେୟା ଗଡୁଛି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୧୯ ମେ ୨୦୨୬, ଭୁବନେଶ୍ୱର
Tuesday 19 May 2026, Bhubaneswar

# ସହଯୋଗ ଓ ସଂଘର୍ଷର ଅଧ୍ୟାୟ

୧୯୯୬ ମସିହାରେ ଭାରତ ଓ ବାଂଲାଦେଶ ମଧ୍ୟରେ ଗଙ୍ଗା ଜଳ ବଣ୍ଟନ ସନ୍ଧି ହେବା ଏକ ଐତିହାସିକ ଘଟଣା ଥିଲା। ଫାରାକ୍କା ବ୍ୟାରେଜ୍ରୁ ଶୁଷ୍କ ଋତୁ (ଜାନୁଆରୀରୁ ମେ ମାସ) ପର୍ଯ୍ୟନ୍ତ ଜଳ ବଣ୍ଟନ ପାଇଁ ଏହି ୩୦ ବର୍ଷୀୟ ସନ୍ଧି ଦୁଇ ଦେଶର



ସମ୍ପର୍କରେ ଏକ ନୂତନ ଆଶା ସୃଷ୍ଟି କରିଥିଲା। କିନ୍ତୁ ୨୦୨୬ ଡିସେମ୍ବରରେ ଏହାର ମିଆଦ ଶେଷ ହେବା ସହିତ ଏହି ସନ୍ଧିର ନବୀକରଣ ବିଷୟରେ ବିତର୍କ ଓ ଆଲୋଚନା ଜୋର୍ଦାର ହୋଇଛି। ଏହା କେବଳ ଜଳ ବଣ୍ଟନର ପ୍ରଶ୍ନ ନୁହେଁ, ବରଂ ଦୁଇ ପ୍ରତିବେଶୀ ଦେଶର ବିଶ୍ୱାସ, ପରିବେଶ ଓ ଆର୍ଥିକ ସ୍ଥିରତାର ପ୍ରଶ୍ନ।

ଗଙ୍ଗା ନଦୀ ଉଭୟ ଦେଶର ପାଇଁ ଜୀବନ ଧାରା। ଭାରତର ପଶ୍ଚିମବଙ୍ଗରେ କଲକାତା ବନ୍ଦର ଓ କୃଷି ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେପରି ବାଂଲାଦେଶର ଦକ୍ଷିଣ-ପଶ୍ଚିମ ଅଞ୍ଚଳର କୃଷି, ମତ୍ସ୍ୟ ଚାଷ, ପାନୀୟ ଜଳ ଓ ପରିବେଶ ପାଇଁ ଏହା ଅପରିହାର୍ଯ୍ୟ। ୧୯୭୫ରେ ଫାରାକ୍କା ବ୍ୟାରେଜ୍ ଚାଲୁ ହେବା ପରେ ବାଂଲାଦେଶରେ ଜଳ ଅଭାବ, ଲବଣାକ୍ତତା ଓ ପରିବେଶ କ୍ଷତିର ଅଭିଯୋଗ ଉଠିଥିଲା। ଅନେକ ସ୍ୱଳ୍ପକାଳୀନ ଚୁକ୍ତି ପରେ ୧୯୯୬ରେ ଏହି ସନ୍ଧି ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଫାରାକ୍କାରେ ଉପଲବ୍ଧ ଜଳ ଉପରେ ଆଧାର କରି ବଣ୍ଟନ ସୂତ୍ର ନିର୍ଦ୍ଧାରିତ ହୋଇଛି: ୭୦,୦୦୦ କ୍ୟୁସେକ୍ ବା କମ୍ ଥିଲେ ୫୦:୫୦ ବଣ୍ଟନ, ଅଧିକ ଥିଲେ ନିର୍ଦ୍ଦିଷ୍ଟ ପରିମାଣ ଆଦି। ମାର୍ଚ୍ଚ-ମେ ମଧ୍ୟରେ ବିକଳ୍ପ ୧୦-ଦିନ ଚକ୍ରରେ ନ୍ୟୂନତମ ଗ୍ୟାରେଣ୍ଟି ମଧ୍ୟ ରହିଛି।

ଏହି ସନ୍ଧିର ସଫଳତା ଓ ସୀମା ଉଭୟ ରହିଛି। ଏକ ଦୀର୍ଘକାଳୀନ ଚୁକ୍ତି ହେବା ଫଳରେ ରାଜନୈତିକ ବିଶ୍ୱାସ ବଢ଼ିଥିଲା ଓ ଅନ୍ୟାନ୍ୟ ନଦୀ ସମସ୍ୟାର ଆଲୋଚନାର ଦ୍ୱାର ଖୋଲିଥିଲା। କିନ୍ତୁ ବାଂଲାଦେଶରେ ଅନେକ ସମୟରେ ଅଭିଯୋଗ ଉଠୁଛି ଯେ ପ୍ରକୃତ ଜଳ ପ୍ରାପ୍ତି ସନ୍ଧି ଅନୁଯାୟୀ ହୋଇ ନାହିଁ। ଜଳବାୟୁ ପରିବର୍ତ୍ତନ, ଉପନଦ୍ରୀୟ ଅଞ୍ଚଳରେ ଜଳ ବ୍ୟବହାର ବୃଦ୍ଧି, ବର୍ଷା ପ୍ରକୃତିର ପରିବର୍ତ୍ତନ ଓ ସେଡିମେଣ୍ଟ ହ୍ରାସ ଯୋଗୁଁ ପୁରୁଣା ତଥ୍ୟ (୧୯୪୯-୮୮) ଉପରେ ଆଧାରିତ ସୂତ୍ର ବର୍ତ୍ତମାନ ପରିସ୍ଥିତି ସହିତ ମେଳ ଖାଉ ନାହିଁ। ଭାରତର ପକ୍ଷରୁ କଲକାତା ବନ୍ଦର ଓ ବିଦ୍ୟୁତ୍ ଉତ୍ପାଦନର ଆବଶ୍ୟକତା ବୃଦ୍ଧି ପାଇଛି।

ନବୀକରଣ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ପ୍ରଥମତଃ, ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ସନ୍ଧିକୁ ଆଧୁନିକୀକରଣ କରିବା ଆବଶ୍ୟକ। ନ୍ୟୂନତମ ଜଳ ଗ୍ୟାରେଣ୍ଟି, ବୃଷ୍ଟିପାତ ଓ ପ୍ରବାହ ମନିଟରିଙ୍ଗ୍ ପାଇଁ ଯୁଗ୍ମ ପ୍ରଯୁକ୍ତି ବ୍ୟବହାର, ସେଡିମେଣ୍ଟ ଓ ପରିବେଶ ରକ୍ଷା ପାଇଁ ଧାରା ସମ୍ମିଳିତ କରିବା ଉଚିତ୍। ଦ୍ୱିତୀୟତଃ, କେବଳ ଗଙ୍ଗା ନୁହେଁ, ତିସ୍ତା, ବ୍ରହ୍ମପୁତ୍ର ଆଦି ଅନ୍ୟାନ୍ୟ ୫୪ ସୀମାନ୍ତ ନଦୀର ସମନ୍ୱିତ ପରିଚାଳନା ପାଇଁ ଏକ ବ୍ୟାପକ ଫ୍ରେମ୍ୱାର୍କ ତିଆରି କରିବା ଦରକାର। ତୃତୀୟତଃ, ବିବାଦ ସମାଧାନ ପାଇଁ ଅଧିକ ସ୍ପଷ୍ଟ ଓ କାର୍ଯ୍ୟକାରୀ ବ୍ୟବସ୍ଥା ଥିବା ଆବଶ୍ୟକ।

ଏହି ସନ୍ଧି ଦୁଇ ଦେଶର ସମ୍ପର୍କର ପରୀକ୍ଷା। ବାଂଲାଦେଶରେ ରାଜନୈତିକ ପରିବର୍ତ୍ତନ ପରେ ସମ୍ପର୍କରେ କିଛି ଉତ୍ତେଜନା ଥିବା ସତ୍ତ୍ୱେ ଜଳ ସମସ୍ୟା ଏକ ରାଜନୈତିକ ହାତିଆର ହେବା ଉଚିତ୍ ନୁହେଁ। ଉଭୟ ଦେଶର ଜନସାଧାରଣର ଜୀବିକା ଓ ପରିବେଶ ଏହା ସହିତ ଜଡ଼ିତ। ଭାରତର ପକ୍ଷରୁ ପଶ୍ଚିମବଙ୍ଗ ସରକାରର ମତାମତ ଓ କେନ୍ଦ୍ରର ନୀତି ମଧ୍ୟରେ ସମନ୍ୱୟ ଆବଶ୍ୟକ। ଗଙ୍ଗା କେବଳ ଜଳ ନୁହେଁ, ଏହା ସଂସ୍କୃତି, ଧର୍ମ ଓ ଇତିହାସର ପ୍ରତୀକ। ଏହାକୁ ବଣ୍ଟନ କରିବା ସହିତ ଏହାର ସଂରକ୍ଷଣ ମଧ୍ୟ ଆମର ଦାୟିତ୍ୱ। ନବୀକରଣ ସମୟରେ ବିଜ୍ଞାନଭିତ୍ତିକ ତଥ୍ୟ, ପାରସ୍ପରିକ ବିଶ୍ୱାସ ଓ ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀ ନେଇ ଏକ ନୂତନ, ଅଧିକ ନ୍ୟାୟୋଚିତ ଓ ଜଳବାୟୁ-ସହନଶୀଳ ସନ୍ଧି ପ୍ରସ୍ତୁତ କରିବା ଉଚିତ୍। ଏହା ଦୁଇ ଦେଶର ମିତ୍ରତାକୁ ମଜବୁତ କରିବ ଓ ଦକ୍ଷିଣ ଏସିଆରେ ପାଣି କୂଟନୀତିର ଏକ ଉଦାହରଣ ସ୍ଥାପନ କରିବ।

# ଝାଳ ମୋର ଶ୍ରେୟ ତାଙ୍କର

**ଦିପ୍ତିମୟୀ ନାୟକ**



ମଣିଷ ଜୀବନ ହେଉଛି କର୍ମର ଏକ ପ୍ରୟୋଗଶାଳା। ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଦିନରାତି ଏକ କରି ପରିଶ୍ରମ କରିଥାଆନ୍ତି। ପରିଶ୍ରମ ହେଉଛି ସଫଳତାର ମୂଳ ଚାବିକାଠି କିନ୍ତୁ ବାସ୍ତବିକ ଦୁନିଆରେ ଏହି ସଫଳତାର ସ୍ୱାଦ ଚାଖିବା ବେଳକୁ ଚିତ୍ରଟି ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ। ଆଜିର ସମୟରେ ଏମିତି ଏକ ପରିବେଶ ସୃଷ୍ଟି ହୋଇଛି ଯେଉଁଠି ଜଣେ ବ୍ୟକ୍ତି ନିଜର ରକ୍ତକୁ ପାଣି କରି କାମ କରେ। ହେଲେ ତାର ପରିଶ୍ରମର ଶ୍ରେୟ ବା 'କ୍ରେଡିଟ୍' ଅନ୍ୟ କେହି ଜଣେ ଚତୁରତାର ସହ ନେଇଯାଏ। ଏହି ସ୍ଥିତି ମଣିଷକୁ କେବଳ ମାନସିକ ଭାବେ ଦୁର୍ବଳ କରେ ନାହିଁ ବରଂ ନ୍ୟାୟ ଓ ନୈତିକତା ଉପରୁ ତାର ବିଶ୍ୱାସ ତୁଟାଇ ଦିଏ। କର୍ମକ୍ଷେତ୍ରରେ ଏହି ଧାରା ସବୁଠୁ ବେଶୀ ଦେଖିବାକୁ ମିଳେ। ଯେଉଁଠି ଯୋଗ୍ୟତା ଅପେକ୍ଷା ମୁଖାପିନ୍ଧା ସମ୍ପର୍କ ଓ ଚାଟୁକାରିତାକୁ ଅଧିକ ଗୁରୁତ୍ୱ ଦିଆଯାଏ। ସେଠାରେ ପ୍ରକୃତ କର୍ମୀଟି ସବୁବେଳେ ଅନ୍ଧାରରେ ରହିଯାଏ। ଜଣେ ବ୍ୟକ୍ତି ପ୍ରତିଦିନ ସୂର୍ଯ୍ୟ ଉଇଁବା ଠାରୁ ଅସ୍ତ ହେବା ଯାଏଁ ନିଜର ସର୍ବଶ୍ରେଷ୍ଠ ଚେଷ୍ଟା କରେ। ନିଜର ବ୍ୟକ୍ତିଗତ ସୁଖକୁ ବଳି ଦେଇ ଅନୁଷ୍ଠାନ ପାଇଁ କାମ କରେ କିନ୍ତୁ ଯେତେବେଳେ ଫଳାଫଳ ଆସେ ସେତେବେଳେ କିଛି ସ୍ୱାର୍ଥପର ଲୋକ ନିଜର ବାଚାଳତା ଓ ଚତୁରତା ଦ୍ୱାରା ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରି ସବୁ ପ୍ରଶଂସା ନିଜ ନାଁରେ କରିନିଅନ୍ତି। ଏହା ସେହି ପରିଶ୍ରମୀ ବ୍ୟକ୍ତି ପାଇଁ ଏକ ଅଦୃଶ୍ୟ ଛୁରୀ ଭଳି କାମ କରେ ଯାହା ତାର ମନୋବଳକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଏ।

କେବଳ ବାହାର ଦୁନିଆ ନୁହେଁ ବେଳେବେଳେ ଅତି ଆପଣାର ମଣିଷମାନେ ମଧ୍ୟ ଏହି ଖେଳ ଖେଳନ୍ତି। ଯାହାକୁ ଆମେ ନିଜର ଭାବି ସବୁ ସହଯୋଗ କରୁ। ସେ ସମୟ ଆସିଲେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବା ପାଇଁ ଆମ ପରିଶ୍ରମକୁ ନିଜର ବୋଲି ଦର୍ଶାଏ। ଏହି ଛଳନାର ବିଷ ଏତେ ଗଭୀର ଯେ, ଏହା ମଣିଷକୁ ଏକୁଟିଆ କରିଦିଏ। ଆଜିର ସ୍ୱାର୍ଥର ବଜାରରେ ସମ୍ପର୍କ ଗୁଡ଼ିକ ଏବେ ଉପାୟ ଓ ପନ୍ଥା ଉପରେ ଆଧାରିତ। କାମ ସରିଗଲେ ଲୋକେ ଚିହ୍ନନ୍ତି ନାହିଁ ଆଉ ସଫଳତା ମିଳିଲେ ଲାଇନରେ ଆଗରେ ଛିଡ଼ା ହୁଅନ୍ତି। ଯେତେବେଳେ ଜଣେ ବ୍ୟକ୍ତି ଦେଖେ ଯେ ତାର ଝାଳର ମୂଲ୍ୟ ଅନ୍ୟ କାହା ପାଇଁ ପୁରସ୍କାର ପାଲଟିଛି। ସେତେବେଳେ ତାର ଆଖିରୁ ଲୁହ ଝରିବା ସ୍ୱାଭାବିକ। ଏହି ଲୁହ କେବଳ ଦୁଃଖର ନୁହେଁ ବରଂ ଏହା ଏକ ଅନ୍ୟାୟ ବିରୁଦ୍ଧରେ ଅକୁହା ଚିତ୍କାର। ସେହି ଅଣନିଶ୍ୱାସୀ ପରିବେଶରେ ନିଜର ପ୍ରତିଭାକୁ ବଳି ଦେବା ବଡ଼ କଷ୍ଟକର ହୋଇପଡ଼େ। ମଣିଷ ନିଜକୁ ପଚାରେ ସଚ୍ଚୋଟତାର ମୂଲ୍ୟ କ'ଣ ଏଇଆ? ଏହି ପ୍ରଶ୍ନ ତାକୁ ଭିତରେ ଭିତରେ ମାରିଦିଏ।ତେବେ ଏହି ସ୍ଥିତିରୁ ମୁକ୍ତି ପାଇବା ପାଇଁ ନିଜକୁ ଶକ୍ତ କରିବାକୁ ପଡିବ। ସମୟ ସବୁବେଳେ ସମାନ ରହେନାହିଁ। ସତ୍ୟ ଓ ପରିଶ୍ରମ କେବେ ବୃଥା ଯାଏନାହିଁ ବିଳମ୍ବରେ ହେଲେ ମଧ୍ୟ ଏହା ତାର ଫଳ ନିଶ୍ଚିନ୍ତ ମିଳିଥାଏ। ଆଉ ମୁଁ ଯେଉଁ ଏଠାରେ କହିଛି ଝାଳ ମୋର ଶ୍ରେୟ ତାଙ୍କର ଏହି ବ୍ୟବସ୍ଥାକୁ ବଦଳାଇବା ହୁଏତ ଜଣକ ପାଇଁ ସମ୍ଭବ ନୁହେଁ। କିନ୍ତୁ ନିଜର ଅସ୍ତିତ୍ୱକୁ ହଜାଇ ଦେବା ମଧ୍ୟ ଉଚିତ୍ ନୁହେଁ। ଆଜିର ଛଳନାପୂର୍ଣ୍ଣ ଦୁନିଆରେ ନିଜ ଉପରେ ବିଶ୍ୱାସ ରଖିବା ହିଁ ଶ୍ରେଷ୍ଠ ଯୁଦ୍ଧ। ପଥର ହୃଦୟ ମଣିଷଙ୍କ ଗହଣରେ ନିଜର ଅସ୍ତିତ୍ୱ ହଜାଇବା ହୁଏତ ମଣିଷକୁ ଅନେକ ସମୟରେ କଷ୍ଟ ଦେଇଥାଏ। କିନ୍ତୁ ମନରେ ନିଷ୍ଠା ଥିଲେ ପ୍ରତିଭା ବଞ୍ଚିରହିଥାଏ। ଶେଷରେ ଗୋଟେ କଥା କହିବି ପରିଶ୍ରମର ପରିଚୟ କେବଳ ଅନ୍ୟର ପ୍ରଶଂସାରେ ନଥାଏ ବରଂ ନିଜର ଆତ୍ମସନ୍ତୋଷରେ ଥାଏ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍:୯୦୯୦୬୬୧୫୮୫**



# କୃତ୍ରିମ ପେଟ୍ରୋଲ ଡିଜେଲ ସଙ୍କଟ ପାଇଁ ଦାୟୀ କିଏ ?



**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**

ମୁଁ ବହୁତ ପୂର୍ବରୁ, ଅର୍ଥାତ୍ ଗତ ବିଧାନସଭାରେ ମାର୍ଚ୍ଚ ୩୧ ତାରିଖ ଦିନ ରାଜ୍ୟର ବଜେଟ ପାରିତ କରିବା ଅବସରରେ ମୋ ଅଭିଭାଷଣରେ ଚେତାଇ ଦେଇଥିଲି ଯେ ପାଞ୍ଚଟି ରାଜ୍ୟରେ ନିର୍ବାଚନ ସରିଯିବା ପରେ କେନ୍ଦ୍ର ସରକାର ତେଲ ଓ ଗ୍ୟାସ ଦର ବୃଦ୍ଧି କରିବେ। ଏହି ଆଶଙ୍କାକୁ ସତ ବୋଲି ପ୍ରମାଣିତ କରି ନିର୍ବାଚନ ଖତମ, ଭୋଟ ହଜମ କରିବା ପରେ ପେଟ୍ରୋଲ, ଡିଜେଲ, ସିଏନଜି, ଏଲପିଜି ଦରରେ ବୃଦ୍ଧି କରିଛନ୍ତି। ବ୍ୟବସାୟିକ ସିଲିଣ୍ଡର ଦାମରେ ଐତିହାସିକ ଏକା ଥରକେ ୫୦ ପ୍ରତିଶତ ବୃଦ୍ଧି କରିଲେ।

ଆମେ ଯେତେବେଳେ ଏହି ସଙ୍କଟ ବିଷୟରେ କହୁଥିଲୁ ମହାମାନବ ମାନନୀୟ ପ୍ରଧାନମନ୍ତ୍ରୀ କହୁଥିଲେ ଦେଶରେ କୌଣସି ପ୍ରକାର ସଙ୍କଟ ନାହିଁ, 'ସବୁ ଚଙ୍ଗା ସି'। କିନ୍ତୁ, ନିର୍ବାଚନ ସରିବା ପରେ ହଠାତ ତାଙ୍କର ହେତୁ ଆସିଲା ଯେ ଦେଶରେ ସଙ୍କଟ ଘନେଇ ଆସୁଛି ଏବଂ ଏହି ସଙ୍କଟରୁ ବଞ୍ଚାଇବାକୁ ହେଲେ ସରକାର ନୁହେଁ, ଲୋକଙ୍କୁ ବଳିଦାନ ଦେବାକୁ ପଡ଼ିବ। ଏହି ବଳିଦାନ ସ୍ୱରୂପ ଆଜି ଆଉଥରେ ଉଘଏ ଦରରେ କେଜି ପିଛା ୧ ଟଙ୍କା ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ପେଟ୍ରୋଲ ଡିଜେଲର ବି ପାଳି ପଡ଼ିବ। କିନ୍ତୁ, ଏହା ଭିତରେ ଆମ ଓଡିଶା ରାଜ୍ୟରେ ଆଉ ଏକ କୌତୁହଳ ଓ ମଜାଳିଆ ଘଟଣା ଘଟିଯାଇଛି। ଯାହା ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଯୋଗୁଁ ଲକ୍ଷ ଲକ୍ଷ ଲୋକେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପ ସମ୍ମୁଖରେ ଧାଡି ଲଗେଇ ପେଟ୍ରୋଲ ଡିଜେଲ ଟିକେ ପାଇବା ପାଇଁ ଉଦୁ ଉଦିଆ ଖରାରେ ଠିଆ ହେଉଛନ୍ତି। ଏହି କୃତ୍ରିମ ଅଭାବି କାରଣ ଯୋଗୁଁ ହୋଇଛି -

- ଏହି ସଙ୍କଟ କେବଳ ଓଡିଶାରେ ହିଁ ଦେଖା ଦେଇଥିଲା। ଯଦି ପ୍ରଧାନମନ୍ତ୍ରୀଙ୍କ ମିତବ୍ୟୟିତା ବାର୍ତ୍ତା ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା ତେବେ ତାହା ଅନ୍ୟ ରାଜ୍ୟରେ କାହିଁକି ଦେଖା ଦେଇ ନ ଥିଲା। କେବଳ ଓଡିଶାରେ କାହିଁକି ଯୋଗାଣ ସଙ୍କଟ ଦେଖା ଯାଇଥିଲା, ଅନ୍ୟ ରାଜ୍ୟରେ ନୁହେଁ।
- ସରକାର କହୁଛନ୍ତି ଯେ ଏହା ଗୁଜବ ଯୋଗୁଁ ହେଲା, ତା ହେଲେ ସରକାର ତଦନ୍ତ କରିଛନ୍ତି କି ଏହି ଗୁଜବ କିଏ କେଉଁ ମାଧ୍ୟମରେ କଲା।
- ଆହୁରି କୌତୁହଳର ବିଷୟ ହେଉଛି ଯେ ଠିକ୍ ଏହି, ସେହି ସମୟରେ ଘରରଞ୍ଜ ପ୍ରଶ୍ନପତ୍ର ପ୍ରଘଟ ପାଇଁ ସାରା ଦେଶରେ ଆନ୍ଦୋଳନ ଓ ପ୍ରଦର୍ଶନ ଚାଲୁଅଛି। ଓଡିଶାରେ ବିଭିନ୍ନ ଦଳ, ସଂଗଠନ, ଛାତ୍ର ସଂଗଠନ ଆନ୍ଦୋଳନ କରୁଛନ୍ତି। ଏହି ଆନ୍ଦୋଳନରୁ ଧ୍ୟାନ ହଟାଇବାକୁ ଏହି କୃତ୍ରିମ ସଙ୍କଟ ସୃଷ୍ଟି କରାଯାଇ ନାହିଁ ତ ?
- ଏହି ଧାରଣା ଲୋକେ କୁହାକୁହି ହେଉଛନ୍ତି ଯେ ଜଣେ ନିର୍ଦ୍ଦିଷ୍ଟ ମନ୍ତ୍ରୀ ଯିଏ ବର୍ତ୍ତମାନ ଘରରଞ୍ଜ ପରୀକ୍ଷା ବିଭାଗ ସମ୍ଭାଳୁଛନ୍ତି, ଏବଂ ପୂର୍ବରୁ ଲମ୍ବା ସମୟ ଧରି ପେଟ୍ରୋଲିମ ମନ୍ତ୍ରଣାଳୟ ପଦ ସମ୍ଭାଳିଥିଲେ, ତାଙ୍କର କିଛି ଭୂମିକା ନାହିଁ ତ?
- କାରଣ ଏଥିରେ ତାଙ୍କର ରାଜନୈତିକ ସ୍ୱାର୍ଥ ଅଛି ଏବଂ ସେ ସ୍ୱାର୍ଥ କ'ଣ ରାଜ୍ୟବାସୀ ସମସ୍ତେ ଜାଣିଛନ୍ତି। 'କାଉ ଖାଏ ପଣଷ, ବଗ ମୁଣ୍ଡରେ ଅଠା'।
- ତେଣୁ, ମୋର ପ୍ରଶ୍ନ ହେଉଛି ସରକାର ଏହି କୃତ୍ରିମ ସଙ୍କଟକୁ ଯେତେବେଳ ପ୍ରଥମ ଦିନରେ ଜାଣିଲେ ସରକାର ତଦନ୍ତ କଲେ ନାହିଁ କାହିଁକି ? ଆଜି କାଲି ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ ଯୁଗରେ ଦଶ ମିନିଟରେ ସପ୍ଲାଏ ଓ ଡିମାଣ୍ଡ ସ୍ଥିତି ଜଣାପଡ଼ିଯିବ। ତେଣୁ, ଯଦି କୌଣସି ପେଟ୍ରୋଲ ପମ୍ପ ଡ୍ରାଏ ଆଉଟ' ହୋଇଗଲା ତେବେ, ତୁରନ୍ତ ଜଣାପଡ଼ିଯିବା ଏ କଥା ଯୋଗାଣ ମନ୍ତ୍ରୀ ଏବଂ ତାଙ୍କ ବିଭାଗ ଜାଣି ପାରିଲେ ନାହିଁ କାହିଁକି? ନା ନିଜେ ସେ ଏଇ ସଙ୍କଟ ଚାହୁଁ ଥିଲେ, ନା ଆଉ କାହାର ପ୍ରରୋଚନାରେ?



- କୌତୁହଳର ବିଷୟ ଯେ କିଛି ପେଟ୍ରୋଲ ପମ୍ପରେ ଯଥେଷ୍ଟ ଷ୍ଟକ ମହଜୁଦ ଥିବା ପରେ ବି ଉଖଡଙ୍ଖରଡ ବୋର୍ଡ ମାଲିକମାନେ କାହିଁକି ଲଗେଇଥିଲେ? ଉଦାହରଣ କଟକର ଗୋଟିଏ ପେଟ୍ରୋଲ ପମ୍ପ। ଜିଲ୍ଲାପାଳ ଚଢ଼ାଉ କଲା ପରେ ଏହି ତଥ୍ୟ ପଦାକୁ ଆସିଥିଲା। ସେଇ ମାଲିକଙ୍କୁ କିଏ ଏହା କରିବା ପାଇଁ କହିଥିଲା। ସେହିପରି ଜଗତସିଂହ ଜିଲ୍ଲାର ଏକ ପେଟ୍ରୋଲ ପମ୍ପରେ ଯଥେଷ୍ଟ ଷ୍ଟକ ମହଜୁଦ ଥିଲା ବେଳେ କୃତ୍ରିମ ଭାବେ ପ୍ରତି ଗାଡି ପାଇଁ ଷ୍ଟକ ଲିମିଟ ଲଗାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସେଠାରେ ସ୍ଥିତି ସ୍ୱାଭାବିକ ହୋଇଥିଲା।
- ଗଣମାଧ୍ୟମ ରିପୋର୍ଟ ଅନୁସାରେ ରାଜ୍ୟରେ ପ୍ରାୟ ୨୦୦ ରୁ ଅଧିକ ପେଟ୍ରୋଲ ପମ୍ପ ଡ୍ରାଏ ଆଉଟ୍ ହୋଇଥିଲା।
- ଏହି ସଙ୍କଟ ହେଉଛି କୃତ୍ରିମ ଏବଂ ଜାଣିଶୁଣି କେବଳ ଓଡିଶାରେ ରାଜନୈତିକ ସ୍ୱାର୍ଥ ପାଇଁ କରାଯାଇଥିଲା। ଶାସକ ଦଳରେ ଗୋଷ୍ଠୀ କନ୍ଦଳ ଏବଂ ରାଜନୈତିକ ମହତ୍ତ୍ୱାକାଂକ୍ଷା ଯୋଗୁଁ ଲୋକେ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଲେ ଏବଂ ହେଉଛନ୍ତି।

ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳ ସବୁବେଳେ ଜେନ୍ ଜେଡ୍ କଥା କହି ଆସୁଛନ୍ତି। ମୁଁ ଦେଖିଲି ଯେ ଲାଇନରେ ଏହି ଜେନ୍ ଜେଡ୍ ପେଟ୍ରୋଲ ଟିକେ ପାଇଁ ଲମ୍ବା ଲାଇନରେ ଠିଆ ହୋଇ ଠିକ୍ ଏହି ପ୍ରଶ୍ନ ପଚାରୁଛନ୍ତି। କେନ୍ଦ୍ର ସରକାରଙ୍କ ବିଫଳ ବୈଦେଶିକ ଓ ଆର୍ଥିକ ନୀତି ଯୋଗୁଁ ଆଗକୁ ପେଟ୍ରୋଲ ଓ ଡିଜେଲର ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ଅଛି। କିନ୍ତୁ, ବର୍ତ୍ତମାନ ଯୋଗାଣରେ କିଛି ଅସୁବିଧା ନ ଥିବାରୁ କେବଳ ଓଡିଶାରେ ଯେଉଁ ମ୍ୟାନ୍ ମେଡ୍ ସଙ୍କଟ ସୃଷ୍ଟି କରାଗଲା ତାହାକୁ ସରକାର ତଦନ୍ତ କରନ୍ତୁ ଏବଂ ଯେଉଁମାନେ ଏହି ସଙ୍କଟ ସୃଷ୍ଟି କରିବା ପାଇଁ ସାହାଯ୍ୟ କଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଶାସକ ଦଳରେ ଗୋଷ୍ଠୀ କନ୍ଦଳ ପାଇଁ ଲୋକେ କାହିଁକି ବଳିଦାନ ଦେବେ। ଯଦି ଦେଶ ସଙ୍କଟରେ ଅଛି, ତେବେ ନାଗରିକ ମାନେ ନିଜ ନିଜର ଛୋଟ ବଡ ଅବଦାନ ଦେବାକୁ ପ୍ରସ୍ତୁତ, କିନ୍ତୁ, ଶାସକ ଦଳର କିଛି ମୁଷ୍ଟିମେୟ ନେତାଙ୍କ ସ୍ୱାର୍ଥ ସାଧନ ପାଇଁ ନୁହେଁ।

**ବିଧାୟକ, ଆଠଗଡ଼**

# ପ୍ରଧାନମନ୍ତ୍ରୀଙ୍କ ନିବେଦନର ନିହିତାର୍ଥ



**ଗୋପାଳ ମହାପାତ୍ର**

ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକ ବର୍ଷ ପାଇଁ ତୈଳ ପେଟ୍ରୋଲିୟମ ପଦାର୍ଥର ଉପଯୋଗ କମ୍ କରିବା ଏବଂ ସୁନାର ଅନାବଶ୍ୟକ କ୍ରୟ ନକରିବା ପାଇଁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ କେବଳ ଏକ ଆର୍ଥିକ ପରାମର୍ଶ ନୁହେଁ ବରଂ ଏଥିରେ ଭାରତର ଅର୍ଥ ବ୍ୟବସ୍ଥା ବିଶ୍ୱ ରାଜନୀତି, ଶକ୍ତି (ତୈଳ) ସୁରକ୍ଷା, ବିଦେଶୀ ମୁଦ୍ରା/ପ୍ରବନ୍ଧନ ଏବଂ ସାମାଜିକ ବ୍ୟବହାର ପରିବର୍ତ୍ତନର ଏକ ବ୍ୟାପକ ରଣନୀତି ଛପି ରହିଛି। ବିଶ୍ୱସ୍ତରରେ ଆର୍ଥୀକ ଅସ୍ଥିରତା, ଯୁଦ୍ଧ, ବିଶ୍ୱସ୍ତରୀୟ ଯୋଗାଣ ସଙ୍କଟ ଏବଂ ଦରଦାମ ବୃଦ୍ଧି ଭଳି ସମୟରେ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନର ଅଧିକ ଗୁରୁତ୍ୱ ମଧ୍ୟ ରହିଛି। ପେଟ୍ରୋଲିୟମ ପଦାର୍ଥ ଏବଂ ସୁନାର ଆମଦାନୀ ବିଦେଶ ମୁଦ୍ରା ଭଣ୍ଡାରକୁ ସିଧା ସଳଖ ପ୍ରଭାବିତ କରିଥାଏ। ଭାରତ ହେଉଛି ବିଶ୍ୱର ଏକ ପ୍ରମୁଖ ତୈଳ ଆମଦାନୀକାରୀ ଦେଶ। ଦେଶରେ ଆବଶ୍ୟକ ପଡୁଥିବା ପେଟ୍ରୋଲିୟମ ପଦାର୍ଥର ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ। ଅନ୍ୟପକ୍ଷରେ ଭାରତୀୟ ସମାଜରେ ସୁନା କେବଳ ଆଭୂଷଣ ନୁହେଁ ବରଂ ସାମାଜିକ ପ୍ରତିଷ୍ଠା, ସୁରକ୍ଷା ଏବଂ ନିବେଶର ପାରମ୍ପରିକ ମାଧ୍ୟମ ଅଟେ। ଯେତେବେଳେ ବି ବିଶ୍ୱସ୍ତରରେ ଅନିଶ୍ଚିତତା ବୃଦ୍ଧି ପାଇଥାଏ ସେତେବେଳେ ଭାରତରେ ଲୋକେ ଅଧିକ ସୁନା କିଣିଥାନ୍ତି। କିନ୍ତୁ ପେଟ୍ରୋଲିୟମ ପଦାର୍ଥ ଏବଂ ସୁନାର ଆମଦାନୀ ପାଇଁ ଅଧିକ ନିର୍ଭରତା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ପ୍ରଧାନମନ୍ତ୍ରୀଙ୍କ ନିବେଦନ ଏହି ପ୍ରଭାବକୁ କମ୍ କରିବାର ପ୍ରୟାସ ବୋଲି ମନେହୁଏ। ପ୍ରଧାନମନ୍ତ୍ରୀ ଖାଇବା ତେଲର ଉପଯୋଗ କମ୍ କରିବା ଓ ବିଦେଶ ଗସ୍ତ ନ କରିବା ପାଇଁ ମଧ୍ୟ ନିବେଦନ କରିଛନ୍ତି।




ରାଜନୈତିକ ଦୃଷ୍ଟି କୋଣରୁ ଦେଖିଲେ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ ଆର୍ଥୀକ ଚାଲେଞ୍ଜକୁ ଜନ ଭାଗିଦାରୀ ମାଧ୍ୟମରେ ନିୟନ୍ତ୍ରିତ କରାଯିବାର ଉଦ୍ୟମ ବୋଲି ଜଣାପଡ଼େ। ସ୍ୱଚ୍ଛ ଭାରତ ଅଭିଯାନ ହେଉ ବା ଜଳ ସଂରକ୍ଷଣ ପ୍ରସଙ୍ଗ ଏପରିକି ଲୋକାଲ ଫର ଭୋକାଲର ସ୍ଲୋଗାନରେ ସରକାର ବାରମ୍ବାର ଜନତାଙ୍କୁ ସହଭାଗି କରି ରାଷ୍ଟ୍ରୀୟ ଲକ୍ଷ ହାସଲ କରିବାର ଉଦ୍ୟମ କରିଛନ୍ତି। ପେଟ୍ରୋଲିୟମ ପଦାର୍ଥ ଓ ସୁନାର ବ୍ୟବହାର କମ୍ କରିବା ପାଇଁ ଏବେର ନିବେଦନ ମଧ୍ୟ ଜନ ସହଭାଗିତା ପାଇଁ ଉଦ୍ୟମ। ଆଲୋଚକଙ୍କ ଯୁକ୍ତି ହେଉଛି ଏହି ନିବେଦନ ସରକାରଙ୍କ ଆର୍ଥିକ ନିତୀର ବିଫଳତାକୁ ସ୍ପଷ୍ଟ ଭାବେ ସୂଚୀତ କରୁଛି। ବିରୋଧିଙ୍କ ମତରେ ଯଦି ପ୍ରକୃତରେ ସରକାର ପେଟ୍ରୋଲିୟମ ପଦାର୍ଥର ବ୍ୟବହାର କମ୍ କରିବା ଚାହୁଁଛନ୍ତି ତେବେ ପେଟ୍ରୋଲ-ଡିଜେଲ ଉପରେ ଲଗାଯାଉଥିବା ଟିକସକୁ କମ୍ କରିବା ଉଚିତ୍। ସାର୍ବଜନିକ ପରିବହନ ବ୍ୟବସ୍ଥାକୁ ଅଧିକ ସୁଲଭ ଏବଂ ଆଧୁନିକ କରିବା ପାଇଁ ମଜଭୁତ ଆଧାରଭୁତ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। କେବଳ ଜନତାଙ୍କୁ ନିବେଦନ କରିବା ପର୍ଯ୍ୟପ୍ତ ନୁହେଁ। ସେହିପରି ସୁନା ନକିଣିବା ପାଇଁ ପରାମର୍ଶକୁ ଲୋକେ ସେ ପର୍ଯ୍ୟନ୍ତ ଗ୍ରହଣ କରି ନପାରନ୍ତି ଯେ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିକଳ୍ପ ନିବେଶ ବ୍ୟବସ୍ଥା ନକରାଯାଇଛି। ସାମାଜିକ ସ୍ତରରେ ଏହି ନିବେଦନ ଭାରତୀୟ ମାନସିକତା ସହ ଜଡ଼ିତ ଏବଂ ଭାରତରେ ବିବାହ, ଉତ୍ସବ ଏବଂ ପାରିବାରିକ ପରମ୍ପରାରେ ସୁନାର ବିଶେଷ ମହତ୍ୱ ରହିଛି। ଅନେକ ପରିବାର ସୁନାକୁ ଆର୍ଥୀକ ସୁରକ୍ଷାର ପ୍ରତୀକ ବୋଲି ଗ୍ରହଣ କରିଥାନ୍ତି। ବିଶେଷ କରି ଗ୍ରାମାଞ୍ଚଳର ଲୋକେ ଏବଂ ମଧ୍ୟମ ବର୍ଗର ଲୋକଙ୍କ ପାଇଁ ସୁନା ଅସୁବିଧା ସମୟରେ କାମ ଦେଇଥାଏ। ଏଣୁ ସୁନା ନକିଣିବା ପାଇଁ ନିବେଦନ କେବଳ ଆର୍ଥୀକ ପ୍ରସଙ୍ଗ ନୁହେଁ ସାମାଜିକ ବ୍ୟବହାରରେ ପରିବର୍ତ୍ତନ ପାଇଁ ଆହ୍ୱାନ ଅଟେ। ସରକାର ମଧ୍ୟ ଏକଥା ବୁଝିବା ଉଚିତ୍ ଯେ ସାମାଜିକ ବିଶ୍ୱାସ କେବଳ ନିବେଦନରେ ବଦଳି ପାରେ ନାହିଁ ଏଥିପାଇଁ ଦୀର୍ଘକାଳୀନ ଆର୍ଥୀକ ସାକ୍ଷରତା ଏବଂ ନିବେଶ ସୁରକ୍ଷା ଆବଶ୍ୟକ।

ପ୍ରଧାନମନ୍ତ୍ରୀଙ୍କ ନିବେଦନର ଉଦେଶ୍ୟ ବିଦେଶୀ ମୁଦ୍ରା ଭଣ୍ଡାରର ସୁରକ୍ଷା। ପେଟ୍ରୋଲିୟମ ପଦାର୍ଥ ଏବଂ ସୁନା ଆମଦାନୀ ପାଇଁ ଅରବ ଅରବ ଡ଼ଲାର ଖର୍ଚ୍ଚ ହୋଇଥାଏ। ଆନ୍ତର୍ଯାତୀୟ ସ୍ତରରେ ଆଶୋଧିତ ତୈଳର ମୂଲ୍ୟ ବଢ଼ିଲେ ଦରଦାମ ବୃଦ୍ଧି ହୋଇଥାଏ। ଅତ୍ୟଧିକ ସୁନା ଆମଦାନୀ ମଧ୍ୟ ବିଦେଶୀ ମୁଦ୍ରା ଭଣ୍ଡାରକୁ ପ୍ରଭାବିତ କରିଥାଏ। ସରକାର ଜାଣିଛନ୍ତି ଯେ ବିଶ୍ୱସ୍ତରରେ ଆର୍ଥୀକ ସଙ୍କଟ ବଢ଼ିବ ତେବେ ଭାରତ ଉପରେ ଏହାର ପ୍ରଭାବ ପଡ଼ିବ। ଏଣୁ ଆଗାମୀ ଦିନରେ ପଡ଼ିବାକୁ ଥିବା ପ୍ରଭାବର ନିୟନ୍ତ୍ରଣ ପାଇଁ ଏହି ନିବେଦନ କରିଛନ୍ତି ପ୍ରଧାନମନ୍ତ୍ରୀ। ସରକାର ଏ ଦିଗରେ ମଧ୍ୟ କେତେକ ପଦକ୍ଷେପ ନେଇଛନ୍ତି। ଏଥେନଲ ମିଶ୍ରଣ, ବ୍ୟାଟେରୀ ଚାଳିତ ବାହାନକୁ ପ୍ରୋତ୍ସାହନ, ସୌର ଶକ୍ତିର ବିସ୍ତାର, ହରିତ ଉର୍ଜାନିବେଶ ଭଳି ପୟାସ ପ୍ରେଟୋଲିୟମ ପଦାର୍ଥ ଉପରେ ନିର୍ଭରତାକୁ କମ୍ କରିବାର ପ୍ରୟାସ ଅଟେ। ସେହିପରି ସୁନାର ଆମଦାନୀକୁ ରୋକିବା ପାଇଁ ଗୋଲଡ଼୍‌ବଣ୍ଡ ଯୋଜନା, ଗୋଲଡ଼ ମୋନେଟାଇଜେସନ ସ୍କିମ ଏବଂ ଆମଦାନୀ ଶୁଳ୍କରେ ପରିବର୍ତ୍ତନ ଭଳି ପଦକ୍ଷେପ ନିଆଯାଇଛି। କିନ୍ତୁ ଏହି ଯୋଜନାର ସଫଳତା ସୀମିତ ରହିଛି କାରଣ ଲୋକେ ସୁନା ଉପରେ ଅଧିକ ଭରସା କରୁଛନ୍ତି। ଯଦି ଶେୟାର ବଜାର, ମ୍ୟୁଚୁଆଲ ଫଣ୍ଡ ଏବଂ ସରକାରୀ ସଞ୍ଚୟ ଯୋଜନା ଲୋକଙ୍କର ଭରସା ଜିତିପାରିବ ତେବେ ଲୋକେ ସୁନାରେ ନିବେଶକୁ କମ୍ କରିବେ ନିଶ୍ଚୟ।

ଦୁର୍ଭାଗ୍ୟ ଯେ ଭାରତୀୟ ରାଜନୀତିରେ ଅନେକ ବାର ଗମ୍ଭୀର ଆର୍ଥୀକ ପ୍ରସଙ୍ଗ କେବଳ ଅଭିଯୋଗ- ପ୍ରତିଅଭିଯୋଗରେ ସିମୀତ ହୋଇ ରହିଯାଉଛି। ସାଧାରଣ ଲୋକଙ୍କ ଭୂମିକା ଏସବୁ ବିମର୍ଷର ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ପକ୍ଷ ଅଟେ। ପେଟ୍ରୋଲିୟମ ପଦାର୍ଥର ସଞ୍ଚୟ କେବଳ ସରକାରଙ୍କ ଦାୟୀତ୍ୱ ନୁହେଁ, ଏହା ମଧ୍ୟ ସମପରିମାଣରେ ଲୋକଙ୍କ ଦାୟୀତ୍ୱ। ଅନ୍ତତଃ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ କେବଳ ପେଟ୍ରୋଲିୟମ ପଦାର୍ଥ ଓ ସୁନାର ଉପଯୋଗ କମ୍ କରିବା ପାଇଁ ନିବେଦନ ନୁହେଁ ବରଂ ଏହା ଆର୍ଥୀକ ଚାଲେଞ୍ଜ ମଧ୍ୟରେ ଆତ୍ମନିର୍ଭରତା, ସଂସାଧନ ପ୍ରବନ୍ଧନ ଏବଂ ନାଗରିକ ଦାୟୀତ୍ୱର ପରୀକ୍ଷା ଅଟେ। ଏହି ନିବେଦନର ସଫଳତା କେବଳ ଭାବନାତ୍ମକ ରାଷ୍ଟ୍ରବାଦରେ ମିଳିବ ନାହିଁ। ଏଥିପାଇଁ ସରକାରଙ୍କ ବିଶ୍ୱସନୀୟତା, ପାରଦର୍ଶିତା ଏବଂ ବିକଳ୍ପ ବ୍ୟବସ୍ଥା ମଧ୍ୟ ଜରୁରୀ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ପ୍ରସ୍ତାବ ପ୍ରତିପ୍ରସ୍ତାବରେ ଝୁଲୁଛି ମଧ୍ୟପ୍ରାଚ୍ୟ ଶାନ୍ତି

ତେହରାନ/ୱାଶିଂଟନ,୧୮।୫ଃ ଘଣ୍ଟାକଣ୍ଟା ଚାଲୁଛି। ତା' ସହ ସମୟ ବିତୁଛି। ସେମାନେ ଶୀଘ୍ର ଆଗକୁ ବଢ଼ିବା ଭଲ। ନଚେତ୍ ସେମାନଙ୍କ ମଧ୍ୟରୁ କିଛି ବାକି ରହିବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧର ଅନ୍ତ ପାଇଁ ବ୍ୟାକୁଳ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଏହା ହେଉଛି ସଦ୍ୟତମ ଟୁଇଟ୍। ଯୁଦ୍ଧ ଶେଷ ପାଇଁ ଆଲୋଚନା ବାରମ୍ବାର ସ୍ଥଗିତ ରହୁଥିବାରୁ ବ୍ୟତିବ୍ୟସ୍ତ ଟ୍ରମ୍ପ୍ ନିଜର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଇରାନକୁ ଏଭଳି ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ସମୟ ହେଉଛି ମୂଳ!

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ସୂତ୍ରକୁ ଉଦ୍ଧାର କରି ଟାଇମ୍ସ ଅଫ୍ ଇସ୍ରାଏଲ ରିପୋର୍ଟ କରିଛି ଯେ, ରବିବାର ରାଷ୍ଟ୍ରପତି ଟ୍ରମ୍ପ୍ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥାବାର୍ତ୍ତା କରିବା ପରେ ଇରାନକୁ ଏଭଳି ଚରମ ବାର୍ତ୍ତା ଦେଇଛନ୍ତି।

ସୋମବାର ଇରାନ କହିଛି ଯେ ଏହା ଆମେରିକାର ସଦ୍ୟତମ ପ୍ରସ୍ତାବର ଜବାବ ଦେଇଛି ଏବଂ ପାକିସ୍ତାନୀ ମଧ୍ୟସ୍ଥତା ମାଧ୍ୟମରେ ୱାଶିଂଟନ ସହିତ ଯୁଦ୍ଧ ଶେଷ ପ୍ରସ୍ତାବ ଆଦାନପ୍ରଦାନ ଜାରି ରହିଛି। ଇରାନୀ ଗଣମାଧ୍ୟମ ପୂର୍ବରୁ ରିପୋର୍ଟ କରିଥିଲା ଯେ ଆମେରିକା ତେହେରାନକୁ କୌଣସି ଠୋସ୍ ରିହାତି ଦେଇପାରି ନାହିଁ।



ସୂଚନାଯୋଗ୍ୟ ଯେ, ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ସଙ୍କଟର ଅବସାନ ସହ ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ପକ୍ଷରୁ ଆମେରିକାକୁ ୫ଟି ସର୍ତ୍ତ ଦିଆଯାଇଥିଲା। ହେଲେ ଆମେରିକା ତାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଓଲଟି ଇରାନ ଆଗରେ ୫ଟି ଦାବି ରଖିଛି, ଯାହାକୁ ଇରାନ ସ୍ୱୀକାର କରିବା ସପକ୍ଷରେ ନାହିଁ। ସ୍ଥିତି ଏଭଳି ହୋଇଛି ଯେ, ପୁଣି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଆଶଙ୍କା ବଢ଼ିବାରେ ଲାଗିଛି।

ଯୁଦ୍ଧ ଶେଷ କରିବା ଲାଗି ଇରାନ ପକ୍ଷରୁ ଆମେରିକା ନିକଟରେ ୫ଟି ସର୍ତ୍ତ ରଖାଯାଇଥିଲା। ସେହି ସର୍ତ୍ତଗୁଡ଼ିକ ହେଉଛିଃ ଇରାନ ସହ ଲେବାନନରେ ଚାଲିଥିବା ଯୁଦ୍ଧ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ଇରାନ ଉପରେ ଲଗାଯାଇଥିବା ସମସ୍ତ ପ୍ରତିବନ୍ଧକ ହଟାଇବା, ବିଭିନ୍ନ ଦେଶରେ ଜବତ କରାଯାଇଥିବା ସମ୍ପତ୍ତି ଫେରସ୍ତ କରିବା, ଯୁଦ୍ଧ ଯୋଗୁ ଇରାନର ଯେଉଁସବୁ କ୍ଷତି ହୋଇଛି ତାର ଭରଣା କରିବା ଏବଂ ହର୍ମୁଜ ଜଳମାର୍ଗରେ ଇରାନର ଅଧିକାରକୁ ସ୍ୱୀକୃତି ଦେବା।

ତେବେ ଆମେରିକା ଏସବୁ ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରି ଇରାନ ନିକଟରେ ପାଞ୍ଚଟି ପ୍ରସ୍ତାବ ରଖିଛି, ଯଥା- ଇରାନ ପାଖରେ ରହିଥିବା ୪୦୦ କି.ଗ୍ରା ସମୃଦ୍ଧ ୟୁରାନିୟମକୁ ଆମେରିକାକୁ ହସ୍ତାନ୍ତର କରିବାକୁ ପଡ଼ିବ। ଇରାନ କେବଳ ଗୋଟିଏ ପରମାଣୁ କେନ୍ଦ୍ର କାର୍ଯ୍ୟକ୍ଷମ ରଖିପାରିବ। ବିଭିନ୍ନ ଦେଶରେ ଜବତ ଇରାନର ସମ୍ପତ୍ତିକୁ ଫେରସ୍ତ ଦିଆଯିବ ନାହିଁ। ଇରାନକୁ କୌଣସି ଯୁଦ୍ଧ କ୍ଷତିପୂରଣ ଦିଆଯିବ ନାହିଁ। ଲେବାନନ ସମେତ ସମସ୍ତ ଯୁଦ୍ଧର ଅବସାନ କୂଟନୈତିକ ସ୍ତରରେ ଆଲୋଚନା ଦ୍ୱାରା କରାଯିବ।

# ତୈଳ ସଂକଟଠୁ ବଳିଯିବ ଇଣ୍ଟରନେଟ୍ ସଂକଟ

ନୂଆଦିଲ୍ଲୀ,୧୮।୫ଃ ଇରାନ ଏବେ ବିଶ୍ୱର ଇଣ୍ଟରନେଟ୍ ବନ୍ଦ କରିବା କଥା ଚିନ୍ତା କରୁଛି। ହର୍ମୁଜ ଅବରୋଧ କରିବା ପରେ ଇରାନ ସମ୍ପ୍ରତି ସମୁଦ୍ର ତଳେ ବିଛାଯାଇଥିବା ଇଣ୍ଟରନେଟ୍ କେବୁଲକୁ ଅସ୍ତ୍ର କରିବା ବିଷୟରେ ଚିନ୍ତା କରୁଛି ବୋଲି ଏକ ସୂତ୍ରରୁ ଜାଣିବାକୁ ମିଳିଛି। ଇରାନ ହର୍ମୁଜ ତଳେ ବିଛାଯାଇଥିବା କେବୁଲଗୁଡ଼ିକୁ ଟାର୍ଗେଟ କରିପାରେ। ଏହା କରି ଇରାନ ଗୁଗୁଲ, ମାଇକ୍ରୋସଫ୍ଟ, ମେଟା ଏବଂ ଆମାଜନ ଭଳି କମ୍ପାନୀଗୁଡ଼ିକଠାରୁ ମୋଟା ଅଙ୍କର ଫି ଆଦାୟ କରିପାରିବ। ତଥ୍ୟ ଅନୁଯାୟୀ, ସମୁଦ୍ର ପଥରେ ଏଏଆଇ-୧, ଫାଲକନ ନେଟୱାର୍କ, ଗଲ୍ଫ ବ୍ରିଜ୍ ପରି କେବୁଲ ସିଷ୍ଟମ ସବୁ ରହିଛି।



ମିଳିତ ଜାତିସଂଘର ଏକ ସଂସ୍ଥା ଇଣ୍ଟରନେଟ୍ ଟେଲିକମ୍ୟୁନିକେସନ୍ ୟୁନିୟନ ଅନୁଯାୟୀ ବିଶ୍ୱର ୯୯ ପ୍ରତିଶତ ଅନ୍ତର୍ଜାତୀୟ ଇଣ୍ଟରନେଟ୍ ଟ୍ରାଫିକ୍ ଏହି ସବମେରିନ ଫାଇବର ଅପ୍ଟିକ ଭଳି କେବୁଲ ମାଧ୍ୟମରେ ଯାତ୍ରା କରେ। ଏହି କେବୁଲଗୁଡ଼ିକ ୟୁଏଇ, କତାର, ବାହାରିନ୍, କୁଏତ ଏବଂ ସାଉଦି ଆରବ ଭଳି ଦେଶଗୁଡ଼ିକର ଡିଜିଟାଲ୍ ଜୀବନରେଖା। ଏମାନେ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ କୋଟି କୋଟି ଡଲାର ନିବେଶ କରିଛନ୍ତି। ଭୂରାଜନୈତିକ ବିଶେଷଜ୍ଞ ମାଶା କୋଟକିନ୍‌ଙ୍କ ଅନୁଯାୟୀ, ଏହି କେବୁଲଗୁଡ଼ିକର କ୍ଷତି ଇଣ୍ଟରନେଟ୍ ଗତିକୁ ହ୍ରାସ କରିବେ। ଅନଲାଇନ୍ ବ୍ୟାଙ୍କିଂରେ ପ୍ରତିବନ୍ଧକ ଲଗାଇ ପାରିବ। ବିଶ୍ୱର କୋଟି କୋଟି ଡଲାର କ୍ଷତି ଘଟାଇପାରିବ। ବିଶେଷଜ୍ଞମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ବର୍ତ୍ତମାନ କେବୁଲର କୌଣସି ବିକଳ୍ପ ନାହିଁ।

## ମଝି ଆକାଶରେ ଜଳିଗଲା ୨ ଯୁଦ୍ଧ ବିମାନ



ନୂଆଦିଲ୍ଲୀ,୧୮।୫ଃ ମଝି ଆକାଶରେ ପିଟିହେଲା ଯୁଦ୍ଧ ବିମାନ। ଆମେରିକୀୟ ନୌସେନାର ଏୟାର ଶୋ' ବେଳେ ବଡ଼ ଅଘଟଣ ଘଟିଛି। ମଝି ଆକାଶରେ ୨ ଯୁଦ୍ଧ ବିମାନ ମଧ୍ୟରେ ଧକ୍କା ହୋଇଛି। ଇଦାହୋ ଏୟାରବେସ୍‌ରେ ୨ ମାଇଲ୍ ଦୂରରେ ଦୁର୍ଘଟଣା ଘଟିଛି। ଦୁଇ ବିମାନ ଆକାଶରେ ଉଡୁଥିବା ବେଳେ ପରସ୍ପର ସହ ପିଟି ହୋଇ ହୁତୁ ହୁତୁ ହୋଇ ଜଳିଯାଇଥିଲା। ସୌଭାଗ୍ୟବସତଃ ପାରାଚୁଟ୍ ସାହାଯ୍ୟରେ ବିମାନରୁ ବାହାରି ଆସିଛନ୍ତି ୪ କ୍ରିଉ ମେମ୍ବର। ୪ କ୍ରିଉ ମେମ୍ବର ସୁରକ୍ଷିତ ଅଛନ୍ତି। ନୌସେନା ପକ୍ଷରୁ ଦୁର୍ଘଟଣାର ତଦନ୍ତ ଜାରି ରହିଛି। ଆମେରିକା ଇଦାହୋରେ ଏହି ବଡ଼ ଦୁର୍ଘଟଣା ଘଟିଛି। ମାଉଣ୍ଟେନ୍ ହୋମ୍ ବାୟୁସେନା ଘାଟିରେ ଏୟାର ଶୋ ସମୟରେ ଦୁଇଟି ଆମେରିକୀୟ ଲଢୁଆ ବିମାନ ଧକ୍କା ହୋଇଛି। ଉଭୟ ଜେଟ୍ ଧକ୍କା ହେବା ମାତ୍ରେ ଜଳି ଉଠିଥିଲା। ଧକ୍କା ଏତେ ଶକ୍ତିଶାଳୀ ଥିବା ବିମାନ ସମ୍ପୂର୍ଣ୍ଣ ପାଉଁଶ ହୋଯାଇଛି। ଆକାଶରେ କଳା ଧୂଆଁର ଏକ ସ୍ତର ବ୍ୟାପି ଯାଇଥିଲା। ବିମାନଥିବା ପାଇଲଟ୍ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ଅଛନ୍ତି। ଦୁର୍ଘଟଣା ପରେ ସମ୍ପୂର୍ଣ୍ଣ ବାୟୁସେନା ଘାଟିକୁ ତୁରନ୍ତ ବନ୍ଦ କରିଦିଆଯାଇଥିଲା।

## ଅଜଣା ଆତତାୟୀଙ୍କ ଗୁଳିରେ ୧୦ ମୃତ

ମେକ୍ସିକୋ,୧୮।୫ଃ ମେକ୍ସିକୋର ପୂର୍ବ-ମଧ୍ୟ ରାଜ୍ୟ ପ୍ୟୁବ୍ଲା ତେହୁଇତଜିଙ୍ଗୋ ସହରରେ ଅଜଣା ବନ୍ଧୁକଧାରୀଙ୍କ ଆକ୍ରମଣରେ ଗୋଟିଏ ପରିବାରର ୬ ଜଣଙ୍କ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁଙ୍କ ସମେତ ୩ ଜଣ ମହିଳା ଅଛନ୍ତି। ସାର୍ବଜନୀନ ସୁରକ୍ଷା ସଂସ୍ଥା ଏକ ବିବୃତ୍ତିରେ କହିଛି ଯେ, ରବିବାର ଗୁଳିମାଡ଼ ହୋଇଥିବା ମୃତକଙ୍କ ମଧ୍ୟରେ ଛଅ ଜଣ ପୁରୁଷ, ତିନି ଜଣ ମହିଳା ଏବଂ ଜଣେ ଶିଶୁ ଅଛନ୍ତି। ଫେଡେରାଲ କର୍ତ୍ତୃପକ୍ଷ ବର୍ତ୍ତମାନ ଘଟଣାର ତଦନ୍ତ କରୁଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ହତ୍ୟାକାଣ୍ଡରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ଅଛନ୍ତି କି ନାହିଁ ତାହା କହି ନଥିଲେ। ପ୍ୟୁବ୍ଲା ରାଜ୍ୟପାଳ ଆଲେଜାଣ୍ଡ୍ରୋ ଆର୍ମେଣ୍ଟା ରବିବାର ଘଟଣା ଉପରେ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। କେନ୍ଦ୍ରୀୟ ମେକ୍ସିକୋରେ ସମ୍ପ୍ରତି ହଠାତ୍ ଗ୍ୟାଙ୍ଗ ହିଂସା ବୃଦ୍ଧି ପାଇଛି, ଯାହା ଫଳରେ ୮୦୦ ରୁ ୧୦୦୦ ପରିବାରକୁ ସେମାନଙ୍କ ଘରୁ ଛାଡିବାକୁ ବାଧ୍ୟ କରାଯାଇଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ହିଂସା ଦ୍ୱାରା ଜର୍ଜରିତ ହୋଇଆସୁଛି। ଫେଡେରାଲ କର୍ତ୍ତୃପକ୍ଷମାନେ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ସୂଚନା ପ୍ରକାଶ କରିନାହାନ୍ତି। ପ୍ୟୁବ୍ଲା ରାଜ୍ୟପାଳ ଆଲେଜାଣ୍ଡ୍ରୋ ଆର୍ମେଣ୍ଟା ରବିବାରର ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇନାହାଁନ୍ତି, ଯାହା ଏହି ଅଞ୍ଚଳରେ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି।

## ନମାଜକୁ ନେଇ ଯୋଗୀଙ୍କ କଡ଼ା ଆଭିମୁଖ୍ୟ

ଲକ୍ଷ୍ନୌ,୧୮।୫ଃ ଆଗକୁ ବକ୍ରି ଇଦ୍ ବେଳେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସର୍ବସାଧାରଣ ସ୍ଥାନ ଓ ରାସ୍ତାଘାଟରେ ନମାଜ ପାଠକୁ ନେଇ କଡ଼ା ବୟାନ ଦେଇଛନ୍ତି। ରାଜଧାନୀ ଲକ୍ଷ୍ନୌରେ ଆୟୋଜିତ ଏକ



କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ରାସ୍ତା ଅବରୋଧ କରି କୌଣସି ପ୍ରକାରର ଧାର୍ମିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଯଦି ନମାଜ ପଢ଼ିବାର ଅଛି, ତେବେ ଲୋକେ ଶିଫ୍ଟ ଅନୁସାରେ ପଢ଼ନ୍ତୁ। ଭଲରେ ବୁଝାଇଲେ ଯଦି କେହି ନ ମାନିବେ, ତେବେ ସରକାର ଅନ୍ୟ ଉପାୟ ଆପଣାଇବାକୁ ବାଧ୍ୟ ହେବେ। ନିଜ ସରକାରଙ୍କ କଡ଼ା ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରି ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅନେକ ସମୟରେ ଲୋକେ ମତେ ପଚାରନ୍ତି, ସତରେ କ'ଣ ୟୁପିରେ ରାସ୍ତା ଉପରେ ନମାଜ ପଢ଼ା ହେଉନାହିଁ? ମୁଁ ସେମାନଙ୍କୁ ସ୍ପଷ୍ଟ ଭାବେ କହେ- ଆଦୌ ନାହିଁ, ଆପଣ ନିଜେ ଯାଇ ଦେଖିପାରିବେ। ରାସ୍ତା କେବଳ ଯାତାୟାତ ପାଇଁ ଉଦ୍ଦିଷ୍ଟ। କୌଣସି ବି ବ୍ୟକ୍ତି ଛକ ଜାଗାରେ ଆସି ନାଟକ କରିପାରିବେ ନାହିଁ। କାହାରିକୁ ରାସ୍ତା ଅବରୋଧ କରିବାର କିମ୍ବା ସାଧାରଣ ଜନତାଙ୍କ ଯାତାୟାତରେ ବାଧା ସୃଷ୍ଟି କରିବାର ଅଧିକାର ନାହିଁ। ଯାହାର ଯେଉଁ ଧାର୍ମିକ ସ୍ଥଳ ରହିଛି, ସେ ସେଠାକୁ ଯାଇ ପ୍ରାର୍ଥନା କରନ୍ତୁ।

## ପ୍ରୟାଗରାଜରେ ଅଗ୍ନିକାଣ୍ଡ

ପ୍ରୟାଗରାଜ, ୧୮।୫ଃ ଉତ୍ତର ପ୍ରଦେଶ ପ୍ରୟାଗରାଜର ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଘଟଣା ବେଳେ ହୋଟେଲରେ ଅନେକ ଲୋକ ଫସି ରହିଥିଲେ। ଅଗ୍ନିକାଣ୍ଡର ସୂଚନା ପାଇବା ପରେ ଆତଙ୍କ ଖେଳି ଯାଇଥିଲା। ତୁରନ୍ତ ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇ ଥିଲା। ଅଗ୍ନିଶମ ବାହିନୀ ଟିମ୍ ହୋଟେଲରେ ଫସି ଥିବା ପ୍ରାୟ ୧୩ ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଲୋକଙ୍କ କହିବାନୁସାରେ, ଟ୍ରାନ୍ସଫର୍ମରରେ ବିସ୍ଫୋରଣ ହେବାରୁ ହୋଟେଲରେ ନିଆଁ ଲାଗି ଥିଲା। ହେଲେ ସମୟ ପୂର୍ବରୁ ନିଆଁକୁ ଲିଭା ଯାଇ ପାରି ଥିଲା। ଘଟଣାକୁ ସିଏମ୍ ଯୋଗୀ ମଧ୍ୟ ଧ୍ୟାନକୁ ନେଇଛନ୍ତି। ସିଏମ୍ ଯୋଗୀ ଅଫିସରଙ୍କୁ ତୁରନ୍ତ ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟ ନେଇ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ସୋମବାର ଦ୍ୱିପହର ସମୟ ପାଖାପାଖି ୧ଟା ୩୦ରେ ହୋଟେଲ ପାଖରେ ଥିବା ଟ୍ରାନ୍ସଫର୍ମରରେ ହଠାତ୍ ବ୍ଲାଷ୍ଟ ହୋଇଥିଲା। ଏହାର ନିଆଁ ଝୁଲ ହୋଟେଲର ତୃତୀୟ ମହଲା ଯାଏ ପହଞ୍ଚି ଯାଇ ଥିଲା। ଚାହୁଁ ଚାହୁଁ ନିଆଁ ଭୟଙ୍କର ରୂପ ଧାରଣ କରି ଥିଲା ଏବଂ ପୂରା ବିଲ୍ଡିଂକୁ କବଜା କରି ନେଇଥିଲା।

# ସିଇସି ଚୟନ କମିଟିରେ ବିଚାରପତି ରହିବା ଜରୁରୀ ନୁହେଁ



ନୂଆଦିଲ୍ଲୀ, ୧୮।୫ଃ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ ନିର୍ବାଚନ କମିଶନର (ଇସି) ନିଯୁକ୍ତି ଲାଗି ଥିବା ଚୟନ କମିଟିରେ ବିଚାରପତି ରହିବା ଜରୁରି ନୁହେଁ। ସମ୍ବିଧାନରେ ଏଭଳି କୌଣସି ପ୍ରାବଧାନ ନାହିଁ। କମିଟିରେ କୌଣସି ବିଚାରପତିଙ୍କୁ ସାମିଲ କରାଯିବା ସଂସଦର ନିଷ୍ପତ୍ତି ହୋଇପାରେ। କିନ୍ତୁ ଏହାକୁ ସାମ୍ବିଧାନିକ ବାଧ୍ୟବାଧକତା ଭାବେ ଗ୍ରହଣ କରାଯାଇପାରିବ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏଭଳି ଯୁକ୍ତି ଉପସ୍ଥାପନ କରାଯାଇଛି।

ସୁପ୍ରିମକୋର୍ଟରେ ସିଇସି ଓ ଇସି ନିଯୁକ୍ତି ନିୟମ ୨୦୨୩କୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି ବେଳେ କେନ୍ଦ୍ର ସରକାର ନିଜର ପକ୍ଷ ରଖି ଏହା ଦର୍ଶାଇଛନ୍ତି। ଏହି ଆଇନ ଅନୁସାରେ ୩ ଜଣିଆ କମିଟି ସିଇସି ଓ ଇସିଙ୍କୁ ନିଯୁକ୍ତ କରିବେ। କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଓ ଜଣେ କେନ୍ଦ୍ରମନ୍ତ୍ରୀ ସଦସ୍ୟ ରହିବେ। ଏହା ପୂର୍ବରୁ ସୁପ୍ରିମକୋର୍ଟ ଅନ୍ତରୀଣ ବ୍ୟବସ୍ଥାରେ ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ସାମିଲ କରିଥିଲେ। ୨୦୨୩ ମାର୍ଚ୍ଚରେ ସୁପ୍ରିମକୋର୍ଟ କହିଥିଲେ ଯେପର୍ଯ୍ୟନ୍ତ ଚୟନ କମିଟି ଲାଗି ସଂସଦ ଆଇନଗତ ବ୍ୟବସ୍ଥା ନ କରିଛି ସେପର୍ଯ୍ୟନ୍ତ ପ୍ରଧାନ ବିଚାରପତି ସଦସ୍ୟ ରହିବେ। ଏହା ପରେ କେନ୍ଦ୍ର ସରକାର ନୂଆ ଆଇନ ଆଣିଲେ। ଏହା ୨୦୨୪ ଜାନୁଆରୀ ୨ରେ ଲାଗୁ ହେଲା।

# ଭାରତ ଫେରିଲା ଚୋଳ ରାଜବଂଶ ସମ୍ପତ୍ତି

ନୂଆଦିଲ୍ଲୀ,୧୮।୫ଃ ଭାରତ ଏକ ଐତିହାସିକ କୂଟନୈତିକ ସଫଳତା ହାସଲ କରିଛି। ୩୦୦ ବର୍ଷ ପୂର୍ବରୁ ବିଦେଶୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ଚୋଳ ସାମ୍ରାଜ୍ୟର ବହୁମୂଲ୍ୟ ରାଜକୀୟ ସମ୍ପତ୍ତି ଏବେ ନିଜ ମାଟିକୁ ଫେରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ନେଦରଲ୍ୟାଣ୍ଡ ଗସ୍ତ ସମୟରେ ଡଚ୍ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଐତିହାସିକ ତାମ୍ରପତ୍ରଗୁଡ଼ିକୁ ଗ୍ରହଣ କରିଛନ୍ତି। ୧୧ଶ ଶତାବ୍ଦୀର ଏହି ୨୧ଟି ତାମ୍ରପତ୍ର, ଯାହାକୁ 'ଲାଇଡେନ୍ ପ୍ଲେଟ୍ସ' ବୋଲି ମଧ୍ୟ କୁହାଯାଏ, ଏହାର ଓଜନ ପାଖାପାଖି ୩୦ କିଲୋଗ୍ରାମ। ଏହି ଶିଳାଲେଖଗୁଡ଼ିକରେ ଚୋଳ ବଂଶର ପ୍ରଭାବଶାଳୀ ଶାସକ ରାଜା ଚୋଳ ଏବଂ ତାଙ୍କ ପୁତ୍ର ରାଜେନ୍ଦ୍ର ଚୋଳଙ୍କ ଆଦେଶ ସଂସ୍କୃତ ଏବଂ ତାମିଲ ଭାଷାରେ ଲିପିବଦ୍ଧ ହୋଇଛି। ଏଥିରେ ଚୋଳ ବଂଶର ରାଜକୀୟ ମୋହର ମଧ୍ୟ ଲାଗିଛି। ୨୦୧୨ ମସିହାରୁ ଚାଲିଥିବା ଦୀର୍ଘ ଆଇନଗତ ଲଢ଼େଇ ପରେ ଭାରତ ଏହି ସମ୍ପତ୍ତିକୁ ଫେରାଇ ଆଣିବାରେ ସଫଳ ହୋଇଛି।



ଏହି ସମ୍ପତ୍ତି ମୁଖ୍ୟତଃ ୨୧ଟି ବୃହତ୍ତ ତାମ୍ରପତ୍ର ର ଏକ ସମାହାର, ଯାହା ଏକ ଶକ୍ତ ଧାତବ ବଳୟରେ ବନ୍ଧା ହୋଇ ରହିଛି। ଏହି ବଳୟ ଉପରେ ଚୋଳ ବଂଶର ରାଜକୀୟ ମୋହର ଖୋଦିତ ହୋଇଛି, ଯେଉଁଥିରେ ବାଘ (ଚୋଳଙ୍କ ପ୍ରତୀକ), ଦୁଇଟି ମାଛ (ପାଣ୍ଡ୍ୟ ଶାସକଙ୍କ ପ୍ରତୀକ) ଏବଂ ଧନୁ ରହିଛି। ଏହା ଦର୍ଶାଏ ଯେ, ସେହି ସମୟରେ ଚୋଳମାନେ ସମଗ୍ର ଦକ୍ଷିଣ ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ।

ଏହି ୨୧ ପୃଷ୍ଠାରେ ୧୧ଶ ଶତାବ୍ଦୀର ମହାନ ଶାସକ ରାଜା ଚୋଳ ଏବଂ ତାଙ୍କ ପୁତ୍ର ରାଜେନ୍ଦ୍ର ଚୋଳଙ୍କ ସଫଳତା ବିଷୟରେ ବର୍ଣ୍ଣନା କରାଯାଇଛି। ଏଥିରେ ସଂସ୍କୃତ ଏବଂ ପ୍ରାଚୀନ ତାମିଲ ଭାଷାର ବ୍ୟବହାର ହୋଇଛି। ଏଥିରେ ନାଗାପଟ୍ଟନମଠାରେ ଏକ ବୌଦ୍ଧ ବିହାର (ଚୂଡ଼ାମଣି ବିହାର) ନିର୍ମାଣ ପାଇଁ ଗ୍ରାମ ଦାନ କରିବାର ଘୋଷଣା ରହିଛି। ଏହା ପ୍ରମାଣ କରେ ଯେ, ଚୋଳ ଶାସକମାନେ ଅନ୍ୟ ଧର୍ମ ପ୍ରତି କେତେ ସହନଶୀଳ ଏବଂ ଉଦାର ଥିଲେ।

୧୮ଶ ଶତାବ୍ଦୀରେ ଯେତେବେଳେ ଭାରତରେ ଇଉରୋପୀୟ ଶକ୍ତିଙ୍କ ପ୍ରଭାବ ବଢ଼ିଲା, ସେତେବେଳେ ଡଚ୍ ବଣିକମାନେ ଦକ୍ଷିଣ ଭାରତର ଉପକୂଳରୁ ଏହି ବହୁମୂଲ୍ୟ ତାମ୍ରପତ୍ରଗୁଡ଼ିକୁ ନେଦରଲ୍ୟାଣ୍ଡ ନେଇଯାଇଥିଲେ। ସେବେଠାରୁ ଏହା ନେଦରଲ୍ୟାଣ୍ଡର ଲାଇଡେନ୍ ବିଶ୍ୱବିଦ୍ୟାଳୟର ସଂଗ୍ରହାଳୟରେ ରହିଥିଲା।

# ଉଡ଼ାଣ ଭରିବ ପ୍ରଥମ ସ୍ୱଦେଶୀ ଏୟାରବସ୍

ନୂଆଦିଲ୍ଲୀ, ୧୮।୫ଃ ଭାରତର ପ୍ରତିରକ୍ଷା କ୍ଷେତ୍ର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଦେଶରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଆସେମ୍ବଲ୍ କରାଯାଇଥିବା ପ୍ରଥମ 'ଏୟାରବସ ସି-୨୯୫' ସାମରିକ ପରିବହନ ବିମାନ ନିର୍ମାଣ ଶେଷ ହୋଇଛି। ଗୁଜରାଟର ବରୋଦା (ଭଦୋଦରା) ସ୍ଥିତ ଟାଟା-ଏୟାରବସ ପ୍ଲାଣ୍ଟରେ ଏହି ବିମାନକୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହା ଏବେ ନିଜର ପ୍ରଥମ ଉଡ଼ାଣ ପରୀକ୍ଷଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଏବଂ ସ୍ୱଦେଶୀ ସାମରିକ ବିମାନ ନିର୍ମାଣ କ୍ଷମତା



ବୃଦ୍ଧି କରିବା ଦିଗରେ ଏହାକୁ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି।

ଏହି ଗୌରବମୟ ମୁହୂର୍ତ୍ତରେ ଭାରତୀୟ ବାୟୁସେନାର ଉପମୁଖ୍ୟ ଏୟାର ମାର୍ଶଲ ଅବଧେଶ କୁମାର ଭାରତୀ ନିକଟରେ ବରୋଦା ସ୍ଥିତ ମେନ୍ ଆସେମ୍ବଲି ଲାଇନ୍ ପରିଦର୍ଶନ କରିଛନ୍ତି। ସେ ସେଠାରେ ଭାରତରେ ନିର୍ମିତ ହେଉଥିବା ଏହି ପ୍ରଥମ ସି-୨୯୫ ସାମରିକ ବିମାନର ପ୍ରଗତି ଏବଂ ଏହାର ଯାନ୍ତ୍ରିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବାୟୁସେନାର ଉଚ୍ଚ ପଦାଧିକାରୀଙ୍କ ଏହି ଗସ୍ତ ବିମାନର ଆଗାମୀ ଟେଷ୍ଟିଂ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ।

ଭାରତରେ ପ୍ରତିରକ୍ଷା ଉତ୍ପାଦନ ଇତିହାସରେ ଏହା ପ୍ରଥମ ସୁଯୋଗ, ଯେଉଁଠି କୌଣସି ଘରୋଇ ସଂସ୍ଥା ସମ୍ପୂର୍ଣ୍ଣ ସାମରିକ ବିମାନ ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଛି। ଟାଟା ଆଡଭାନ୍ସଡ ସିଷ୍ଟମ୍ସ ଏବଂ ଏୟାରବସ ଡିଫେନ୍ସ ମିଳିତ ଭାବେ ଏହି ପ୍ରକଳ୍ପ ଉପରେ କାମ କରୁଛନ୍ତି।ବାୟୁସେନାର ପୁରୁଣା ଆଭ୍ରୋ-୭୪୮ ବିମାନଗୁଡ଼ିକର ସ୍ଥାନ ଏହି ଅତ୍ୟାଧୁନିକ ସି-୨୯୫ ବିମାନ ନେବ।

# ସାମ୍ନାକୁ ଆସିଲା ପ୍ରଥମ ବୁଲେଟ୍ ଟ୍ରେନର ଫଟୋ

ନୂଆଦିଲ୍ଲୀ,୧୮।୫ଃ ମୁମ୍ବାଇ ଏବଂ ଅହମ୍ମଦାବାଦ ମଧ୍ୟରେ ଚାଲିବାକୁ ଥିବା ପ୍ରଥମ ବୁଲେଟ୍ ଟ୍ରେନର ପ୍ରସ୍ତାବିତ ଡିଜାଇନ୍ ସାମନାକୁ ଆସିଛି। ରେଳ ମନ୍ତ୍ରଣାଳୟର ରାଷ୍ଟ୍ରୀୟ ରାଜଧାନୀ ସ୍ଥିତ କାର୍ଯ୍ୟାଳୟରେ ଏହି ଅତ୍ୟାଧୁନିକ ଟ୍ରେନର ପ୍ରଥମ ଫଟୋରୁ ପ୍ରଦର୍ଶିତ କରାଯାଇଛି। ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଅନୁସାରେ ଏହି ଫଟୋକୁ ମନ୍ତ୍ରଣାଳୟର ଗେଟ୍ ନମ୍ବର ୪ରେ ଲଗାଯାଇଛି। ଏହି ଫଟୋ ଏପରି ସମୟରେ ସାମନାକୁ ଆସିଛି, ଯେତେବେଳେ ଭାରତ ୨୦୨୭ ଏପ୍ରିଲ ସୁଦ୍ଧା ନିଜର ପ୍ରଥମ ସ୍ୱଦେଶୀ ବୁଲେଟ ଟ୍ରେନକୁ ଚଲାଇବା ପାଇଁ ଯୋଜନା କରୁଛି।

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଥିଲେ ଯେ ୫୦୮ କିଲୋମିଟର ଲମ୍ବା ମୁମ୍ବାଇ-ଅହମ୍ମଦାବାଦ ହାଇ ସ୍ପିଡ୍ ରେଳ ପ୍ରକଳ୍ପ ମହାରାଷ୍ଟ୍ର, ଗୁଜରାଟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଏବଂ ନଗର ହାବେଳି ଦେଇ ଗତି କରିବ। ଏହି ରାସ୍ତାରେ ମୋଟ ୧୨ଟି ଷ୍ଟେସନ ରହିବ। ଗୁଜରାଟର ଚାରୋଟି ପ୍ରମୁଖ ନଦୀ ନର୍ମଦା, ମାହି, ତାପ୍ତୀ ଏବଂ ସାବରମତୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ରହିଛି। ଏହା ବ୍ୟତୀତ, ମହାରାଷ୍ଟ୍ରରେ ଚାରୋଟି ନଦୀ ସେତୁ ନିର୍ମାଣାଧୀନ ଅଛି। ମୁମ୍ବାଇର ବିକେସିରେ ଖନନ କାର୍ଯ୍ୟ ପ୍ରାୟ ୯୧% ସମାପ୍ତ ହୋଇଛି। ସମୁଦ୍ର କୂଳରେ ସୁଡ଼ଙ୍ଗ



ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଥିରେ ଘନସୋଲି ଏବଂ ଶିଳଫଟା ମଧ୍ୟରେ ୪.୮ କିଲୋମିଟର ଅଂଶ ସମ୍ପୂର୍ଣ୍ଣ ହୋଇସାରିଛି।

ଭାରତୀୟ ରେଳବାଇ ଅନୁଯାୟୀ, 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ଏହି ପ୍ରକଳ୍ପ ଭାରତର ଘରୋଇ ହାଇ-ସ୍ପିଡ୍ ରେଳ କ୍ଷମତାକୁ ଏକ ପ୍ରମୁଖ ବୃଦ୍ଧି ପ୍ରଦାନ କରିବ। ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି ଏବଂ ବେଙ୍ଗାଲୁରୁ ସ୍ଥିତ ବିଇଏମଏଲ ଲିମିଟେଡ୍ ମିଳିତ ଭାବରେ ଏହି ଟ୍ରେନ୍ ସେଟ୍ଗୁଡ଼ିକୁ ବିକଶିତ କରୁଛନ୍ତି। ଏହାର ଡିଜାଇନ୍ ସ୍ପିଡ୍ ୨୮୦ କିଲୋମିଟର ପ୍ରତି ଘଣ୍ଟା ହେବ।

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସତୀଶନ୍




ଥିରୁବନନ୍ତପୁରମ, ୧୮।୫ଃ କେରଳରେ କ୍ଷମତାର ନୂଆ ଯୁଗ ଆରମ୍ଭ। ସୋମବାର ଭିଡି ସତୀଶନ୍ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହିତ ୨୦ ଜଣ ବିଧାୟକ ମଧ୍ୟ ମନ୍ତ୍ରୀ ହୋଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ କଂଗ୍ରେସ ନେତା ଯୋଗ ଦେଇଥିଲେ। ରବିବାର ପୂର୍ବରୁ ସେ କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସେ କହିଥିଲେ ଯେ ମେଣ୍ଟ ଭିତରେ ସାମାଜିକ ଏବଂ ଆଞ୍ଚଳିକ ସନ୍ତୁଳନକୁ ବିଚାରକୁ ନେଇ ମେଣ୍ଟ ନେତାଙ୍କ ସହିତ ଆଲୋଚନା ପରେ ମନ୍ତ୍ରୀଙ୍କ ତାଲିକା ଚୂଡ଼ାନ୍ତ କରାଯାଇଥିଲା।

ସତୀଶନ୍ କହିଛନ୍ତି ଯେ ଦଳର ବରିଷ୍ଠ ନେତା ରମେଶ ଚେନ୍ନିଥଲା, କେ. ମୁରଲୀଧରନ ଏବଂ ସନି ଯୋସେଫଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ ଭିଡି ସତୀଶନ ନେତୃତ୍ୱରେ ନୂତନ ମନ୍ତ୍ରିମଣ୍ଡଳରେ ଦଳର ୫ ଜଣ ମନ୍ତ୍ରୀ ସାମିଲ ହେବେ।

ଆଇୟୁଏମଏଲ ମୁଖ୍ୟ ପନାକ୍କଡ ସାଦିକ ଅଲି ଶିହାବ ଥାଙ୍ଗଲ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନୂତନ ସରକାରରେ ପାଞ୍ଚ ଜଣ ଦଳୀୟ ନେତାଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତ କରିବାର ନିଷ୍ପତ୍ତି ନିଆଯାଇଛି। ଏଥିରେ ପିକେ କୁନହାଲିକୁଟ୍ଟି, ଏନ ଶାମସୁଦ୍ଦିନ, କେଏମ ଶାଜି, ପିକେ ବଶୀର ଏବଂ ଭିଇ ଅବଦୁଲ ଗଫୁର ସାମିଲ ଅଛନ୍ତି।

କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ) ବରିଷ୍ଠ ବିଧାୟକ ତିରୁଭାଞ୍ଚୁର ରାଧାକୃଷ୍ଣନଙ୍କୁ ବିଧାନସଭା ବାଚସ୍ପତି ଭାବରେ ମନୋନୀତ କରିବାକୁ ନିଷ୍ପତ୍ତି ନେଇଛି, ଯେତେବେଳେ ଶାନିମୋଲ ଉସମାନ ଉପବାଚସ୍ପତି ଭାବରେ କାର୍ଯ୍ୟ କରିବେ।

# ଅଙ୍ଗାରକାମ୍ଳକୁ ହଜମ କରିପାରୁଥିଲା ଡାଇନୋସର୍

ନୂଆଦିଲ୍ଲୀ ୧୮।୫ଃ ଥାଇଲାଣ୍ଡରେ ଖନନରୁ ବୈଜ୍ଞାନିକମାନେ 'ନାଗା ଟାଇଟନ୍' ନାମକ ଏକ ନୂଆ ପ୍ରକାର ଲମ୍ବା ବେକଯୁକ୍ତ ବିଶାଳ ଡାଇନୋସର ଅବଶେଷ ଚିହ୍ନଟ କରିଛନ୍ତି। ଅଦ୍ୟାବଧି ଦକ୍ଷିଣ-ଏସିଆରେ ମିଳିଥିବା ଏହା ସର୍ବବୃହତ ଡାଇନୋସର। ଓଜନ ୨୭ ଟନ୍, ଯାହା ୯ ବୟସ୍କ ଏସୀୟ ହାତୀ ସହ ସମାନ। ଲମ୍ବା ୨୭ ମିଟର (୮୮ ଫୁଟ)। ଡିପ୍ଲୋଡୋକସ୍ ଡାଇନୋସରଠୁ ଏହା ଅଧିକ ଲମ୍ବା। ଡିପ୍ଲୋଡୋକସ୍ ଭଳି ନାଗାଟାଇଟନ୍ ଲମ୍ବା ବେକଯୁକ୍ତ ତୃଣଭୋଜୀ ସରୋପଡ୍ ସମୂହର।




ଏକ ଦଶନ୍ଧି ପୂର୍ବେ, ବ୍ରିଟେନ ଓ ଥାଇଲାଣ୍ଡର ଗବେଷକମାନେ ଉତ୍ତର-ପୂର୍ବ ଥାଇଲାଣ୍ଡରେ ଏକ ପୋଖରୀ ପାର୍ଶ୍ୱରେ ଜୀବାଶ୍ମରୁ ଏହି ପ୍ରଜାତିକୁ ଚିହ୍ନଟ କରିଥିଲେ। ପ୍ରାଚୀନ ଜଳବାୟୁ ସ୍ଥିତିରେ ପରିବର୍ତ୍ତନ କିଭଳି ବିଶାଳ ଡାଇନୋସରଙ୍କ ବିକାଶରେ ସହାୟକ ହୋଇଥିଲା, ଏହି ଆବିଷ୍କାର ତା' ଉପରେ ଆଲୋକପାତ କରିଛି। ଏହି ଡାଇନୋସର ଟାଇରାନୋସରସ୍ ରେକ୍ସଠୁ ୪ କୋଟି ବର୍ଷ ପୂର୍ବରୁ ଅର୍ଥାତ୍ ୧୦-୧୨ କୋଟି ବର୍ଷ ପୂର୍ବେ ବିଚରଣ କରୁଥିଲା। ଆକାରରେ ଏହା ଟାଇରାନୋସରସ୍ଠୁ ଦୁଇଗୁଣ ବିଶାଳ। ଗବେଷକମାନେ ନାଗାଟାଇଟନ୍‌କୁ ଥାଇଲାଣ୍ଡର 'ଶେଷ ଟାଇଟନ୍' ଭାବେ ସମ୍ବୋଧନ କରିଛନ୍ତି। କାରଣ ଏହାର ଜୀବାଶ୍ମ ଦେଶର ସବୁଠୁ ନୂଆ ପଥର ସଂରଚନାରେ ଠାବ ହୋଇଥିଲା। ନୂଆ ପଥର ଡାଇନୋସରଙ୍କ ଶେଷ ସମୟ ବେଳକୁ ପଡ଼ିଥିଲା। ସେତେବେଳକୁ ଉକ୍ତ କ୍ଷେତ୍ର ସମୁଦ୍ର ଦ୍ୱାରା ପ୍ଲାବିତ ହୋଇଥିବାରୁ ସେହି ପଥରରେ ଡାଇନୋସର ଜୀବାଶ୍ମ ମିଳିବା ଅସମ୍ଭବ ଥିଲା। ତେଣୁ ଏଇଟି ବୋଧହୁଏ ଦକ୍ଷିଣ- ପୂର୍ବ ଏସିଆର ଶେଷ କିମ୍ବା ସର୍ବବୃହତ ସରୋପଡ୍ ବୋଲି ଗବେଷକମାନେ କହିଛନ୍ତି।

ଯେତେବେଳେ ପୃଥିବୀ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସ୍ତର ବିଶ୍ୱ ତାପମାତ୍ରା ସହିତ ବୃଦ୍ଧି ପାଉଥିଲା, ସେହି ସମୟରେ ନାଗାଟାଇଟନ୍ ପୃଥିବୀରେ ବିଚରଣ କରୁଥିଲେ। ଏହି ସମୟରେ ସରୋପଡ୍ ସମୂହର ଡାଇନୋସର ଖୁବ୍ ବିଶାଳ ଆକାରଯୁକ୍ତ ଥିଲେ। ଉଚ୍ଚ ତାପମାତ୍ରା ସହ୍ୟ କରିବା ଏମାନଙ୍କ ପାଇଁ ସହଜ ନ ଥିଲା। କାରଣ ବିଶାଳ ଶରୀରରେ ଉଷ୍ମତା ଅଧିକ ସମୟ ରହୁଥିଲା ଏବଂ ଥଣ୍ଡା ହେବା କଷ୍ଟକର ହେଉଥିଲା। ନାଗାଟାଇଟନ୍ ଥାଇଲାଣ୍ଡରେ ନାମକରଣ ହୋଇଥିବା ଚତୁର୍ଦ୍ଦଶ ଡାଇନୋସର। ମହାସରଖମ୍ ବିଶ୍ୱବିଦ୍ୟାଳୟର ଜୀବାଶ୍ମବିଜ୍ଞାନୀ ଡା. ସୀତା ମନିତକୁନ୍ କହିଛନ୍ତି, ଏ ଦେଶରେ ଡାଇନୋସର ଜୀବାଶ୍ମରେ ଅନେକ ବିବିଧତା ରହିଛି। ଏସିଆରେ ଡାଇନୋସର ଅବଶେଷ ଆବିଷ୍କାର ମାମଲାରେ ଏହା ୩ୟ ସର୍ବାଧିକ।

# ଆରଟିଆଇରୁ ବିସିସିଆଇ ମୁକ୍ତ

ନୂଆଦିଲ୍ଲୀ,୧୮।୫ଃ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ସୋମବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) କୁ ସୂଚନା ଅଧିକାର ଅଧିନିୟମ (ଆରଟିଆଇ ଆକ୍ଟ) ଅଧୀନରୁ ମୁକ୍ତ କରିଛନ୍ତି। ବିସିସିଆଇ ସୂଚନାଧିକାର ଅଧିନିୟମ ଅନ୍ତର୍ଭୁକ୍ତ 'ପବ୍ଲିକ୍ ଅଥରିଟି' ପର୍ଯ୍ୟାୟରେ ଯାଉନାହିଁ ବୋଲି ସିଆଇସି ପକ୍ଷରୁ କୁହାଯାଇଛି। ୨୦୧୮ରେ ତତ୍କାଳୀନ ସିଆଇସି କମିଶନର ଏମ୍. ଶ୍ରୀଧର ଆଚାର୍ଯ୍ୟୁଲୁ ଆରଟିଆଇ ଅଧିନିୟମର ଦଫା-୨(ଏଚ୍) ଅନୁଯାୟୀ ବିସିସିଆଇକୁ 'ପବ୍ଲିକ୍ ଅଥରିଟି' ବୋଲି ଘୋଷଣା କରିଥିଲେ। ଆଜିର ଘୋଷଣାରେ ସିଆଇସି ତା'ର ୨୦୧୮ ଆଦେଶକୁ ପ୍ରତ୍ୟାହାର କରିନେଇଛି। ବିସିସିଆଇ କିପରି କାର୍ଯ୍ୟ କରୁଛି ଓ ଏହାର କାର୍ଯ୍ୟସୂଚୀ ସବୁ କ'ଣ ରହିଛି, ତାହା ଜାଣିବା ପାଇଁ ଗୋଟିଏ ମାମଲା ଦାଖଲ ହେବା ପରେ ସିଆଇସି ଏହି ରାୟ ଦେଇଛନ୍ତି। ସିଆଇସି ପକ୍ଷରୁ ପ୍ରକାଶିତ ଏକ ରୁଲିଂରେ କୁହାଯାଇଛି ଯେ ବିସିସିଆଇ ଏକ ଘରୋଇ ଅନୁଷ୍ଠାନ। କ୍ରିକେଟ୍ ଖେଳକୁ ପ୍ରୋତ୍ସାହିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଏହା ନିଜସ୍ୱ ଆଇନ ଓ ନିୟମାବଳୀ ଦ୍ୱାରା ନିୟନ୍ତ୍ରିତ ତଥା ପରିଚାଳିତ ହୋଇଥାଏ। ସରକାରଙ୍କଠାରୁ ପାଣ୍ଠି ପାଉ ନ ଥିବା କାରଣରୁ ଏହା ଏକ ସ୍ୱୟଂଶାସିତ ସଂଗଠନ ବୋଲି ଦର୍ଶାଇ ବିସିସିଆଇ ମାଡ୍ରାସ ହାଇକୋର୍ଟରେ ଏହି ମାମଲାକୁ ଚ୍ୟାଲେଞ୍ଜ କରିବା ସହ ଏହା ଆରଟିଆଇ କ୍ଷେତ୍ରର ଅଧୀନ ନୁହେଁ ବୋଲି ଯୁକ୍ତି ଦର୍ଶାଇଥିଲା। ହାଇକୋର୍ଟ ଏହା ଉପରେ କୌଣସି ରାୟ ଦେଇ ନ ଥିଲେ। କେବଳ ତାଙ୍କ ନିଷ୍ପତ୍ତିକୁ ସିଆଇସି ନିକଟକୁ ପଠାଇ ଦେଇଥିଲେ।

## ଇଣ୍ଟରସିଟିରେ ଅଗ୍ନିକାଣ୍ଡ, ଟ୍ରେନ୍‌ରୁ ଡେଇଁଲେ ଯାତ୍ରୀ

ପାଟନା,୧୮।୫ଃ ସୋମବାର ବିହାରର ରୋହତାସ ଜିଲ୍ଲା ସାସାରାମ ରେଳ ଷ୍ଟେସନରେ ଆତଙ୍କ ଖେଳିଯାଇଛି । ଭାବୁଆ-ସାସାରାମ ଇଣ୍ଟରସିଟି ଏକ୍ସପ୍ରେସରେ ହଠାତ୍ ନିଆଁ ଲାଗିଛି । ଫଳରେ ଷ୍ଟେସନ୍ ପରିସରରେ ଆତଙ୍କ ଖେଳିଯାଇଛି । ଜୀବନ ବିକଳରେ ଟ୍ରେନରୁ ଡେଇଁ ପଡିଛନ୍ତି ଯାତ୍ରୀ। ଏହି ସମୟରେ ଦଳାଚକଟା ସ୍ଥିତି ଉପୁଜିଛି । ଘଟଣା ସମୟରେ ଟ୍ରେନଟି ପ୍ଲାଟଫର୍ମରେ ଛିଡା ହୋଇଥିଲା । ନିଆଁ ଲାଗିବା ମାତ୍ରେ ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଜୀବନ ବଞ୍ଚାଇବାକୁ ଟ୍ରେନରୁ ଓହ୍ଲାଇ ପଡିଥିଲେ। କିଛି ସେକେଣ୍ଡ ମଧ୍ୟରେ ନିଆଁ ଗୋଟିଏ କୋଚକୁ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରି ଦେଇଥିଲା । ଏହି ଘଟଣା ରେଳବାଇର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି କାରଣ ଗତକାଲି ତ୍ରିଭେନ୍ଦ୍ରମ୍ ସେଣ୍ଟ୍ରାଲ-ହଜରତ ନିଜାମୁଦ୍ଦିନ ରାଜଧାନୀ ଏକ୍ସପ୍ରେସର ୨ଟି ବଗିରେ ନିଆଁ ଲାଗିଯାଇଥିଲା ।

## ମୋଦିଙ୍କୁ ୩୨ତମ ଅନ୍ତର୍ଜାତୀୟ ପୁରସ୍କାର



ଓସଲୋ,୧୮।୫ଃ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ୬ ଦିନିଆ ପଞ୍ଚରାଷ୍ଟ୍ରୀୟ ଗସ୍ତର ତୃତୀୟ ଚରଣରେ ଯାଇ ନରୱେରେ ପହଞ୍ଚିଥିବା ବେଳେ ନରୱେ ପକ୍ଷରୁ ତାଙ୍କୁ ସେଠାକାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦି ରୟାଲ ନରୱେନ୍ ଅର୍ଡର ଅଫ୍ ମେରିଟ୍' ପ୍ରଦାନ କରାଯାଇଛି। ଏହା ହେଉଛି ମୋଦୀଙ୍କ ୩୨ ତମ ଅନ୍ତର୍ଜାତୀୟ ପୁରସ୍କାର। ଶନିବାର ଦୁଇଦିନିଆ ସ୍ୱିଡେନ୍ ଗସ୍ତ ଅବସରରେ ତାଙ୍କୁ ସେଠାକାର ସମ୍ମାନଜନକ ପୁରସ୍କାର 'ରୟାଲ ଅର୍ଡର ଅଫ୍ ଦି ପୋଲାର ଷ୍ଟାର, ଡିଗ୍ରି କମାଣ୍ଡର ଗ୍ରାଣ୍ଡ କ୍ରସ୍' ପ୍ରଦାନ କରାଯାଇଥିଲା। 'ଦି ଗ୍ରାଣ୍ଡ କ୍ରସ୍' ହେଉଛି 'ରୟାଲ ନରୱେନ ଅର୍ଡର ଅଫ୍ ମେରିଟ୍'ର ସର୍ବୋଚ୍ଚ ଗ୍ରେଡ୍। ନରୱେର ସ୍ୱାର୍ଥ ଓ ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ଆଗକୁ ନେଉଥିବା ସେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାର ଗଠନ...

ଅଙ୍କାଯାଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ତରଫରୁ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ରେ ଯୋଗଦେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି ଯେ ସରକାର ଗଠନ ପାଇଁ ସଂଘର୍ଷ ଓ ସମର୍ପଣ ଆବଶ୍ୟକ। ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ। କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ, ବରଂ ଆମକୁ ସଂଘର୍ଷ ସହ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ। ଦେଶ ସାରା ବିଜେପି ପ୍ରତି ସକାରାତ୍ମକ ଲହର ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ଅତୀତରେ ବିରୋଧୀ ଦଳ ଭୂମିକାରେ ରହି ତତ୍କାଳୀନ ସରକାରଙ୍କୁ ଗଠନାତ୍ମକ ଓ ସକାରାତ୍ମକ ସହଯୋଗ କରୁଥିଲା। କିନ୍ତୁ ବର୍ତ୍ତମାନ ବିରୋଧୀ ଦଳଗୁଡ଼ିକର ଆଚରଣ ଓ ଉଚ୍ଚାରଣରେ ବ୍ୟାପକ ପରିବର୍ତ୍ତନ ଘଟିଛି। ନକାରାତ୍ମକ ମନୋଭାବ ସ୍ପଷ୍ଟ ପରିପ୍ରକାଶ ପାଉଛି। ନକାରାତ୍ମକ ମନୋଭାବ ରଖିଥିବା ବିରୋଧୀ ଦଳଗୁଡ଼ିକ ଏବେ ଜେନ୍-ଜି' ନାମରେ ଯୁବବର୍ଗକୁ ପଥଭ୍ରଷ୍ଟ କରୁଛନ୍ତି। ଏହା ବିକାଶର ଧାରାକୁ ପ୍ରତିରୋଧ କରୁଛି ବୋଲି ନୀତିନ କହିଛନ୍ତି। ଅନୁପ୍ରବେଶକାରୀ, ଧର୍ମଭିତ୍ତିକ ମତାନ୍ତର, କ୍ଷେତ୍ରବାଦ, ସାଂସ୍କୃତିକ ଆକ୍ରମଣ କରାଯିବାର ବଡ଼ ଚକ୍ରାନ୍ତକୁ ବିଫଳ କରିବା ହେଉଛି ଆମ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ। ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ନୀତିନ୍ କହିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିଜେପି ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଜାତୀୟତାବାଦୀ ଦଳ। ଜ୍ଞାନ ହେଉଛି ଶକ୍ତି ଓ ଅଭିଜ୍ଞତା ହେଉଛି ମୂଲ୍ୟବାନ। ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସକ୍ଷମ କରିବା ସହ ସଂଗଠନକୁ ମଧ୍ୟ ସଶକ୍ତ କରିବ। ଏହି ପ୍ରଶିକ୍ଷଣ ଶିବିରରେ ରାଷ୍ଟ୍ରୀୟ ସଭାପତି ସାମିଲ ହେବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏହି ପ୍ରଶିକ୍ଷଣ ଶିବିରରୁ ଅଧିକରୁ ଅଧିକ ଲାଭ ନେବାକୁ ରାଜ୍ୟ ସଭାପତି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ଟୋଲିର ସହସଂଯୋଜିକା ତଥା ସାଂସଦ କବିତା ପାଟିଦାର, କ୍ଷେତ୍ରୀୟ ସଂଯୋଜକ ଅଧ୍ୟାପକ ଦୀନେଶାନନ୍ଦ ଗୋସ୍ୱାମୀ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ।

### ୮୦ ଲକ୍ଷର ଆକାଉଣ୍ଟ...

ଏ ସଂକ୍ରାନ୍ତରେ ଆନନ୍ଦପୁର ଡିଏସ୍‌ପି କମଲ କୁମାର ପଣ୍ଡା କହିଛନ୍ତି ଯେ ସ୍ପେଶାଲ ସ୍କ୍ୱାଡ୍, ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅଧିକାରୀ ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କ ସମ୍ମିଳିତ ଅଭିଯାନରେ ଏହି ଚଢ଼ାଉ କରାଯାଇଛି। ହାଟଡ଼ିହି ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ସହ ଶାଳନିଆଁର ଗୁରୁବ୍ରତ ଖଣ୍ଡାୟୀ, ବୀରଗୋବିନ୍ଦପୁରର ଅଜିତ ପୃଷ୍ଟି ଓ ସୌମ୍ୟରଞ୍ଜନ ମହାପାତ୍ର, ହାଟଡ଼ିହିର ବାପି ନାୟକ, ଏଲକଣିଆର ଯୋଗେନ୍ଦ୍ର ବେହେରା, ଆନନ୍ଦପୁରର ମିକୁଲ ଦାସ, ଧକୋଠାର ଉଦର ସାହୁ, ଶାନ୍ତନୁ ନାୟକ, ଅମାରଙ୍ଗର ସନ୍ତୋଷ ନାୟକ ଓ ଘଟଗାଁର ଜିତେନ୍ଦ୍ର ସା'ଙ୍କ ଘରେ ଚଢ଼ାଉ କରାଯାଇଛି। ଏବେ ବି ଯାଞ୍ଚ୍ ପ୍ରକ୍ରିୟା ଜାରି ରହିଥିବା ବେଳେ ସମ୍ପୂର୍ଣ୍ଣ ତଦନ୍ତ ସରିବା ପରେ ଘଟଣାର ବିସ୍ତୃତ ତଥ୍ୟ ପ୍ରକାଶ ପାଇବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଝାରସୁଗୁଡ଼ା ପାଲଟିଛି...

୪୦.୨ ଡିଗ୍ରୀ, ଭଦ୍ରକରେ ୪୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଯଦିଓ ତାପମାତ୍ରା ୪୦ ଡିଗ୍ରୀ ତଳେ ଅର୍ଥାତ୍ ୩୯ ଡିଗ୍ରୀ ରହିଥିଲା, କିନ୍ତୁ ରାଜଧାନୀବାସୀ ପ୍ରବଳ ଗୁଳୁଗୁଳିରେ ହନ୍ତସନ୍ତ ହୋଇଥିଲେ। ଏପରିକି ସନ୍ଧ୍ୟା ପରେ ବି ଅଦ୍ଭୁତ ପ୍ରକାର ଗ୍ରୀଷ୍ମ ପ୍ରବାହର ଅନୁଭୂତି ମିଳିଛି। ସେହିପରି ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ଘରୁ ବାହାରିବାକୁ ଏଡ଼ାଇ ଦେଉଛନ୍ତି। କଟକରେ ଆଜିର ତାପମାତ୍ରା ୩୯.୬ ଡିଗ୍ରୀ ଥିବା ବେଳେ ପୁରୀରେ ୩୫.୪ ଡିଗ୍ରୀ ଏବଂ ଗୋପାଳପୁରରେ ୩୩.୬ ଡିଗ୍ରୀ ସେଲସିୟମ୍ ତାପମାତ୍ରା ରହିଥିବା ଜଣାପଡ଼ିଛି।

### ଇରାନ ଉପରୁ...

ନିଆଯାଇଛି। ଆଲୋଚନା ଜାରି ରହିବା ପର୍ଯ୍ୟନ୍ତ ଆମେରିକାର ଟ୍ରେଜେରୀ ବିଭାଗର 'ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ' ତୈଳ କଟକଣାକୁ ସ୍ଥଗିତ ରଖିବ ବୋଲି ତସନିମ୍ ଉକ୍ତ ରିପୋର୍ଟରେ କହିଛି। ତସନିମ୍ ଆଭ୍ୟନ୍ତରୀଣ ଆଲୋଚନା ଦଳର ସୂତ୍ରକୁ ଉଦ୍ଧାର କରି ସୋମବାର କହିଛି ଯେ କଥାବାର୍ତ୍ତା ସମୟରେ ତୈଳ କ୍ଷେତ୍ରଗୁଡ଼ିକ ଉପରେ ଆମେରିକା ଲଗାଇଥିବା ପ୍ରତିବନ୍ଧକକୁ ସାମୟିକ ଭାବରେ ହଟାଇ ନେବାକୁ ଇରାନ ଆମେରିକାକୁ ତା'ର ସଦ୍ୟତମ ପ୍ରସ୍ତାବରେ ଉଲ୍ଲେଖ କରିଥିଲା। ଏଥିରେ ଆମେରିକା ରାଜି ହୋଇଛି। ତସନିମ୍ ଏକଥା ବି କହିଛି ଯେ ଆମେରିକା ଇରାନ୍ ଉଦ୍ଦେଶ୍ୟରେ ଯେଉଁ ଚିଠା ପ୍ରସ୍ତୁତ କରିଛି ତାହା ଅନ୍ୟସବୁ ଚିଠାଠାରୁ ଯଥେଷ୍ଟ ଭିନ୍ନ। ଏହି ଚିଠାରେ ସାମୟିକ ସମୟ ଲାଗି ଇରାନ ଉପରୁ ତୈଳ କଟକଣା ଉଠାଇନେବା ବିଷୟ ରହିଛି। ଅପରପକ୍ଷରେ ଇରାନର ଏକ ବରିଷ୍ଠ ଅଧିକାରୀ ଦଳ ରଏଟର୍ସକୁ କହିଛନ୍ତି ଯେ ଇରାନର ପରମାଣୁ କାର୍ଯ୍ୟକୁ ନେଇ ଆମେରିକା କିଛି ପରିମାଣରେ କୋହଳ ମନୋଭାବ ପୋଷଣ କରିଛି। ବିଶେଷକରି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଆଣବିକ କାର୍ଯ୍ୟ ଜାରି ରଖିବାକୁ ଆମେରିକା ଅନୁମତି ଦେଇଛି। ଇରାନ ଆମେରିକାକୁ ଦେଇଥିବା ତା'ର ସଦ୍ୟତମ ପ୍ରସ୍ତାବରେ ଯୁଦ୍ଧ ଶେଷ କରିବା ସହ ଷ୍ଟ୍ରେଟ ଅଫ୍ ହର୍ମୁଜ୍ ଖୋଲିବା ଓ ସାମୁଦ୍ରିକ କଟକଣା ଉଠାଇନେବା ଉପରେ ଗୁରୁତ୍ୱାରୋପ କରିଥିବା ଅଧିକାରୀ ଦଳ କହିଛନ୍ତି।

### ଦୁଇ ଦିନରେ...

ସାଇକେଲକୁ ସଫାସୁତରା କରି ବାହାର କରିଥିଲା। ଫଳତଃ ରାସ୍ତାରେ ଗାଡ଼ିମୋଟର ସଂଖ୍ୟା ହ୍ରାସ ପାଇବା ସହ ବସରେ ଅଧିକ ଯାତ୍ରୀ ଦେଖାଯାଇଥିଲେ। ତେବେ ଏସବୁ କିନ୍ତୁ ଦୁଇ ଦିନରେ ସରିଯାଇଛି। ତେଲ ଟାଙ୍କିରେ ପର୍ଯ୍ୟାପ୍ତ ତେଲ ପହଞ୍ଚିଥିବାର ଖବର ପାଇବା ପରେ ଲୋକେ ନିଜ ନିଜର ଦୁଇ ଓ ଚାରିଚକିଆ ଗାଡ଼ିକୁ ପୂର୍ବଭଳି ବାହାରକୁ ବାହାର କରିଛନ୍ତି। ରାସ୍ତାରେ ଏବେ ଗାଡ଼ିମୋଟର ହାଉଯାଉ। ଦେଶରେ ତେଲ ସଙ୍କଟ କଥା ଆଉ କେହି ଆଲୋଚନା କରୁନାହାନ୍ତି। ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ସଂଖ୍ୟା କମିବା ସହ ବିନା ପାଇଲଟରେ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଯା'ଆସ କରୁଛନ୍ତି। ଇତିମଧ୍ୟରେ ପ୍ରଥମେ ଦିଲ୍ଲୀ ଓ ପରେ ଉତ୍ତରପ୍ରଦେଶ ସରକାର ନିଜର କର୍ମଚାରୀମାନଙ୍କୁ ସପ୍ତାହରେ ଦୁଇ ଦିନ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ ସେଭଳି ନିର୍ଦ୍ଦେଶକୁ ଅପେକ୍ଷା ଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କିନ୍ତୁ ନିଜର କର୍ମଚାରୀଙ୍କ ଗାଡ଼ିମୋଟର ବ୍ୟବହାର ଉପରେ କଟକଣା ଲଗାଇଛି। ଅନ୍ୟ ବିଭାଗଗୁଡିକ କିନ୍ତୁ ଏ କ୍ଷେତ୍ରରେ ଅଦ୍ୟାବଧି ପୂରା ନିରବତା ଅବଲମ୍ବନ କରିଛନ୍ତି। ଅବଶ୍ୟ ଇତିମଧ୍ୟରେ କିଛି ସରକାରୀ ବିଭାଗ ଇଭି କିଣିବା ପାଇଁ ଆଗଭର ହୋଇଛନ୍ତି। ସାଧାରଣ ଲୋକେ ବି ଇଭି କିଣିବା ପାଇଁ ବିଭିନ୍ନ ଗାଡ଼ି କମ୍ପାନୀରେ ଭିଡ଼ ଲଗାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ସରକାର କିଭଳି ଖର୍ଚ୍ଚକାଟ୍ ନୀତିକୁ ଆପଣାଉଛନ୍ତି ଓ ସାଧାରଣ ଲୋକେ ଏହାକୁ କିପରି ଅନୁକରଣ କରି ନିଜ ନିଜ କ୍ଷେତ୍ରରେ ଲାଗୁ କରୁଛନ୍ତି।

## ଲାଞ୍ଚୁଆ ପ୍ରଧାନଶିକ୍ଷକଙ୍କୁ ମାଡ଼ି ବସିଲା ଭିଜିଲାନ୍ସ

**ବକେୟା ଦରମା ପାଇଁ ନେଉଥିଲେ ୫ ହଜାର**



ମହାକାଳପଡ଼ା, ୧୮।୫ (ସଂଚାର ବ୍ୟୁରୋ): ଲୋଭ ମଣିଷକୁ କେତେ ତଳ ସ୍ତରକୁ ନେଇଯାଏ, ତାହା ଆଜି ପ୍ରମାଣିତ ହୋଇଛି। ଜଣେ ଶିକ୍ଷକ ଲୋଭର ବଶବର୍ତ୍ତୀ ହୋଇ ପିଅନଙ୍କଠାରୁ ଲାଞ୍ଚ ନେବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଜଣେ ପିଅନଙ୍କ ପାଖରୁ ବକେୟା ଦରମା କରାଇଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଆକାରରେ ନେଉଥିବା ବେଳେ ତାଙ୍କୁ କାବୁ କରିଛି ଭିଜିଲାନ୍ସ। ତାଙ୍କୁ ଗିରଫ କରିବା ପରେ ଅଧିକ ତଦନ୍ତ ପାଇଁ ଉକ୍ତ ପ୍ରଧାନଶିକ୍ଷକଙ୍କୁ କଟକ ମୁଖ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରୁଛି ଭିଜିଲାନ୍ସ ଟିମ୍। ଉକ୍ତ ପ୍ରଧାନଶିକ୍ଷକ ଜଣଙ୍କ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ନିକଟସ୍ଥ ଚଡେଇଗୁଆଁ ହାଇସ୍କୁଲର ରଘୁନାଥ ଦାସ। ସ୍କୁଲର ଜଣେ ଚୁକ୍ତିଭିତ୍ତିକ ପିଅନଙ୍କ ବକେୟା ଦରମା କରାଇଦେବା ପାଇଁ ସେ ଲାଞ୍ଚ ନେଉଥିଲେ। ଦରମା ଉଠାଇବା ପାଇଁ ଡିଇଓ କାର୍ଯ୍ୟାଳୟର ଡିଡିଓଙ୍କ ନିକଟକୁ ହାଜିରାପତ୍ର ପଠାଇବାକୁ ସେ ଶ୍ରୀ ଦାସଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ହେଁ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶେଷରେ ପିଅନ ଜଣଙ୍କ ଭିଜିଲାନ୍ସରେ ଜଣାଇଥିଲେ। ତଦନୁସାରେ ଭିଜିଲାନ୍ସର ଏକ ଟିମ୍ ଆଜି ପୂର୍ବ ଯୋଜନାନୁଯାୟୀ ଶ୍ରୀ ଦାସ ଲାଞ୍ଚ ନେଉଥିବା ବେଳେ ଉକ୍ତ ଟଙ୍କା ସହ ତାଙ୍କୁ ମାଡ଼ି ବସିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

## ହୋମଗାର୍ଡ ନିଯୁକ୍ତି ଦୁର୍ନୀତି ନେଇ ଦାବିପତ୍ର

କଟକ,୧୮।୫ (ସଂଚାର ବ୍ୟୁରୋ): ହୋମଗାର୍ଡ ନିଯୁକ୍ତ ପକ୍ରିୟାରେ ଗୁରୁତର ଅନିୟମିତତା ଯୋଗୁଁ ସୋମବାର ମାଛୁଆ ବଜାରସ୍ଥିତ ହୋମଗାର୍ଡ ଡିଜିଙ୍କୁ ଆବେଦନକାରୀମାନେ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ମସିହାରେ ଭଦ୍ରକ ଜିଲ୍ଲାରେ ହୋମଗାର୍ଡ ପଦବି ପାଇଁ ନିଯୁକ୍ତି ପ୍ରକ୍ରିୟାରେ ଚରମ ଅବହେଳା କରାଯାଇଛି । ଭଲ ନମ୍ବର ରଖୁବା ଆବେଦନକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିବା ବେଳେ କମ ନମ୍ବର ରଖୁବା ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ମୁଖ୍ୟତଃ ଏସପି, ଅତିରିକ୍ତ ଏସପି, ଆରଆଇ ଏବଂ ସର୍ଜେଣ୍ଟମାନେ ଏହି ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଆଜି କିଛି ଆବେଦନକାରୀ ମାନେ ମାଛୁଆବଜାରସ୍ଥିତ ହୋମଗାର୍ଡ ଡିଜିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅଗସ୍ତ୍ୟ କୁମାର ସ୍ୱାଇଁ, ଶିଖାରାଣୀ ମଲିକ, ଅଞ୍ଜଳି ଦାସ, ରଶ୍ମୀରେଖା ମହାରାଜ, ସ୍ୱୟଂପ୍ରଭା ପଣ୍ଡା, ସୁଶାନ୍ତ କୁମାର ପାଢ଼ୀ, ଗଙ୍ଗାଧର ପତି, ଜୀବନ ଜ୍ୟୋତି ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭୟ ଓ ଅରିନ୍ଦମ ମାମଲାରେ କଲମ ଛାଡ଼ ଆନ୍ଦୋଳନ



କଟକ,୧୮।୫(ସଂଚାର ବ୍ୟୁରୋ): ବିଜେପି ନେତା ଅରିନ୍ଦମ ଓ ଅଭୟ ବାରିକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ କର୍ମଚାରୀ କଲମ ଛାଡ ଆନ୍ଦୋଳନ କରିଛନ୍ତି। କର୍ମଚାରୀମାନେ କାର୍ଯ୍ୟାଳୟକୁ ନଯାଇ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ବସି ରହିଥିଲେ। ଅନ୍ୟପଟେ ବ୍ଲକ ସମ୍ମୁଖରେ ବିଜେଡ଼ି ପକ୍ଷରୁ ମଧ୍ୟ ୨ ନେତାଙ୍କୁ ଗିରଫ ଦାବିରେ ପ୍ରତିବାଦ କରାଯାଇଛି। ବ୍ଲକ୍ ପରିସର ସମ୍ପୂର୍ଣ୍ଣ ପୋଲିସ ଛାଉଣୀ ଦେଖିବାକୁ ମିଳିଛି। ସୁରକ୍ଷା ପାଇଁ ୨ ପ୍ଲାଟୁନ ଫୋର୍ସ ସହ ଡିଏସପି ଏବଂ ଟାଙ୍ଗି ଥାନା ଅଧିକାରୀ ମଧ୍ୟ ଘଟଣା ସ୍ଥଳରେ ଉପସ୍ଥିତ ରହିଛନ୍ତି।

## ପେଟ୍ରୋଲ ଓ ଡିଜେଲ ଜିଏସଟି ପରିସୀମାକୁ ଆସୁ

### କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାବି କଲା ବିଜେଡି



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ): ପେଟ୍ରୋଲ, ଡିଜେଲ ସହ ବିମାନରେ ବ୍ୟବହୃତ ହେଉଥିବା ତୈଳକୁ ଜିଏସଟି ପରିସୀମାକୁ ଆଣିବାକୁ ଦାବି କରି ବିଜେଡି ସାଂସଦ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀଥାରମଣଙ୍କୁ ଚିଠି ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ଦେଶର ସମ୍ବିଧାନ ମଧ୍ୟ ପେଟ୍ରୋଲ ଓ ଡିଜେଲ କେବେ ଜିଏସଟି ପରିସରଭୁକ୍ତ ହେବ ସେନେଇ ଜିଏସଟି କାଉନସିଲ ନିଷ୍ପତ୍ତି ନେବାକୁ କହୁଛି। ଏ ସମ୍ପର୍କରେ ୪୫ତମ ଜିଏସଟି କାଉନସିଲ ବୈଠକରେ ମଧ୍ୟ ଆଲୋଚନା ହୋଇଥିବା ସେ କହିଛନ୍ତି। ସେ କହିଛନ୍ତି ଯେ, କେରଳ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶ କ୍ରମେ ୨୦୨୧ ସେପ୍ଟେମ୍ବର ୨୭ ତାରିଖରେ ଅନୁଷ୍ଠିତ ୪୫ତମ ଜିଏସଟି ପରିଷଦ ବୈଠକରେ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରକୁ ଆଣିବାକୁ ଏକ ପ୍ରସ୍ତାବ ଆଗତ ହୋଇଥିଲା। କିନ୍ତୁ କିଛି ରାଜ୍ୟ ପେଟ୍ରୋଲ ଓ ଡିଜେଲ ଜିଏସଟି ପରିସରଭୁକ୍ତ ହେଲେ ରାଜସ୍ୱ ହାନୀ ହେବାର ଆଶଙ୍କା ପ୍ରକାଶ କରିଥିଲେ। ଯେଉଁଥିପାଇଁ ଜିଏସଟି ପରିଷଦ ପେଟ୍ରୋଲ ଓ ଡିଜେଲ ଏବେ ଜିଏସଟି ପରିସରକୁ ଆସିବାର ସମୟ ହୋଇନି ବୋଲି ଅନୁଭବ କରିଥିଲେ। ତେବେ ସମ୍ପ୍ରତି ଯୁକ୍ତି କରିଛନ୍ତି ଯେ ଯଦି ରାଜସ୍ୱ କ୍ଷତି ନେଇ କିଛି ରାଜ୍ୟର ଆଶଙ୍କା ଯୁକ୍ତିସଙ୍ଗତ, ବର୍ତ୍ତମାନର ସ୍ଥିତିରେ ଏନେଇ ଆଉ ଥରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସୀମା ବାହାରେ ଥିବାରୁ ଭାଟରେ ତାଳମେଳ ରହୁନାହିଁ। ଓଡ଼ିଶାର ଉଦାହରଣ ଦେଇ ସେ କହିଥିଲେ ଯେ ରାଜ୍ୟ ଏବେ ପେଟ୍ରୋଲ ଉପରେ ୨୮ ପ୍ରତିଶତ ଏବଂ ଡିଜେଲ ଉପରେ ୨୪ ପ୍ରତିଶତ ଭାଟ ଲାଗୁ କରୁଛି। ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରକୁ ଅଣାଗଲେ ପେଟ୍ରୋଲ ଦର ପ୍ରାୟ ୨୫ଟଙ୍କା ୬୦ ପଇସା ଏବଂ ଡିଜେଲ ଦର ୧୩ ଟଙ୍କା ୯୬ ପଇସା ହ୍ରାସ ପାଇବ। ପରବର୍ତ୍ତି ଜିଏସଟି ପରିଷଦ ବୈଠକରେ ଏହି ପ୍ରସ୍ତାବ ଉପରେ ପୁଣି ଥରେ ଆଲୋଚନା କରିବାକୁ ସେ ଦାବି କରିଛନ୍ତି।

## ଭୁବନ ରାଜସ୍ୱ ନିରୀକ୍ଷକଙ୍କୁ ବହିଷ୍କାର ନିର୍ଦ୍ଦେଶ



ଦୁଇ ବର୍ଷ ଜେଲ ସହ ଆର୍ଥିକ ଜରିମାନା

ଢେଙ୍କାନାଳ,୧୮।୫(ସଂଚାର ବ୍ୟୁରୋ): ଢେଙ୍କାନାଳ ଭୁବନ ରାଜସ୍ୱ ନିରୀକ୍ଷକ ପ୍ରଭାତୀ ସ୍ୱାଇଁଙ୍କୁ ବହିଷ୍କାର ନିର୍ଦ୍ଦେଶ ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଲାଞ୍ଚ ନେବା ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗନ୍ଦିଆ ତହସିଲରେ ଆରଆଇ ଥିବା ବେଳେ ସ୍ୱତ୍ତ୍ୱାଧିକାରୀ ପ୍ରମାଣପତ୍ର ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ।

ଏହି ଲାଞ୍ଚ ମାମଲାର ବିଚାର କରି ସୋମବାର ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଭିଜିଲାନ୍ସ କୋର୍ଟ। କୋର୍ଟ ତାଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ଓ ଆର୍ଥିକ ଜରିମାନା ସହ ଚାକିରିରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାତୀ ପୂର୍ବରୁ ଗନ୍ଦିଆ ତହସିଲ ଅନ୍ତର୍ଗତ ଷଡ଼ଙ୍ଗୀ ରାଜସ୍ୱ ସର୍କଲର ଆରଆଇ ଥିବା ବେଳେ ୨୦୧୬ ସେପ୍ଟେମ୍ବର ୨୮ ତାରିଖରେ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସ୍ୱତ୍ତ୍ୱାଧିକାରୀ ପ୍ରମାଣପତ୍ର ପାଇଁ ସେ ଏହି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରିଥିଲା। ସେତେବେଳେ ସେ ନିଲମ୍ବିତ ହୋଇ ପରେ ଭୁବନ ରାଜସ୍ୱ ନିରୀକ୍ଷକ ଭାବେ ପୁନଃଥଇଥାନ ହୋଇଥିଲେ। ତେବେ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କ ମାମଲା ଚାଲୁ ରହିଥିଲା। ସୋମବାର ଢେଙ୍କାନାଳ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରିବା ସହ ପ୍ରଭାତୀଙ୍କୁ ଚାକିରିରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

କଟକ,୧୮।୫(ସଂଚାର ବ୍ୟୁରୋ):ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଜରୁରୀ ସମୟରେ ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ବାହିନୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କଟକ କଂଗ୍ରେସର ବିଏଲଏ-୨ ବୈଠକ

କଟକ,୧୮।୫(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀ ପାଇଁ ବିଏଲ୍‌ଏ-୧ ଭାବରେ କଂଗ୍ରେସ ନେତା ତଥା ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି ନିଯୁକ୍ତ ହୋଇଛନ୍ତି। ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଏଲ୍‌ଏ-୨ମାନଙ୍କର ଏକ ପ୍ରଶିକ୍ଷଣ ବୈଠକ ନିମଚୌଡି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଏଲ୍‌ଏ-୨ ମାନଙ୍କର ବୁଥରେ କ'ଣ କାର୍ଯ୍ୟ ରହିଛି ସେ ସମ୍ପର୍କରେ ଶ୍ରୀ ମହାନ୍ତି ବୁଝାଇ କହିଛନ୍ତି। ବୁଥ୍‌ରେ ବିଏଲ୍‌ଓଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଏସଆଇଆର କାର୍ଯ୍ୟରେ ସହଯୋଗ କରିବା, ଜନଗଣନା କାର୍ଯ୍ୟକୁ ତଦାରଖ କରିବା, ବୁଥର ବିଭିନ୍ନ ସମସ୍ୟାକୁ କଂଗ୍ରେସର ସିପାହୀ ଭାବରେ ଚିହ୍ନଟ କରିବା ସହ ତୃଣମୂଳ ସ୍ତରରେ କଂଗ୍ରେସକୁ ମଜଭୁତ କରିବା ଦିଗରେ ଧ୍ୟାନ ଦେବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି।

**ୟୁପିରେ ଅଦିନିଆ ରଥଯାତ୍ରା**

## ହସ୍ତକ୍ଷେପ ପାଇଁ ଶ୍ରୀମନ୍ଦିର ପ୍ରଶାସନର ଚିଠି




ପୁରୀ,୧୮।୫(ସଂଚାର ବ୍ୟୁରୋ): ୟୁପି ଅଦିନିଆ ରଥଯାତ୍ରାକୁ ବିରୋଧ। ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ତୁରନ୍ତ ହସ୍ତକ୍ଷେପ ପାଇଁ ସେଠାକାର ଜିଲ୍ଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଛି। ଅଦିନିଆ ନେତ୍ରୋତ୍ସବ ଓ ରଥଯାତ୍ରା ବନ୍ଦ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅପିଲ୍ କରାଯାଇଛି। ଆସନ୍ତା ୧୩ ତାରିଖରେ ନେତ୍ରୋତ୍ସବ ଓ ୧୪ରେ ରଥଯାତ୍ରା ପାଇଁ ଆୟୋଜନ ଚାଲିଥିବା ନେଇ ଏକ ପୋଷ୍ଟର ପ୍ରକାଶିତ ହୋଇଛି। ସ୍ଥାନୀୟ ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ଏହି ରଥଯାତ୍ରାର ଆୟୋଜନ କରୁଛି। ସ୍ଥିରୀକୃତ ତିଥିରେ ରଥଯାତ୍ରା କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଚିଠି ଲେଖିଛନ୍ତି। ତିଥି ଅନୁଯାୟୀ ନେତ୍ରୋତ୍ସବ ଆସନ୍ତା ଜୁଲାଇ ୧୪ ଓ ରଥଯାତ୍ରା ଜୁଲାଇ ୧୬ରେ ପଡୁଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସେପଟେ ଅଦିନିଆ ରଥଯାତ୍ରା ନେଇ ଅଜବ ଯୁକ୍ତି ଦର୍ଶାଇଛନ୍ତି କର୍ତ୍ତୃପକ୍ଷ। ଏକ ଘରୋଇ ଚ୍ୟାନେଲ୍ ସହ ଆଲୋଚନା ବେଳେ ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି କର୍ତ୍ତୃପକ୍ଷ ଯୁକ୍ତି ବାଢିଛନ୍ତି। ସେ କହିଛନ୍ତି ଯେ ଆମ ସୁବିଧା ଓ ପିଲାଙ୍କ ଛୁଟି ଦେଖି ଆମେ ରଥଯାତ୍ରା କରୁଛୁ। ଆମେ ଦୀର୍ଘ ୨୬ ବର୍ଷ ହେଲା ରଥଯାତ୍ରା ଆୟୋଜନ କରିଆସୁଛୁ। ସ୍ଥାନୀୟ ପଣ୍ଡିତ ମଣ୍ଡଳୀଙ୍କ ପରାମର୍ଶ ଆଧାରରେ ଆମେ ରଥଯାତ୍ରା କରୁଛୁ ଓ ପୁରୀ ଜଗନ୍ନାଥ ଧାମ ସହ ଆମର କୌଣସି ସମ୍ପର୍କ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ବିଜେଡି ସାଙ୍ଗଠନିକ ବୈଠକ

କଟକ,୧୮।୫(ସଂଚାର ବ୍ୟୁରୋ):ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଟକ ମହାନଗର ନିଗମର ୪୦ ନଂ ୱାର୍ଡରେ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ୱାର୍ଡ ନେତା ଜୟଦେବ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କର୍ପୋରେଟର ଝିଲି ବିହାରୀ, ୱାର୍ଡ ସଭାପତି କେଦାରନାଥ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବାପଘରକୁ ଡାକି ସ୍ୱାମୀ ଯୌନାଙ୍ଗ କାଟିଦେଲେ ସ୍ତ୍ରୀ

କଟକ,୧୮।୫(ସଂଚାର ବ୍ୟୁରୋ): କଟକ ବଡ଼ମ୍ବାରେ ଯୌନାଙ୍ଗ କାଟି ସ୍ୱାମୀଙ୍କୁ ହତ୍ୟା କଲେ ସ୍ତ୍ରୀ। ବଡ଼ମ୍ବା ଥାନାରେ ମାମଲା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହକୁ କେନ୍ଦ୍ର କରି ଅଲରା ଗାଁର ଯୁବକ ମନୋଜ ମଲ୍ଲିକଙ୍କୁ ଶଶୁର ଘର ବଡ଼ମ୍ବା କରଡ଼ିବନ୍ଧକୁ ଡାକି ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ମନୋଜଙ୍କ ବାପା ବସନ୍ତ ମଲ୍ଲିକ ବଡ଼ମ୍ବା ଥାନାରେ ଅଭିଯୋଗ କରିଛନ୍ତି। ବଡ଼ମ୍ବା ପୁଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ବଡ଼ମ୍ବା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ଏନେଇ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି। ଲକ୍ଷ୍ମୀପ୍ରିୟା ମନୋଜ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିବା ବେଳେ ମନୋଜଙ୍କ ବାପା ତାଙ୍କ ପୁଅର ଯୌନାଙ୍ଗ କାଟି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିଏ ସତ କହୁଛି ତା' ଜଣାପଡ଼ିବ। ଏନେଇ ପୁଲିସ୍ ପକ୍ଷରୁ କିଛି ବି କୁହାଯାଇନାହିଁ।

## ଗଙ୍ଗାରେ ବୁଡ଼ି ଗଲେ ୩ ନାବାଳିକା

କୋଲକାତା,୧୮।୫(ସଂଚାର ବ୍ୟୁରୋ): ସୋମବାର ସକାଳେ ମାଲଦାର ମାଣିକଚକରେ ଗଙ୍ଗାରେ ସ୍ନାନ କରିବାକୁ ଯାଇ ତିଥି ମଣ୍ଡଳ (୯), ଇତି ମଣ୍ଡଳ (୧୦) ଏବଂ ପିଙ୍କି ମଣ୍ଡଳ (୧୧) ବୁଡ଼ି ଯାଇଛନ୍ତି। ନିଖୋଜ ନାବାଳିକାଙ୍କ ମଧ୍ୟରୁ ଜଣଙ୍କ ମା' କହିଛନ୍ତି ଯେ, ଘଟଣା ସମୟରେ ସେମାନେ ଘରେ 'ପୂଜା' କରୁଥିଲେ। ଠିକ୍ ସେହି ସମୟରେ ତିନି ନାବାଳିକା ସ୍ନାନ କରିବା ପାଇଁ ଏକାଠି ଗଙ୍ଗା ନଦୀକୁ ଯାଇଥିଲେ। ଦୁର୍ଘଟଣାର ଖବର ପାଇ ପରିବାର ସଦସ୍ୟ ନଦୀକୂଳକୁ ଧାଇଁ ଯାଇଥିଲେ। ସ୍ଥାନୀୟ ଯୁବକମାନଙ୍କର ଏକ ଦଳ ମଧ୍ୟ ଘଟଣାସ୍ଥଳରେ ଶୀଘ୍ର ପହଞ୍ଚିଥିଲେ। ଡିଙ୍ଗି ଏବଂ ମାଛ ଧରିବା ଜାଲ ବ୍ୟବହାର କରି ଗଙ୍ଗା ନଦୀରେ ଖୋଜିବା ପାଇଁ ତୁରନ୍ତ ପ୍ରୟାସ ଆରମ୍ଭ କରାଯାଇଥିଲା। କିଛି ବ୍ୟକ୍ତି ନଦୀରେ ବୁଡ଼ି ନିଖୋଜ ନାବାଳିକାମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ। ତେବେ, ସଦ୍ୟତମ ଖବର ଅନୁସାରେ, ସେମାନଙ୍କ ମଧ୍ୟରୁ କାହାରିକୁ ଉଦ୍ଧାର କରାଯାଇନାହିଁ।

# ନବଜାତ ମୃତ୍ୟୁ, ଆଦିବାସୀ ଜିଲ୍ଲାରେ ଅଧିକ



ଭୁବନେଶ୍ୱର,୧୮।୫ଃ ରାଜ୍ୟରେ ନବଜାତ ଶିଶୁ ମୃତ୍ୟୁ ହାର ହ୍ରାସ ପାଉଥିବାବେଳେ ଆଦିବାସୀ ଅଞ୍ଚଳରେ କିନ୍ତୁ ଏହା ଏବେ ବି ଅଧିକ ରହିଛି। ରାଜ୍ୟରେ ନବଜାତକଙ୍କ ମୃତ୍ୟୁସଂଖ୍ୟା ହାରାହାରି ୧୨ ରହିଥିବାବେଳେ କେତେକ ଆଦିବାସୀ ଜିଲ୍ଲାରେ ଏହା ଦୁଇ ଗୁଣରୁ ଅଧିକ ରହିଛି।

ସରକାରୀ ହିସାବରେ ରାଜ୍ୟରେ ଗତ ତିନିବର୍ଷ ଧରି ଲଗାତାର ଭାବେ ନବଜାତକଙ୍କ ମୃତ୍ୟୁ ହାର ହ୍ରାସ ପାଇବାରେ ଲାଗିଛି। ୨୦୨୨-୨୩ ରେ ଏହା ହାରାହାରି ୧୪ ରହିଥିବାବେଳେ ୨୦୨୩-୨୪ ବର୍ଷରେ ୧୩ ଓ ୨୦୨୪-୨୫ ବର୍ଷରେ ଏହା ୧୨କୁ ହ୍ରାସ ପାଇଥିଲା। ତେବେ ରାଜ୍ୟରେ ହାରାହାରି ଭାବେ ପ୍ରତି ହଜାରେ ନବଜାତକରେ ୧୨ ଜଣ ମୃତ୍ୟୁମୁଖରେ ପଡୁଥିବାବେଳେ କଳାହାଣ୍ଡି ଜିଲ୍ଲାରେ ଏହା ୨୭ ଓ କନ୍ଧମାଳ ଜିଲ୍ଲାରେ ୨୪ ରହିଛି। ତେବେ କଳାହାଣ୍ଡି ଜିଲ୍ଲାରେ ଗତ ତିନିବର୍ଷରେ ଏହା ୩୨ରୁ ହ୍ରାସ ପାଇ ୨୭ ହୋଇଥିବାବେଳେ କନ୍ଧମାଳରେ ତିନିବର୍ଷ ଧରି ଏହା ଏକ ପ୍ରକାର ଅପରିବର୍ତ୍ତିତ ରହିଛି। ଅନ୍ୟ ଯେଉଁସବୁ ଜିଲ୍ଲାରେ ରାଜ୍ୟର ହାରାହାରି ସଂଖ୍ୟାଠାରୁ ଅଧିକ ନବଜାତକ ମରୁଛନ୍ତି, ସେଥି ମଧ୍ୟରେ ରହିଛି ବଲାଙ୍ଗିରରେ ୧୯, ମୟୂରଭଞ୍ଜରେ ୧୮, ବୌଦ୍ଧରେ ୧୭, ବରଗଡ଼ରେ ୧୬, ନବରଙ୍ଗପୁରରେ ୧୫, ରାୟଗଡ଼ା, ନୂଆପଡ଼ା ଓ କେନ୍ଦୁଝରରେ ୧୪ ଜଣ ଲେଖାଏଁ, ଦେବଗଡ଼, ଗଜପତି ଓ ଢେଙ୍କାନାଳରେ ୧୩ ଲେଖାଏଁ ରହିଛି। ସବୁଠାରୁ କମ୍ ଖୋର୍ଦ୍ଧା ଜିଲ୍ଲାରେ ଏହା ୩ ଥିବା ବେଳେ କଟକ ଜିଲ୍ଲାରେ ୭ ରହିଛି।

ରାଜ୍ୟର ଆଦିବାସୀବହୁଳ ଜିଲ୍ଲାରେ ନବଜାତ ଶିଶୁ ମୃତ୍ୟୁହାର ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଏହାର ମୁକାବିଲା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଘରେ ଲୋକେ ଯେଭଳି ନବଜାତକମାନଙ୍କର ଭଲ ଭାବେ ଯତ୍ନ ନେଇପାରିବେ ସେଥିପାଇଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ସମସ୍ତ ଡାକ୍ତରଖାନାରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର (ଏସଏନସିୟୁ) ପ୍ରତିଷ୍ଠା ହେଉଥିବାବେଳେ ଶିଶୁ ଯତ୍ନ ସହିତ ଜଡିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ଦକ୍ଷତା ବୃଦ୍ଧି ଲାଗି ମୁସ୍କାନ କାର୍ଯ୍ୟକ୍ରମ, ପ୍ରସବ ପରେ ନବଜାତକଙ୍କୁ ଭିଟାମିନ୍-କେ ଇଞ୍ଜେକସନ ଦିଆଯାଉଛି। ତେବେ ଚିକିତ୍ସା ବିଶେଷଜ୍ଞମାନଙ୍କ କହିବାକଥା ଯେ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ମହିଳାମାନଙ୍କଠାରେ ଦେଖାଦେଉଥିବା ରକ୍ତହୀନତା ହିଁ ନବଜାତ ମୃତ୍ୟୁର ଅନ୍ୟତମ କାରଣ ସାଜୁଛି। ସେହିଭଳି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଘରେ ସନ୍ତାନ ପ୍ରସବ ଯୋଗୁଁ ମଧ୍ୟ କେତେକ ନବଜାତକ ଜନ୍ମ ସମୟରେ ହିଁ ଆଖିବୁଜି ଦେଉଛନ୍ତି। ରାଜ୍ୟରେ ମାତୃ ଓ ଶିଶୁ ସୁରକ୍ଷା ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଆଦିବାସୀ ବହୁଳ ଜିଲ୍ଲାଗୁଡିକରେ କିନ୍ତୁ ଏହା ଉପକୂଳ ଜିଲ୍ଲା ଭଳି ଦ୍ରୁତ ଗତିରେ ପ୍ରଭାବ ପକାଇ ପାରୁନଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

## ନାଳ ପୁନରୁଦ୍ଧାର ଓ ପୋଲ ନିର୍ମାଣରେ ଦୁର୍ନୀତି

### ୨ କୋଟି ୪୪ ଲକ୍ଷର କାମ ନିମ୍ନମାନର



ବାଲିଆପାଳ,୧୮।୫ (ସଂଚାର ବ୍ୟୁରୋ)ଃ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ପାଇଁ ବାଲିଆପାଳ ବ୍ଲକ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନାଳର ପୁନରୁଦ୍ଧାର ସହିତ କୋଷ୍ଟ କେନାଲକୁ ଲାଗିଥିବା ଦୁଇଟି ଶାଖା ନାଳ ଉପରେ ଦୁଇଟି ପାଦଚଲା ପୋଲ ନିର୍ମାଣ କରୁଛି ଜଳ ସମ୍ପଦ ବିଭାଗ। ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଶାଖା ନାଳ, ଡେମୁରିଆ ନାଳ, ବାଇଟେଙ୍ଗରି ନାଳ, କିଆଁଗାଡ଼ିଆ ନାଳର ପୁନରୁଦ୍ଧାର ସହ କୋଷ୍ଟ କେନାଲ ପାଖରେ ବଳରାମପୁର ଓ ସୁନାରୁଇକୁ ସଂଯୋଗ କରୁଥିବା ରାସ୍ତା ଉପରେ ଉକ୍ତ ପୋଲ ନିର୍ମାଣ ଚାଲିଛି | କିନ୍ତୁ ପୋଲ ଦୁଇଟି ୮-୧୦ କିମି ଦୂର ବିଲ ପାଖ ନିର୍ଜନ ସ୍ଥାନରେ ହେଉଥିବାରୁ ଲୋକଙ୍କ ଦୃଷ୍ଟି ଗୋଚର ହୋଇପାରୁନାହିଁ। ଏହି ସୁଯୋଗରେ ସେଠାରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଚାଲିଛି। ସେ

ହିପରି ଆଉ ମାସେ ପରେ ବର୍ଷା ଋତୁ ଆସିଯିବ, କିନ୍ତୁ ଏଯାଏ ନାଳ ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। କେବଳ ବାଇଟେଙ୍ଗିରି ନାଳରେ ଘାସ ସଫା କଲା ଭଳି ତାଡ଼ି ଦିଆଯାଇଛି। ୨ କୋଟି ୪୪ ଲକ୍ଷ ୨୪ ହଜାର ଟଙ୍କାର ଏହି ପ୍ରକଳ୍ପର ଟେଣ୍ଡର କରାଯାଇଛି। ଆସନ୍ତା ଅକ୍ଟୋବର ମାସ ଯାଏ କାମ ସରିବାର ଅବଧି ରହିଛି। ତେବେ ନିମ୍ନମାନର କାର୍ଯ୍ୟ ସହିତ ମନ୍ଥର ଗତି ଯୋଗୁ ସଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବାକୁ ଦାବି ହେଉଛି। ଏ ବାବଦରେ ଏଷ୍ଟିମେଟର ହିମାଂଶୁ ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ କାର୍ଯ୍ୟରେ ତଦାରଖ କରାଯିବ ବୋଲି କହିଥିଲେ।

# ସୁବର୍ଣ୍ଣରେଖା ବାଲି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି





ବାଲିଆପାଳ,୧୮।୫ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣରେଖା ନଦୀ ବାଲି ଉପରେ ଏବେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ପ୍ରଶାସନର ସ୍ଥାଣୁତା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସର୍ବତ୍ର ଆଲୋଚନା ହେଉଛି। ଅନ୍ୟପକ୍ଷରେ ସରକାର ବାଲି ଖାଦାନ ଗୁଡିକୁ ଦୀର୍ଘ ଦିନ ହେବ ନିଲାମ ନ କରି ପକାଇ ରଖିବା କରଣରୁ ଏହା ହେଉଛି ବୋଲି ମଧ୍ୟ କୁହାଯାଇଛି। ବାଲି ମାଫିଆମାନେ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ଟ୍ରିପି ଟ୍ରିପି ବାଲି ଉଠାଇ ଲକ୍ଷ ଲକ୍ଷ ଟଙ୍କା ହାତଉ ଥିବାବେଳେ ସରକାରଙ୍କ ତହବିଲକୁ ଟଙ୍କାଟିଏ ମଧ୍ୟ ଆସୁନାହିଁ |

ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀର ଦ୍ୱିତୀୟ ସେତୁ ନିକଟ ଚଡ଼ ବଢ଼ାପାଳ ଓ ଜଳେଶ୍ୱର ବ୍ଲକ କଣ୍ଟାପାଳ ବାଲି ଖାଦାନରୁ ବାଲି ଚୋରି ଏବେ ନିତି ଦିନିଆ ଘଟଣାରେ ପରିଣତ ହୋଇଛି। ମାଫିଆମାନେ ସ୍ଥାନୀୟ ଅଞ୍ଚଳର ମୁଷ୍ଟିମେୟ ଲୋକ, ତହସିଲ କର୍ତ୍ତୃପକ୍ଷ, ଥାନା କର୍ତ୍ତୃପକ୍ଷଙ୍କୁ ହାତ କରି ବେଆଇନ ଭାବେ ବାଲି ଲୁଟି ନେଇ ଯାଉଛନ୍ତି | ଏମାନେ ସବୁ ଜାଣି ନ ଜାଣିଲା ପରି ଅଭିନୟ କରୁଛନ୍ତି। ବାଲି ମାଫିଆଙ୍କଠୁ ଏମାନେ ମୋଟା ଅଙ୍କର ବଟି ନେଇ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ନଦୀ ଶଯ୍ୟାରୁ ଟ୍ରକ ଟ୍ରକ ବାଲି ବୋହି ନେଇ ଏମାନେ ଦୂର ସ୍ଥାନ ମାନଙ୍କରେ ଗଦା କରି ରଖନ୍ତି | ସାଧାରଣତଃ ନିକଟବର୍ତ୍ତୀ ଗାଁରେ ଆବଦ୍ଧ ଥିବା ନିଛାଟିଆ ଜାଗାରେ ଏମାନେ ବାଲି ଗୋଦାମ କରିଛନ୍ତି | ପରେ ମାଫିଆ ମାନେ ବାଲି କଣିବାକୁ ଆସୁଥିବା ଲୋକ ମାନଙ୍କଠୁ ଚଢ଼ା ଦର ନେଇ ଖୁବ ମୁନଫା ଉଠାନ୍ତି। ଏହି କରଣରୁ ଏ ଅଞ୍ଚଳର ବାଲି ମାଫିଆ ମାନେ କୋଟି କୋଟି ଟଙ୍କାର ବିତ୍ତଶାଳୀ ଲୋକ ହୋଇଛନ୍ତି। ଅତୀତରେ ଚଡ଼ ବଢ଼ାପାଳ, ଛୋଟଖାନପୁର, ଅସ୍ଥି, ପାରୁଳିଆ, କଣ୍ଟାପାଳ, ପାଳସାହି, ବାଇଗଣ ବାଡିଆ ଆଦି ଗ୍ରାମର ଲୋକମାନେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ ପ୍ରମୁଖଙ୍କୁ ମଧ୍ୟ ଜଣାଇ ଥିଲେ। ହେଲେ କୌଣସି ପ୍ରତିକାର ନ ହେବାରୁ ସେମାନେ ନୀରବରେ ବସିଛନ୍ତି | ଏହି ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ କୁ କେହି ବିରୋଧ କଲେ ମାଫିଆ ମାନେ ଗୁଣ୍ଡା ଶ୍ରେଣୀର ଲୋକ ଲଗାଇ ସେମାନଙ୍କୁ ନାନା ଧମକ ଚମକ ଦେଉଛନ୍ତି | ସ୍ଥାନୀୟ ଅଞ୍ଚଳର କେତେ ଜଣ ରାଜନେତା ଏହି କାରବାର କରୁଥିବାରୁ ପ୍ରଶାସନ ନିରବ ରହୁଛି। ବେଆଇନ ବାଲି ଚାଲାଣ ଯୋଗୁଁ ରାତିରେ ବାଲିଆପାଳ କମର୍ଦ୍ଦା ରାସ୍ତାରେ ଲୋକେ ଯାତାୟାତ କରିବାକୁ ପ୍ରମାଦ ଗଣୁଛନ୍ତି | ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି।

### ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ଅଭୁତପୂର୍ବ ଜନଗହଳି ମଧ୍ୟରେ ବୋରିଗୁମ୍ମା ବ୍ଲକ ପରିସର




**'ସଂଚାର' ପ୍ରଭାବ**

ବୋରିଗୁମ୍ମା,୧୮।୫ (ସଂଚାର ବ୍ୟୁରୋ)ଃ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବୋରିଗୁମ୍ମା ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମାରେ ଗତ ଫେବୃଆରୀ ମାସରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପ୍ରଚାର ପ୍ରସାର ଅଭାବରୁ ଜନ ଅସନ୍ତୋଷ ସମସ୍ୟାକୁ ନେଇ ଫେବୃଆରୀ ୧୦ ତାରିଖରେ 'ସଂଚାର' ଦୈନିକ ଖବର କାଗଜରେ "ପ୍ରଚାର ପ୍ରସାର ଅଭାବରୁ ଜନଅସନ୍ତୋଷ" ଶୀର୍ଷକ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହ ପାଞ୍ଚଦିନ ପୂର୍ବରୁ ପ୍ରଚାର ପ୍ରସାର ଆରମ୍ଭ କରିଥିବାରୁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ବୋରିଗୁମ୍ମା ବ୍ଲକ ସମ୍ମିଳନୀ ଗୃହଠାରେ ଅଭୁତପୂର୍ବ ଲୋକାରଣ୍ୟ ମଧ୍ୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରହିତ ବର୍ମା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବସାଇ ସୁରୂପ, ଉପଜିଲ୍ଲାପାଳ,ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ।

ଆଜି ମୋଟ ୪୧ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୨୧ଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଜିଲ୍ଲାପାଳ ଆଜି ମୋଟ ୭ ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିଥିଲେ ଏବଂ ୬ ଗୋଟି ଅଭିଯୋଗକୁ ତୁରନ୍ତ ଶୁଣାଣି କରି ଶିବିରରେ ଫଇସଲା କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନଶୁଣାଣି ଶିବିର ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧ କୋଟି ୫୮ ଲକ୍ଷ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

## ସୋଆକୁ ସିଏସ୍‌ଆର୍ ସମ୍ମାନ




ଭୁବନେଶ୍ୱର,୧୮।୫ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍‌ଆର୍ ସମ୍ମାନ ପ୍ରଦାନ କରାଯାଇଛି।

ରବିବାର ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍‌ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍‌ଆର୍ ଏମିନେଂଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍‌ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି।

ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍‌ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଣ୍ଟ ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ସିଏସ୍‌ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସଏଚ୍‌ଏମ୍)କୁ ସିଏସଆର ଟପ୍ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି।

ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ଶ୍ରୀ ପ୍ରୀତମ ନାୟକ ସିଏସ୍‌ଆର୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ବନ୍ଦନା ବଧୱାରଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ସିଏସ୍‌ଆର୍ ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଏସ୍.କେ. ସଚଦେବ ଉପସ୍ଥିତ ଥିଲେ।

### ଦୁର୍ବୃତ୍ତଙ୍କ ଟାର୍ଗେଟରେ ମନ୍ଦିର

## ମହାଶକ୍ତି ଚିତ୍ରେଶ୍ୱରୀ ମନ୍ଦିରରୁ ଚୋରି




କାକଟପୁର/ଅସ୍ତରଙ୍ଗ,୧୮।୫(ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଥିବା ମନ୍ଦିର ଦୁର୍ବୃତ୍ତଙ୍କ ଟାର୍ଗେଟରେ। ପ୍ରତିଦିନ କେଉଁଠି ନା କେଉଁଠି ବ୍ଲକ ଅଂଚଳ ରୁ ଚୋରି ହେଉଛି। ବିଳମ୍ବିତ ରାତ୍ରରେ କାକଟପୁର ବ୍ଲକ ଅଧୀନ ଅବଦାନ ପଂଚାୟତ ମହାଶକ୍ତି ଚିତ୍ରେଶ୍ୱରୀ ମନ୍ଦିରରୁ ଦୁର୍ବୃତ୍ତ ତାଲା ଭାଙ୍ଗି ମନ୍ଦିରରେ ଥିବା ରୁପା ଅଳଙ୍କାର ସହ ଦାନ ବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ମା "ପିନ୍ଧିଥିବା ରୁପା ମୁକୁଟ, ହାର ସହ ଅନେକ ସାମଗ୍ରୀ ନେଇଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ପୁଲିସ କେବଳ ଘଟଣା ସ୍ଥଳ ପହଂଚି ତଦନ୍ତ କରି କାମ ସାରିଦେଉଛନ୍ତି। କିନ୍ତୁ ମାସ ମାସ ବିତିଯାଉଥିଲେ ସୁଦ୍ଧା ପୂର୍ବରୁ ବିଭିନ୍ନ ମନ୍ଦିରରୁ ଚୋରି କରିଥିବା ଚୋରଙ୍କ ଟେର ପାଉନି। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁଛନ୍ତି। ଫଳରେ ଅସ୍ତରଙ୍ଗ, କାକଟପୁର ବ୍ଲକ ଅଂଚଳରେ ଥିବା ବିଭିନ୍ନ ମନ୍ଦିର ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାକଟପୁର ଥାନା ଅଧୀନ ଖଣ୍ଡାସାହି (ବାଲିସାହି )ଗ୍ରାମର ରାଧାକୃଷ୍ଣ ମନ୍ଦିର ରୁ କିଛି ଦିନ ତଳେ ଚୋରି ହୋଇଥିବା ବେଳେ ଅସ୍ତରଙ୍ଗ ଥାନା ଅଧୀନରେ ଥିବା ବିଭିନ୍ନ ମନ୍ଦିରରୁ ଚୋରି କ୍ରମାଗତ ଜାରି ରହିଛି କିନ୍ତୁ ପୁଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହେଉଥିବାରୁ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ରୂପା ପାଉଁଜି, ସୁନା ମଙ୍ଗଳସୂତ୍ର, ନାକଫୁଲ, ରୂପା ହାର, ସୁନା ମୁଦି, ଖଡୁ ଢାଳ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଉଛନ୍ତି। ଅଭିଯୋଗ ପରେ ଥାନା କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରି ମାମଲା ରୁଜୁ କରି ବସୁଛନ୍ତି, ଦୁର୍ବୃତ୍ତଙ୍କ ଟେର ପାଉନାହାନ୍ତି।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ବାରିପଦା ,୧୮।୫(ସଂଚାର ବ୍ୟୁରୋ)ଃ ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ସହରର ବୃହତ ଜଳାଶୟ ବଡବନ୍ଧରୁ ନିଖୋଜ ନାବାଳକ ଛାତ୍ରର ମୃତଦେହକୁ ପୁଲିସ ଉଦ୍ଧାର କରିଅଛି। ସୂଚନାଯୋଗ୍ୟ ରାଇରଙ୍ଗପୁର ସହରର ମୁର୍ମୁ ଛକ ନିକଟସ୍ଥ ଏକ ଘରୋଇ ମେସରେ କିଛି ଛାତ୍ରଛାତ୍ରୀ ରହି ପଢ଼ାପଢ଼ି କରୁଥିଲେ। ଗତକାଲି ସେହି ମେସର ୮ମ ଶ୍ରେଣୀ ପଢୁଥିବା ଛାତ୍ର ସୁବାସିସ ଗୋଇପାଇ(୧୩) ଅପରାହ୍ଣ ୩ ଟା ବେଳୁ କୁଆଡେ ଚାଲିଯାଇଥିଲେ । ରାତ୍ରୀ ପର୍ଯ୍ୟନ୍ତ ମେସକୁ ନ ଫେରିବାରୁ ମେସର କର୍ତ୍ତୃପକ୍ଷ ଏହାକୁ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଅପରାହ୍ଣ ୪.୩୦ଟା ବେଳେ ଜାତୀୟ ରାଜପଥ ୨୨୦ ନମ୍ବରକୁ ଲାଗିଥିବା ବଡବନ୍ଧ ବୃହତ ଜଳାଶୟରୁ ଏକ ମୃତଦେହ ଭାସୁଥିବା ଲକ୍ଷ୍ୟ କରି ସ୍ଥାନୀୟ ଲୋକମାନେ ଥାନାକୁ ଖବର ଦେଇଥିଲେ । ପୁଲିସ ଆସି ମୃତଦେହକୁ ଉଦ୍ଧାର କରିଥିଲା। ଏନେଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଅଛି। ମୃତ ପିଲାଟିର ଘର ତିରିଂ ଥାନା ଅନ୍ତର୍ଗତ ଦେଓଗାମ ଠାରେ । ରହୁଥିବା ମେସର ୫୦ ଫୁଟ ଦୂରରେ ରାସ୍ତା ଅପର ପାର୍ଶ୍ୱରେ ଉକ୍ତ ବଡ଼ବନ୍ଧ । ଅନ୍ୟପଟେ ମୃତ ପିଲାର ବାପ ମାଆ ନିଜ ପୁଅକୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ପିଲାଟି କେମିତି ବନ୍ଧରେ ବୁଡିଲା ତାହା ସନ୍ଦେହ ଘେରରେ ଅଛି। ପୋଷ୍ଟମୋର୍ଟମ ରିପୋର୍ଟ ପ୍ରକାଶ ପାଇଲେ ଅସଲି ତଥ୍ୟ ପଦାକୁ ଆସିବ।

## ରେଳଷ୍ଟେସନ ପରିସରରୁ ବିଦ୍ୟୁତ ସବ୍‌ଷ୍ଟେସନ ସ୍ଥାନାନ୍ତକରଣ ଦାବି

ବେତନଟୀ,୧୮।୫(ସଂଚାର ବ୍ୟୁରୋ )ଃ ଆଜକୁ ଦୀର୍ଘ ତିନିବର୍ଷ ଧରି କୋଟି କୋଟି ଟଙ୍କାରେ ବେତନଟୀ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଚାଲୁ ରହିଅଛି। ଅମୃତ ଭାରତ ଯୋଜନାଭୁକ୍ତ ଏହି ଷ୍ଟେସନର ଉନ୍ନତି କରଣକାର୍ଯ୍ୟ ପ୍ରାୟତଃ ଉଚ୍ଚ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ପରିଦର୍ଶନ ହେଉଛି । କିନ୍ତୁ ଠିକ୍ ଷ୍ଟେସନର ପ୍ରବେଶ ଦ୍ୱାରରେ ଥିବା ବିଦ୍ୟୁତ ସବ-ଷ୍ଟେସନଟିକୁ ଅନ୍ୟତ୍ର ସ୍ଥାନାନ୍ତକରଣ କାର୍ଯ୍ୟ ଅଟକି ରହିଛି। ଫଳରେ ଷ୍ଟେସନକୁ ପ୍ରବେଶ ଦ୍ୱାର ଓ ଅଣ୍ଡର ପାସ୍‌ର ପ୍ରବେଶ ପଥରେ ଏହି ସବଷ୍ଟେସନ ରହି ସାଧାରଣ ଯାତ୍ରୀ ଓ ଯାତ୍ରୀ ପରିବହନ ଗାଡି, ମଟର ଯାତାୟତର ଅସୁବିଧା ସହ ପ୍ରବେଶ ଦ୍ୱାରର ସିମେଣ୍ଟ ଢଳାଇ କାର୍ଯ୍ୟ ପ୍ରାୟତଃ ବନ୍ଦ ରହିଛି ।

ଷ୍ଟେସନ ସମ୍ମୁଖ ରାସ୍ତାରେ ପ୍ରାୟ ଦୁଇମାସ ପୂର୍ବରୁ ବିଦ୍ୟୁତ ତାର ଯିବା ନିମନ୍ତେ ରାସ୍ତା ପାଶ୍ୱର୍ରେ ମାଟି ତଳେ କେବୁଲ ବିଛାଣ କାର୍ଯ୍ୟ ସରିଛି। ଏହି ସମୟରେ ରାସ୍ତା କିଛିଟା କ୍ଷତିଗ୍ରସ୍ତ ହୋଇଥିବାର ଅଭିଯୋଗ ହୋଇଥିଲା । ଉକ୍ତ ବିଦ୍ୟୁତ ସବ-ଷ୍ଟେସନକୁ ତୁରନ୍ତ ହଟାଯାଇ ରେଳବାଇ କାର୍ଯ୍ୟ ଆଗେଇବାକୁ ନବ ନିଯୁକ୍ତ ରେଳ ପରାମର୍ଶଦାତା କମିଟି ସଦସ୍ୟ ରବୀନ୍ଦ୍ରନାଥ ମିଶ୍ର ଦାବି ଜଣାଇଛନ୍ତି ।

## ରିଲିୟାନ୍ସ ସ୍ମାର୍ଟ କର୍ମଚାରୀଙ୍କ ଦାବି ମାନିଲେ କର୍ତ୍ତୃପକ୍ଷ




ଯାଜପୁର ରୋଡ଼,୧୮।୫(ସଂଚାର ବ୍ୟୁରୋ )ଃ ବ୍ୟାସନଗର ପୌର ସହରର ଚୋରଦା ସ୍ଥିତ ରିଲିୟାନ୍ସ ସ୍ମାର୍ଟ ଅଧୀନରେ କାର୍ଯ୍ୟକରୁଥିବା ଭେଣ୍ଡର ଗ୍ରାବଇଣ୍ଡିଆ ଦ୍ୱାରା ୮୦ରୁ ଉର୍ଦ୍ଧ୍ୱ ବାଇକ୍ ଡେଲିଭରି କର୍ମଚାରୀ ପ୍ୟାକେଟ ପିଛା ୨୭ ଟଙ୍କା ପାଇଆସୁଥିବା ବେଳେ ଗତ ୧୦ ତାରିଖରୁ ଏହାକୁ ଦରକୁ ପରିବର୍ତ୍ତନ କରି ୧୫ ଟଙ୍କାକୁ ହ୍ରାସ କରାଯାଇଥିଲା। ଯାହା ଫଳରେ କର୍ମଚାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ସମର୍ଥନ କରି ଯାଜପୁର ରୋଡ ଶିଳ୍ପଶ୍ରମିକ ସଂଘର ସଭାପତି ବିଦ୍ୟାଧର ମହାନ୍ତି ଯାଜପୁର ଜିଲ୍ଲାର ଶ୍ରମବିଭାଗ ଓ ସ୍ଥାନୀୟ ପୁଲିସଙ୍କ ଠାରେ ଅଭିଯୋଗ କରି ଆଜି ଏହି କର୍ମଚାରୀ ମହଲ ଆଗରେ ପ୍ରତିବାଦ କରିବା ପରେ ଏହାକୁ ନେଇ ରିଲିୟାନ୍ସ ସ୍ମାର୍ଟ ଉଚ୍ଚ କର୍ତ୍ତୃପକ୍ଷ ପହଞ୍ଚି ସମସ୍ତ କର୍ମଚାରୀମାନେ କାମରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏହା ସହିତ ପୂର୍ବରେଟ ଦେବାକୁ ସହମତ ପ୍ରକାଶ କରିଥିଲେ ଓ ଏହାର ସ୍ଥାୟୀ ସମାଧାନ କରିଥିଲେ।

ମିଳିତ ଆଲୋଚନାରେ ଯାଜପୁର ରୋଡ ଥାନା ଆଇ.ଆଇ.ସି ଆଶିଷ କୁମାର ସାହୁ, ସହ- ଶ୍ରମ ଅଧିକାରିଣୀ ସୁଶ୍ରୀ ସଂଗୀତା ସ୍ୱାଇଁ ଓ ଗ୍ରାବଇଣ୍ଡିଆରେ ଏରିଆ ମ୍ୟାନେଜେର ରଜନିଷ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି, ଜନଜୀବନ ଅସ୍ତବ୍ୟସ୍ତ

ହିଂଜିଳିକାଟୁ,୧୮।୫ (ସଂଚାର ବ୍ୟୁରୋ)ଃ ହିଂଜିଳିକାଟୁ ସହର ସମେତ ଏହାର ଆଖପାଖ ଗ୍ରାମରେ କିଛି ଦିନ ହେଲା ଅସହ୍ୟ ତାତି ଅନୁଭୂତ ହେଉଛି । ପ୍ରଚଣ୍ଡ ତାତିରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ଦିନ ୧୧ ପରେ ଖରାର ତ୍ରୀବତା ଏତେ ଅଧିକ ରହୁଛି ଯେ ପଦାକୁ ବାହାରିଲେ ଆକାଶରୁ ନିଆଁ ହୁଳା ଖସୁଥିବା ଭଳି ଲାଗୁଚି । ଅସହ୍ୟ ଗରମ ଯୋଗୁଁ ଜନସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରବଳ ଗରମ ସତ୍ତ୍ୱେ ସହରବାସୀ ନିଜ ନିଜ କର୍ମମୟ ଜୀବନରେ ଲାଗିପଡିଛନ୍ତି । ଦିନସାରା ସହର ଚଳଚଞ୍ଚଳ ରହିଥିବା ବେଳେ ଲୋକେ ଜୀବିକା ପାଇଁ ନିଜ ନିଜ କାମରେ ଲାଗିପଡିଥିଲେ । ତେବେ ଖରାରୁ ରକ୍ଷା ପାଇବା ପାଇଁ କିଏ ଛତା ଧରିଥିଲା ତ ଆଉ କିଏ ଟୋପି କିମ୍ବା ରୁମାଲ ବ୍ୟବହାର କରୁଥିଲା । ଅଧିକାଂଶ ବାଇକ ଚାଳକ ହେଲମେଟ ପିନ୍ଧିଥିଲେ । ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବା ଓ ତୃଷ୍ଣା ନିବାରଣ ପାଇଁ ମୃଦୁପାନୀୟ ଜଳର ସହାୟକ ହେଉଥିଲା । ଏପରିକି ଦହିବରା ଦୋକନରେ ମଧ୍ୟ ଗହଳି ଜମୁଛି |

## ରାସ୍ତା ଉପରେ ନର୍ଦ୍ଦମା ପାଣି, ନୀରବଦ୍ରଷ୍ଟା ପ୍ରଶାସନ



ସତ୍ୟବାଦୀ,୧୮।୫(ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ବ୍ଲକ ସଂଲଗ୍ନ ମହାବୀର କଲୋନୀର ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହିବାରୁ ସାଧାରଣ ଜନଜୀବନ ସହ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଦୀର୍ଘଦିନ ଧରି ଏହି ସମସ୍ୟା ଜାରି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରାସ୍ତାରେ ଜମି ରହିଥିବା ଦୂଷିତ ପାଣି ଯୋଗୁଁ ପାଦରେ ଚାଲିବା ଦୂରେ ଥାଉ, ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ମଧ୍ୟ କଷ୍ଟକର ହୋଇପଡିଛି । ଏହି ରାସ୍ତା ସଂଲଗ୍ନ ଏକ ଘରୋଇ ଡାକ୍ତରଖାନାକୁ ଯାଉଥିବା ରୋଗୀମାନେ ମଧ୍ୟ ଯାତାୟାତ ସମସ୍ୟା ଯୋଗୁଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ପରେ କିଛିଦିନ ପୂର୍ବରୁ ବିଡ଼ିଓ ଓ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ। ତେବେ ଦୁଇ ସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନ ନିଆଯିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି।

ସ୍ଥାନୀୟ ସୂତ୍ରରୁ ପ୍ରକାଶ ଯେ, ନିକଟସ୍ଥ ଏକ ସ୍ୱର୍ଣ୍ଣ ମଣ୍ଡପରୁ ନିର୍ଗତ ନର୍ଦ୍ଦମା ପାଣି ରାସ୍ତାରେ ଜମା ହେବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏକ ବ୍ୟବସାୟିକ ପ୍ରତିଷ୍ଠାନର ଅବ୍ୟବସ୍ଥା ପାଇଁ ଲୋକ ହଇରାଣ ହେଉଥିବାବେଳେ ଅଞ୍ଚଳବାସୀ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ ସହ ସମ୍ପୃକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଜନଜାତୀୟ ଗରିମା ଉତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ



ଖୋରଧା,୧୮।୫ (ସଂଚାର ବ୍ୟୁରୋ)ଃ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ସହଯୋଗୀତାରେ ଖୋରଧା ଜିଲ୍ଲାର ୬ ଗୋଟି ବ୍ଲକର ୧୬ଟି ଆଦିବାସୀ ବହୁଳ ଗ୍ରାମରେ ଜନଜାତୀୟ ଗରିମା ଉତ୍ସବ-୨୦୨୬ ଅନ୍ତର୍ଗତ ଜନଭାଗିଦାରୀ ଅଭିଯାନ - ସବୁ ଠାରୁ ଦୂର, ସର୍ବ ପ୍ରଥମେ ପାଳିତ ହେବାକୁ ଯାଉଛି। ମେ ୧୮, ୨୦୨୬ ଠାରୁ ମେ ୨୫ ,୨୦୨୬ ମଧ୍ୟରେ ପାଳିତ ହେବାକୁ ଥିବା ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ବ୍ୟକ୍ତିଗତ ତଥା ସାମୂହିକ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଓ ସବୁଠାରୁ ଅପହଞ୍ଚ ବ୍ୟକ୍ତିଙ୍କୁ ମଧ୍ୟ ସବୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା।

ଭୁବନେଶ୍ୱର ବ୍ଲକର ଚୁଡ଼ଙ୍ଗ, ଦଲୁଆ, ଦାସପୁର ଓ ଭଗବତୀପୁର, ବାଣପୁର ବ୍ଲକର ନୀଳାଦ୍ରିପ୍ରସାଦ, ତାଳବୋରେଇ, ଗୁରୁପଡା ଓ ବେଙ୍ଗରାଜପଲ୍ଲୀ, ଖୋରଧା ବ୍ଲକର ତରକାଇ, ବନ୍ତଳା ଓ ବରହମ୍ପୁରା, ଜଟଣୀ ବ୍ଲକର ବିଂଝାଗିରି, ମିନିଚିନିପାଟଣା ଓ ଗ୍ରାମଡିହ, ବେଗୁନିଆ ବ୍ଲକର ଗୋଡ଼ିପୋଖରୀ ଏବଂ ବୋଲଗଡ ବ୍ଲକର ହରିପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ନିର୍ବାଚିତ ପ୍ରତିନିଧି ମାନଙ୍କ ପ୍ରତ୍ୟକ୍ଷ ଯୋଗଦାନ ନିଶ୍ଚିତ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ବୋଲି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଗଣମାଧ୍ୟମ ଗୁଡ଼ିକୁ ସୁଚନା ଦେଇଛନ୍ତି ।

ଏହି ଗ୍ରାମଗୁଡିକରେ ଥିବା ଅଙ୍ଗନବାଡି କେନ୍ଦ୍ର କିମ୍ବା ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଆଦି ସେବା କେନ୍ଦ୍ର ଭାବରେ ଘୋଷଣା କରାଯାଇଛି। ଉପରୋକ୍ତ ଗ୍ରାମ ଗୁଡିକରେ ସ୍ୱାସ୍ଥ୍ୟ ଓ ଆଧାର ଶିବିର କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରତ୍ୟେକ ଦିନ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ଗୁଡିକର ଫଟୋ ଓ ଭିଡିଓ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟଙ୍କ ଦ୍ୱାରା ସ୍ଥିରୀକୃତ ୱେବସାଇଟ, ସୋସିଆଲ ମିଡ଼ିଆ ଓ ପୋର୍ଟାଲରେ ଉପଲବ୍ଧ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଉରା କହିଛନ୍ତି ।

# କେନ୍ଦୁପତ୍ର ତୋଳାଳିଙ୍କୁ ମିଳୁନି ଉଚିତ ମୂଲ୍ୟ

### ତୋଳାଳିଙ୍କ ପାଇଁ ଫଡ଼ିରେ ନାହିଁ ଆନୁସଙ୍ଗିକ ସୁବିଧା

### ଗତବର୍ଷ ତୁଳନାରେ ହ୍ରାସ ପାଉଛି ଉତ୍ପାଦନ



ଫୁଲବାଣୀ,୧୮।୫(ସଂଚାର ବ୍ୟୁରୋ )ଃ କେନ୍ଦୁପତ୍ର ଏକ ରୋଜଗାରର ମାଧ୍ୟମ ହୋଇଥିବା ବେଳେ ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ବର୍ଷରେ ଦୁଇମାସ ଏଠିକାର ଗ୍ରାମାଞ୍ଚଳର ମହିଳା ଏବଂ କେନ୍ଦୁପତ୍ର ତୋଳାଳୀମାନେ ଏହି କେନ୍ଦୁପତ୍ର ସଂଗ୍ରହ କରି ବେସ ଦୁଇପଇସା ରୋଜଗାର କରି ନିଜର ପରିବାର ପ୍ରତି ପୋଷଣ କରିଥାନ୍ତି। ଏହି କେନ୍ଦୁ ପତ୍ର ପାଇଁ ମାର୍ଚ୍ଚ ମାସରେ ଛୋଟ ଛୋଟ କେନ୍ଦୁ ଗଛକୁ ମାଟି ତଳୁ କାଟୁଥିବା ବେଳେ ନୂଆ ଗଛ ସୃଷ୍ଟି ହୋଇ ଭଲ ପତ୍ର କଅଁଳିବା ସହ ମେ ମାସରେ ପ୍ରାୟତଃ କେନ୍ଦୁ ପତ୍ରକୁ ତୋଳା ଯାଇ କେରି କରି ଫଡ଼ି ମାନଙ୍କରେ ତୋଳାଳୀମାନେ ବିକ୍ରି କରିଥାନ୍ତି। ଏହି ଅଞ୍ଚଳରେ ରୋଜଗାର ପାଇଁ ବିଶେଷ କରି ଅନ୍ୟାନ୍ୟ ମାଧ୍ୟମ ନଥିବା ବେଳେ ଖରା ଦିନରେ ଦୁଇ ମାସ ତୋଳାଳିଙ୍କୁ ଭଲ ରୋଜଗାର ଦେଇଥାଏ।

କିନ୍ତୁ ଗତ ଦୁଇରୁ ତିନି ବର୍ଷ ହେବ କେନ୍ଦୁ ଲିଫ ବିଭାଗ ଠିକ ଭାବରେ ଗଛ କଟା କରୁନଥିବା ବେଳେ ଖୁବ କମ ଦିନ ଗଛ କାଟି କାମ ସାରିଦେଉଥିବାରୁ ଠିକ ଭାବରେ କେନ୍ଦୁ ପତ୍ର ମିଳୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳର କେନ୍ଦୁ ପତ୍ର ତୋଳାଳୀମାନେ। କେନ୍ଦୁପତ୍ର ବିଭାଗ ତରଫରୁ ତୋଳାଳିଙ୍କ ପାଇଁ ବିଭିନ୍ନ ଅନୁସଙ୍ଗିକ ବ୍ୟବସ୍ଥା ରହିଛି କିନ୍ତୁ ତାହା ଠିକ ସମୟରେ ମିଳୁନଥିବାରୁ କେନ୍ଦୁପତ୍ର ତୋଳାଳୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିଶ୍ରମ ଅନୁସାରେ ଉପଯୁକ୍ତ ପାରିଶ୍ରମିକ ମିଳି ପାରୁନଥିବା ବେଳେ ସକାଳ ଛଅ ଟାରୁ କେନ୍ଦୁପତ୍ର ତୋଳି ଦିନ ଚାରିଟା ପର୍ଯ୍ୟନ୍ତ ପରିବାର ସାରା କେରି କରି ପତ୍ର ବାନ୍ଧି ଫଡ଼ିକୁ ବିକ୍ରି ପାଇଁ ନେଉଥିଲେ ମଧ୍ୟ ଦୈନିକ ମଜୁରୀ ହିସାବରେ ୩ ଶହ ଟଙ୍କା ମଜୁରୀ ହିସାବରେ ମଧ୍ୟ ମିଳି ପାରୁ ନାହିଁ। ପରିଶ୍ରମ ଅନୁସାରେ ଉପଯୁକ୍ତ ପାରିଶ୍ରମିକ ମିଳୁନଥିବା ବେଳେ ତୋଳାଳୀଙ୍କ ପାଇଁ ଫଡ଼ିରେ ପାଣି ବ୍ୟବସ୍ଥା କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା ମଧ୍ୟ ମିଳିପାରୁନାହିଁ।

ତେବେ ଏହି କେନ୍ଦୁପତ୍ର ତୋଳାଳୀ ମାନଙ୍କ ବିଷୟରେ କେନ୍ଦୁପତ୍ର ବିଭାଗର ଫିରିଙ୍ଗିଆ ଦାୟିତ୍ୱରେ ଥିବା ଫରେଷ୍ଟର କମଳିନୀ କହଁରଙ୍କୁ ପଚାରିବାରୁ ତୋଳାଳୀ ମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି ଓ ସମସ୍ତ ସରକାରୀ ପ୍ରୋତ୍ସାହନ ତୋଳାଳୀ ମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି କହିବା ସହ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ।

ସଂଚାର
THE SANCHAR

# ହଜାରେ କୋଟିରେ ହେବ ଶ୍ରୀଜଗନ୍ନାଥ ସଂଗ୍ରହାଳୟ





ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ବିଶ୍ୱବ୍ୟାପୀ ମହାପ୍ରଭୁଙ୍କ ମହିମା ଗାନ କରାଯିବ। ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ହେବ। ମହାବାହୁଙ୍କ ସଂସ୍କୃତିର ପ୍ରଚାର ପ୍ରସାରକୁ ପ୍ରୋତ୍ସାହନ ମିଳିବ। ରାଜ୍ୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା ହେବ। ସେଠାରେ ପ୍ରଭୁଙ୍କ ସମସ୍ତ ରୀତିନୀତି, ଅବତାର, ପରମ୍ପରା ଏବଂ ସ୍କନ୍ଦ ପୁରାଣର କାହାଣୀକୁ ଚଳଚ୍ଚିତ୍ର ମାଧ୍ୟମରେ ଦେଖାଯିବ। ନିକଟରେ ଏହାର ସମୀକ୍ଷା କରି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଏଠାରେ ୩୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ସହ ଏକ ଦୃଶ୍ୟ-ଶ୍ରାବ୍ୟ ହଲ୍ ଓ ମୁକ୍ତାକାଶ ମଞ୍ଚ ରହିବ। ଏଥିରେ ପାଖାପାଖି ୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସଂଗ୍ରହାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ଇତିହାସ, ଦର୍ଶନ, ପରମ୍ପରା ଓ ଲୋକଜୀବନରେ ଏହାର ଗଭୀର ପ୍ରଭାବକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରାଯିବ। ଶ୍ରୀଜଗନ୍ନାଥ ସଂସ୍କୃତି, ପ୍ରାଚୀନ ଇତିହାସ ଓ ଧାର୍ମିକ ଐତିହ୍ୟ ଉପରେ ଗଭୀର ଗବେଷଣା ସହ ପ୍ରାଚୀନ ଜ୍ଞାନ ଓ ପରମ୍ପରାର ସଂରକ୍ଷଣକୁ ବିଶେଷ ଗୁରୁତ୍ୱ ଦିଆଯିବ।

ମାଦଳା ପାଞ୍ଜି, ତାଳପତ୍ର ପାଣ୍ଡୁଲିପି, ପୁରାତନ ମନ୍ଦିରଗୁଡ଼ିକର ଦୁର୍ଲଭ ଦସ୍ତାବିଜ, ପାରମ୍ପରିକ ତଥ୍ୟ ଓ ଐତିହାସିକ ପ୍ରମାଣଗୁଡ଼ିକୁ ଆଧୁନିକ ଡିଜିଟାଲ୍ ପ୍ରଣାଳୀ ମାଧ୍ୟମରେ ସଂରକ୍ଷିତ କରାଯିବ। ଫଳରେ ଆଗାମୀ ପିଢ଼ି ଆମ ସମୃଦ୍ଧ ଐତିହ୍ୟ ଓ ଆଧ୍ୟାତ୍ମିକ ଜ୍ଞାନକୁ ସହଜରେ ଅନୁଭବ, ଅଧ୍ୟୟନ ଓ ଗବେଷଣା କରିପାରିବେ। ଏହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାର ପ୍ରସାର ଆହୁରି ସୁଦୃଢ଼ ହେବ। ମହାପ୍ରଭୁଙ୍କ ଅସୀମ କୃପାରେ ଓଡ଼ିଆ ଅସ୍ମିତା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟ ସହ ଅଭିନ୍ନ ଭାବେ ଜଡିତ ଏହି ପବିତ୍ର ପରମ୍ପରା ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରହିବ। ଗୁରୁତ୍ୱ ସହ ଓଡ଼ିଶା ସରକାର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର ଓ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ବି ବାରମ୍ବାର ଏହାର ସମୀକ୍ଷା କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ରାଜସ୍ୱ ବିଭାଗ ପକ୍ଷରୁ 'ଆମ ଗାଁରେ ଆମ ତହସିଲ୍'

- ତୃଣମୂଳ ସ୍ତରରେ ପହଞ୍ଚିବ ରାଜସ୍ୱ ସେବା
- ଲୋକଙ୍କ ସମସ୍ୟା ବୁଝିବେ ଅଧିକାରୀ
- ତହସିଲ୍ ପକ୍ଷରୁ ପଞ୍ଚାୟତରେ ହେବ କ୍ୟାମ୍ପ୍ କୋର୍ଟ



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ଦୁଇବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ଆଲୋଚନା କରି ପ୍ରତିଟି ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ସୁନିଶ୍ଚିତ କରିବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଯାଇ ସେ କହିଛନ୍ତି ଯେ, ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ। ବରଂ ଯେଉଁ ଯୋଜନାକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି; ତାହା ହିଁ ଆମ ଉପଲବ୍ଧି। ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯିବା ସହ ଆଗାମୀ ଦିନରେ ସେମାନେ ଉକ୍ତ ଜିଲ୍ଲା ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପରିଦର୍ଶନ ସମୟରେ ବରିଷ୍ଠ ଅଧିକାରୀ ଜିଲ୍ଲାମାନଙ୍କରେ ରାତ୍ରରହଣି କରିବାକୁ ଓ ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେଇ ସେମାନଙ୍କୁ ବିଭାଗର ପ୍ରମୁଖ ଉପାଦେୟ ସେବା ସମ୍ପର୍କରେ ସଚେତନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ମନ୍ତ୍ରୀ କହିଛନ୍ତି ଯେ, ରାଜସ୍ୱ ବିଭାଗ ପକ୍ଷରୁ ତହସିଲକୁ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ ନୂତନ ପଦକ୍ଷେପସ୍ୱରୂପ ଖୁବ ଶୀଘ୍ର 'ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଗ୍ରାମ ଅଥବା ପଞ୍ଚାୟତସ୍ତରରେ ତହସିଲ୍ କ୍ୟାମ୍ପ୍ କୋର୍ଟ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଭିନ୍ନ କାମ ପାଇଁ ଲୋକମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ଆସିବାକୁ ପଡୁଥିଲା। ଏଣିକି କ୍ୟାମ୍ପ୍ କୋର୍ଟ ମାଧ୍ୟମରେ ଗାଆଁ-ଗାଆଁରେ ତହସିଲ କାର୍ଯ୍ୟାଳୟର ଅଧିକାରୀମାନେ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ପ୍ରଜା ଖାନା ସଂଶୋଧନ, ଡିମାର୍କେସନ୍ ଆଦି ବିଭିନ୍ନ ରାଜସ୍ୱ ସେବା ଯୋଗାଇଦେବେ।

# ଭଉଣୀ ଘରକୁ ଛୁଟି କାଟିବାକୁ ଯାଇ ଆଉ ଫେରିଲେନି

ଦାରିଙ୍ଗବାଡ଼ି,୧୮।୫(ସଂଚାର ବ୍ୟୁରୋ)ଃ ମୃତ୍ୟୁ କେବେ କେମିତି ଆସିବ, କେହି ବି ଭାବି ପାରିବେନି। ଏଭଳି ଏକ ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଥାନା ଅଧୀନସ୍ଥ ପର୍ଡ଼ମାହା ପଞ୍ଚାୟତର କହମ୍ପଡ଼ି ଗ୍ରାମରେ ଘଟିଛି।

ମିଳିଥିବା ସୂଚନାନୁସାରେ, ଉକ୍ତ ଛାତ୍ରୀ ଜଣଙ୍କ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଜୀବନ ହରାଇଛନ୍ତି। ମୃତ ଛାତ୍ରୀ ଜଣଙ୍କ ଉକ୍ତ ପଞ୍ଚାୟତର ତଣ୍ଡମୀ ଗ୍ରାମର ରାମା ପ୍ରଧାନଙ୍କ ଝିଅ ପ୍ରଭାତୀ ପ୍ରଧାନ ବୋଲି ତଦନ୍ତକାରୀ ଅଧିକାରୀ ଲକ୍ଷ୍ମୀ ମାଝୀ ସୂଚନା ଦେଇଛନ୍ତି। ଖରାଛୁଟିରେ ପ୍ରଭାତୀ ତାଙ୍କ ବଡ଼ ଭଉଣୀଙ୍କ ଘର କହମ୍ପଡ଼ିକୁ ଯାଇଥିଲେ। ତେବେ ଆଜି ସେ ପୋଖରୀରେ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ସେଠାରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜାଗମରା ଫୁଡ୍ କୋର୍ଟରେ ଭୟଙ୍କର ଅଗ୍ନିକାଣ୍ଡ

# ୪ଟି ଦୋକାନ ଜଳିପୋଡ଼ି ଛାରଖାର



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଜାଗମରାରେ ଥିବା ଏକ ଫୁଡ୍ କୋର୍ଟରେ ଆଜି ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ଘରୋଇ କଲେଜ ନିକଟରେ ଥିବା ଫୁଡ୍ କୋର୍ଟରେ ଭୋର ପ୍ରାୟ ସାଢ଼େ ୪ଟା ବେଳେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ୪ଟି ଦୋକାନର ସମସ୍ତ ସାମଗ୍ରୀ ଜଳିପୋଡ଼ି ଛାରଖାର ହୋଇଯାଇଛି। ତେବେ ଅନ୍ୟ ଦୋକାନଗୁଡ଼ିକ ଅଳ୍ପକେ ଏକ ବଡ଼ ଧରଣର କ୍ଷତିରୁ ବର୍ତ୍ତିଯାଇଛନ୍ତି। ଖବର ପାଇ ତମାଣ୍ଡୋ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ତେବେ ଅଗ୍ନିକାଣ୍ଡର ଠୋସ୍ କାରଣ ଜଣାପଡ଼ିନଥିଲେ ହେଁ ଶର୍ଟସର୍କିଟ୍‌ରୁ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। କାରଣ ଜାଣିବା ସକାଶେ ତନାଘନା ଜାରି ରଖିଛି ଅଗ୍ନିଶମ ବିଭାଗ।

## ରୁଷ-ୟୁକ୍ରେନ୍ ଯୁଦ୍ଧରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ଦିଗପହଣ୍ଡି,୧୮।୫(ସଂଚାର ବ୍ୟୁରୋ)ଃ ଦୀର୍ଘଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧରେ ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନର ଡ୍ରୋନ୍ ମାଡ଼ରେ ଟଳିପଡ଼ିଛନ୍ତି ଓଡ଼ିଆ ଯୁବକ। ମୃତକ ଗଞ୍ଜାମ ଚିକିଟି ବ୍ଲକ ମାଧବନ୍ଧ ଗାଁର ଏ. ରାମେୟା। ପାଖାପାଖି ମାସେ ତଳେ ସେ କାମ କରିବାକୁ ରୁଷ୍ ଯାଇଥିଲେ। ତାଙ୍କ ମୃତ୍ୟୁ ନେଇ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ସ୍ପଷ୍ଟ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ରାମେୟା ମାସେ ତଳେ କାମ କରିବାକୁ ରୁଷ ଯାଇଥିଲେ। ଗତ ଶନିବାର ସେ ରାଜଧାନୀ ମସ୍କୋସ୍ଥିତ ଏକ କମ୍ପାନୀରେ କାମ କରୁଥିବା ସମୟରେ ୟୁକ୍ରେନର ଡ୍ରୋନ୍ ହମଲାରେ ସେ ଟଳି ପଡ଼ିଥିଲେ। ଏନେଇ ଜିଲ୍ଲାପାଳ କହିଛନ୍ତି ଯେ ଭାରତୀୟ ଦୂତାବାସ ସହ କଥାବାର୍ତ୍ତା ଚାଲିଛି। ମୃତଦେହ ଫେରାଇ ଆଣିବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଚେଷ୍ଟା କରୁଛି। ତେବେ ଏହି ଘଟଣା ପରେ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେହିପରି ମୃତକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

## ମୁଣ୍ଡରେ ମୂନରେ ଲୁଟିନେଲେ ୮ ଲକ୍ଷ

କେନ୍ଦୁଝର,୧୮।୫(ସଂଚାର ବ୍ୟୁରୋ)ଃ ସ୍ପଷ୍ଟ ଦିବାଲୋକରେ ବାଉରୀପଦା ପଞ୍ଚାୟତ ଅଫିସ୍ ନିକଟରୁ ଲୁଟ୍ ହୋଇଛି ଭତ୍ତା ଟଙ୍କା। ପିଇଓଙ୍କଠାରୁ ବନ୍ଧୁକ ମୂନରେ ପାଖାପାଖି ୮ ଲକ୍ଷ ୧୮ ହଜାର ଟଙ୍କା ଲୁଟ୍ ହୋଇଛି। ଭତ୍ତା ବାଣ୍ଟିବାକୁ ଟଙ୍କା ନେଇ ଯାଉଥିଲେ ପିଇଓ ଓ ଏଡିଇଓ। ତେବେ ଏହି ସମୟରେ କଳା ପଲ୍‌ସରରେ ଆସି ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରି ସମସ୍ତଙ୍କୁ ଭୟଭୀତ କରି ଏପରି ଲୁଟ୍ କାଣ୍ଡ ଘଟାଇଛନ୍ତି। ଆଖିପୁଛୁଳାକେ ଝାମ୍ପିନେଇଛନ୍ତି ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ଏପରିକି ଯିବା ସମୟରେ ଦୁର୍ବୃତ୍ତମାନେ ପିଇଓଙ୍କ ସ୍କୁଟି ମଧ୍ୟ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଉଭୟ କେନ୍ଦୁଝର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟ ସମୟରେ କେନ୍ଦୁଝର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ବାଉରିପଦା ପିଇଓ ଏବଂ ଏଡିଇଓ ୮ ଲକ୍ଷ ୧୮ ହଜାର ଟଙ୍କା ଉଠାଇ ପଞ୍ଚାୟତ ଅଭିମୁଖେ ବାଇକରେ ଯାଉଥିଲେ। ତେବେ ସେମାନଙ୍କ ଅଜାଣତରେ ସେମାନଙ୍କୁ ଏକ କଳା ରଙ୍ଗର ପଲସର ପିଛା କରୁଥିଲା। ସଦର ଥାନା ମୁକୁନା ବଜାର ଠାରୁ କିଛି ଦୂରରେ ପଲସରରେ ଥିବା ତିନି ଜଣ ଦୁର୍ବୃତ୍ତ ହଠାତ୍ ସେମାନଙ୍କ ସାମ୍ନାରେ ଗାଡ଼ି ରଖି ସେମାନଙ୍କୁ ଟଙ୍କା ବ୍ୟାଗ ମାଗିଥିଲେ। ତେବେ ସେମାନେ ଟଙ୍କା ବ୍ୟାଗ୍ ନ ଦେବାରୁ ଦୁର୍ବୃତ୍ତମାନେ ବନ୍ଧୁକ ବାହାର କରି ଏକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। ପରେ ସେମାନେ ଦୁଇ ଅଧିକାରୀଙ୍କ ନିକଟରୁ ବ୍ୟାଗକୁ ଛଡ଼ାଇ ନେଇ ବେଲଦା ଅଭିମୁଖେ ପଳାଇ ଯାଇଥିଲେ। ଲୁଟେରାମାନେ ହିନ୍ଦୀ ଓ ବଙ୍ଗଳା ଭାଷାରେ କଥାବାର୍ତ୍ତା କରୁଥିଲେ। ପିଇଓ ଫୋନ ମାଧ୍ୟମରେ ସଦର ବିଡିଓଙ୍କୁ ଏ ସମ୍ପର୍କରେ ଜଣାଇବା ସହ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଯୁବକଙ୍କୁ ପୁଲିସ୍‌ର ଥାର୍ଡ ଡିଗ୍ରୀ ଅଭିଯୋଗ



ହିଞ୍ଜିଳିକାଟୁ,୧୮।୫(ସଂଚାର ବ୍ୟୁରୋ)ଃ ସୀମା ଲଂଘିଲା ପୁଲିସର ବର୍ବରତା। ପୁଲିସ ବିରୋଧରେ ଆସିଛି ଥାର୍ଡ ଡିଗ୍ରୀ ଅଭିଯୋଗ। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବେଲଗାଁ ପୁଲିସ ଜଣେଁକ ଯୁବକଙ୍କୁ ରାତି ଅଧରେ ଘରୁ ଉଠାଇ ଆଣି ରାସ୍ତା ଉପରେ ନିଷ୍ଠୁର ମାଡ଼ ମାରିବା ଅଭିଯୋଗ ଆସିଛି। ବେଲଗାଁ ଥାନା ଅନ୍ତର୍ଗତ ଖାଜିପଲ୍ଲୀ ଗ୍ରାମର ପଞ୍ଚାନନ ପାତ୍ରଙ୍କୁ କୌଣସି ଏକ ମାମଲାରେ ଗତ ୧୪ ତାରିଖ ମଧ୍ୟ ରାତ୍ରରେ ପୁଲିସ୍ ଘରୁ ଉଠାଇ ଆଣିଥିଲା। ବେଲଗାଁ ଯିବା ପୂର୍ବରୁ ପଲାସୀ ମାରପଲ୍ଲୀ ଗ୍ରାମର ବିଶ୍ରାମାଗାର ନିକଟରେ ପୁଲିସ ଗାଡ଼ି ରଖି ସାଙ୍ଗରେ ନେଇଥିବା ଯୁବକ ପଞ୍ଚାନନ ପାତ୍ରଙ୍କୁ ତଳକୁ ଓହ୍ଲାଇଦେଇଥିଲା। ପରେ ଦୁଇ ଜଣ କନଷ୍ଟେବଲ ପଞ୍ଚାନନଙ୍କ ଦୁଇ ହାତକୁ ଧରିଥିବା ବେଳେ ଆଉ ଜଣେ କନଷ୍ଟେବଲ ବେତରେ ତାଙ୍କ ଜଙ୍ଘ ଓ ପିଠିକୁ ଅତି ଅମାନୁଷିକ ଭାବେ ୪୦ରୁ ୫୦ ଥର ମାଡ଼ ମାରିଥିଲେ। ଫଳରେ ପଞ୍ଚାନନ ମୂର୍ଚ୍ଛା ହୋଇଯାଇଥିଲେ। ପରେ ତାଙ୍କୁ ପୁଲିସ୍ ସେଠାରୁ ଉଠାଇ ଥାନାକୁ ନେଇଯାଇଥିବା ନିଜେ ପଞ୍ଚାନନ କହିଛନ୍ତି। ଏନେଇ ପଞ୍ଚାନନ ବେଲଗାଁ ଥାନାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ସଠିକ ତଦନ୍ତ ପାଇଁ ଦାବି କରିଛନ୍ତି। ଏନେଇ ବେଲଗାଁ ଥାନାଧିକାରୀଙ୍କ ପ୍ରତିକ୍ରିୟା ଜାଣିବା ସକାଶେ ଉଦ୍ୟମ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

## ଦୁଇ ମହଲା ଛାତରୁ ଖସି ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୧୮।୫(ସଂଚାର ବ୍ୟୁରୋ)ଃ ଅସାବଧାନତାରୁ ଚାଲିଯାଇଛି ଜଣେ ଯୁବକଙ୍କ ଜୀବନ। ଦୁଇ ମହଲା ଛାତରୁ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି ଉକ୍ତ ଯୁବକ। ମୃତ ଯୁବକ ଜଣଙ୍କ ହେଲେ ଜଗନ୍ନାଥ ସାହୁ। ସେ ଓମଫେଡରେ କ୍ଷୀର ଟ୍ୟାଙ୍କର ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଜଗନ୍ନାଥଙ୍କ ନିଜ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଆମ୍ବଶାଳରେ ହୋଇଥିବା ବେଳେ ଏଠାକାର ଷଣ୍ଢପୁର ଗ୍ରାମରେ ଘର ଭଡ଼ା ନେଇ ଭାଇଙ୍କ ସହ ରହୁଥିଲେ। ତେବେ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ସେ ଦୁଇ ମହଲା ଘରର ଛାତ ଉପରେ ବୁଲାଚଲା କରୁଥିବା ସମୟରେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲେ। ଫଳରେ ପାଚେରୀରେ ତାଙ୍କ ମୁଣ୍ଡ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଖବର ପାଇ ଗୋଡ଼ିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ସୌମ୍ୟ ରଞ୍ଜନ ମୃତ୍ୟୁ ମାମଲା

# ଚିହ୍ନଟ ହୋଇଛନ୍ତି ସବୁ ଅଭିଯୁକ୍ତ



ସୂଚନା ଦେଲେ କ୍ରାଇମବ୍ରାଞ୍ଚ ଡିଜି

ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ମୃତ୍ୟୁ ମାମଲାରେ ଆଜି ସୁଦ୍ଧା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇସାରିଛି। ସିସିଟିଭିରୁ ଚିହ୍ନଟ ହୋଇଛନ୍ତି ସବୁ ଅଭିଯୁକ୍ତ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଆଜି ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବାଲିଅନ୍ତାରେ ଘଟିଥିବା ବର୍ବର କାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଶେଷ ହୋଇଛି। ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ଭିଡିଓ ରେକର୍ଡିଂରୁ ମଜବୁତ ପ୍ରମାଣ ମିଳିଛି। ବର୍ତ୍ତମାନ କ୍ରାଇମବ୍ରାଞ୍ଚର ଫୋକସ୍‌ରେ ରହିଛି କିପରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ତଦନ୍ତରେ ବୈଜ୍ଞାନିକ ପଦ୍ଧତିର ବ୍ୟବହାର କରାଯାଉଛି। ତଦନ୍ତକୁ ନେଇ ଯେପରି କୌଣସି ସନ୍ଦେହ ନ ରହେ, ସେଥିପାଇଁ ଏଥିରେ ସାମାନ୍ୟ ବିଳମ୍ବ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ତେବେ ସମସ୍ତ ଅଭିଯୁକ୍ତ ଚିହ୍ନଟ ହୋଇସାରିଥିଲେ ମଧ୍ୟ ଏବେ କ୍ରାଇମବ୍ରାଞ୍ଚ ସମ୍ମୁଖରେ ରହିଛି ୪ଟି ମୁଖ୍ୟ ଚ୍ୟାଲେଞ୍ଜ। ପ୍ରଥମ ଚ୍ୟାଲେଞ୍ଜ ହେଉଛି ତଦନ୍ତର ଗୁଣବତ୍ତା ବନାମ ଜନଅସନ୍ତୋଷ। ଡିଜି ସ୍ପଷ୍ଟ କରିଛନ୍ତି ଯେ ତଦନ୍ତକୁ ନିଖୁଣ ଓ ପ୍ରମାଣଭିତ୍ତିକ କରିବା ପାଇଁ ସମୟ ଲାଗୁଛି। ଯେପରି ଚାର୍ଜସିଟ୍ ଦାଖଲ ପରେ ବିଚାର ସମୟରେ କୋର୍ଟରେ କୌଣସି ପ୍ରଶ୍ନ ନ ଉଠେ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଅନ୍ୟପଟେ ଲୋକଙ୍କ ମଧ୍ୟରେ ଥିବା ଆକ୍ରୋଶ ଓ ତୁରନ୍ତ ନ୍ୟାୟ ଦାବି ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି କାମ କରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ସେହିପରି ଦ୍ୱିତୀୟ ଚ୍ୟାଲେଞ୍ଜ ଅଭିଯୁକ୍ତଙ୍କୁ ଗିରଫ କରିବା। ଭିଡିଓରୁ ଚିହ୍ନଟ କରିବା କେବଳ ପ୍ରଥମ ପଦକ୍ଷେପ। ଯଦି ଅଭିଯୁକ୍ତମାନେ ଫରାର ଅଛନ୍ତି, ରାଜ୍ୟ ବାହାରକୁ ପଳାଇଛନ୍ତି କିମ୍ବା ସ୍ଥାନୀୟ ସ୍ତରରେ କାହାର ସହଯୋଗ ପାଉଛନ୍ତି, ତେବେ ସେମାନଙ୍କୁ ଖୋଜି ବାହାର କରିବା ଓ ଗିରଫ କରିବା ପାଇଁ ବ୍ୟାପକ ସମନ୍ୱୟର ଆବଶ୍ୟକତା ରହିଛି। ତୃତୀୟ ଚ୍ୟାଲେଞ୍ଜ ପରିବାରର ଦାବି ଓ ସୀମିତ ତଦନ୍ତ ପରିସର। ଡିଜି କହିଛନ୍ତି ଯେ ପରିବାରର ଅଭିଯୋଗ କ୍ରାଇମବ୍ରାଞ୍ଚର ପରିସରଭୁକ୍ତ ନୁହେଁ। ଏହି ନିଷ୍ପତ୍ତି ଯୋଗୁଁ ଆଗକୁ ପୀଡ଼ିତ ପରିବାର ଓ ତଦନ୍ତକାରୀ ସଂସ୍ଥା ମଧ୍ୟରେ ଅସନ୍ତୋଷ ବଢ଼ିବାର ସମ୍ଭାବନା ରହିଛି। ଏହା ମାମଲାକୁ ଆଇନଗତ ଭାବେ ଜଟିଳ କରିପାରେ। ଦୁଇଟି ସଂସ୍ଥାର ସମାନ୍ତରାଳ ତଦନ୍ତ କ୍ରାଇମବ୍ରାଞ୍ଚ ପାଇଁ ଅନ୍ୟତମ ଚ୍ୟାଲେଞ୍ଜ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଅପରାଧିକ ମାମଲାର ତଦନ୍ତ କରୁଥିବା ବେଳେ କମିଶନରେଟ୍ ପୁଲିସ ନିଜ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଯାଞ୍ଚ କରୁଛି। ଦୁଇଟିଯାକ ତଦନ୍ତ ପ୍ରକ୍ରିୟା ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା କରିବା ଓ କୌଣସି ପ୍ରମାଣ ନଷ୍ଟ ନ ହେବା ସୁନିଶ୍ଚିତ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ।

# କଟକ ପରେ ମାଲକାନଗିରିରେ ପେଟ୍ରୋଲ ଅଭାବ ନେଲା ଜୀବନ



ମାଲକାନଗିରି,୧୮।୫(ସଂଚାର ବ୍ୟୁରୋ)ଃ ଡାକ୍ତରଖାନା ଆସୁଥିବା ସମୟରେ ବାଟରେ ବାଇକ୍‌ରୁ ପେଟ୍ରୋଲ୍ ସରିଯିବା ଫଳରେ ଏକ ନିରୀହ ଜୀବନ ଝଡ଼ିପଡ଼ିଛି। ବାଇକରୁ ପେଟ୍ରୋଲ ସରିଯିବା ପରେ ଆଖପାଖରେ ଆଉ ପେଟ୍ରୋଲ୍ ମିଳିଲା ନାହିଁ। ଫଳରେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଚାଲିଯାଇଛି ଜଣେ ରୋଗୀଙ୍କ ଜୀବନ। ଏହି ଘଟଣାକୁ ନେଇ କାନ୍ଦବୋବାଳିରେ ଫାଟି ପଡୁଛି ମେଡିକାଲ ପରିସର। ଏପରି ଏକ ଦୁଃଖଦ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁରେ। ମିଳିଥିବା ସୂଚନାନୁସାରେ, ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁର ବସନ୍ତ ଖିଲ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢ଼ିଥିଲେ। ହେଲେ କୌଣସି କାରଣରୁ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ବାଇକ୍ ଯୋଗେ ଡାକ୍ତରଖାନା ଆଣୁଥିଲେ। ହେଲେ ଅଧା ବାଟରେ ବାଇକ୍‌ରୁ ପେଟ୍ରୋଲ ସରିଯାଇଥିଲା। ନିକଟରେ ପେଟ୍ରୋଲ କିଣିବା ପାଇ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ ହେଁ ପେଟ୍ରୋଲ ପାଇନଥିଲେ। କୌଣସି ଉପାୟ ନ ପାଇ ସେମାନେ ଅଧା ରାସ୍ତାରେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଫୋନ୍ କଲ୍ ପାଇବାର କିଛି ସମୟ ପରେ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ବସନ୍ତଙ୍କୁ ମାଥିଲି ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ମାଥିଲି ଡାକ୍ତର ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ହେଲେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପେଟ୍ରୋଲ୍ ସରିଯିବାରୁ ବସନ୍ତଙ୍କୁ ସଠିକ୍ ସମୟରେ ହସ୍ପିଟାଲ୍‌ରେ ପହଞ୍ଚାଯାଇପାରିଲା ନାହିଁ। ନଚେତ୍ ହୁଏତ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି।

# ଲେବର ରୁମ୍‌ରେ ନିଆଁ, ଧୂଆଁ ଦେଖି ଦୌଡ଼ିଲେ ରୋଗୀ

ଅନୁଗୋଳ ୧୮।୫(ସଂଚାର ବ୍ୟୁରୋ)ଃ ଅନୁଗୋଳ ମେଡିକାଲରେ ନିଆଁ । ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଧୂଆଁ ବାହାରିବା ପରେ ରୋଗୀ ଛାନିଆ । ହସ୍ପିଟାଲରେ ଧୂଆଁ ଦେଖି ରୋଗୀ ଏବଂ ସମ୍ପର୍କୀୟ ମାନେ ଧାଁ ଦୌଡ଼ କରିବାକୁ ଲାଗିଥିଲେ । ମେଡିକାଲର ପ୍ରଥମ ମହଲାରେ ଥିବା ଲେବର ରୁମ୍ରେ ଲାଗିଥିବା ଏସିରେ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିବା ଜଣାପଡିବା ପରେ ରୋଗୀଙ୍କ ମଧ୍ୟରେ ଛନକା ପଶିଥିଲା । ରୋଗୀ ମାନେ ଦୌଡ଼ିବାକୁ ଲାଗିଥିଲେ । କିନ୍ତୁ ସଂଗେ ସଂଗେ ଉପସ୍ଥିତ ଥିବା ଲୋକ ନିଆଁ ଲିଭାଇ ଦେଇଥିବା ସୂଚନା ରହିଛି । କିନ୍ତୁ ରୋଗୀ ଏବଂ ସମ୍ପର୍କୀୟ ମାନେ ଧାଁ ଦୌଡ଼ କରିଥିବା ଦେଖିବାକୁ ମିଳିଥିଲା । ତେବେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି ।



## ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ମୁଣ୍ଡ କାଟିବା ମାମଲା

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ



ପାରଳାଖେମୁଣ୍ଡି,୧୮।୫(ସଂଚାର ବ୍ୟୁରୋ)ଃ ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ସାରା ଗ୍ରାମର ଗତ ୨୦୨୩ର ବହୁଚର୍ଚ୍ଚିତ ବୀଭତ୍ସ ହତ୍ୟାକାଣ୍ଡ ମାମଲାର ଶୁଣାଣି କରି ଆଜି ଜିଲ୍ଲା ଦୌରା ଜଜ ଜଗଦୀଶ ପ୍ରସାଦ ମହାନ୍ତି ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରେ କାଶୀନଗର ଥାନା ଅନ୍ତର୍ଗତ ସାରା ଗ୍ରାମର ଚନ୍ଦ୍ରଶେଖର କାର୍ଜି ଓରଫ ମୁନା (୩୯)କୁ ଧାରା ୩୦୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଯାଇଛି। ସେହିପରି ପ୍ରମାଣ ନଷ୍ଟ କରିବା ଅପରାଧରେ ଧାରା ୨୦୧ ଅନୁଯାୟୀ ଦୁଇ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ସକାଶେ ମଧ୍ୟ ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ମୁନାକୁ ଅତିରିକ୍ତ ଦୁଇ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନ୍ୟାୟାଧୀଶ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ମାମଲାର ପରିଚାଳନା କରିଥିଲେ। ତାଙ୍କୁ ଏଥିରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍. ଲୋକନାଦମ ଓ ଗୌରହରି କରସୁଧା ପଟ୍ଟନାୟକ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୨୩ ମେ' ୨୫ରେ ଏତଲାକାରୀ ଯୁବରାଜ ସାହୁ (୬୦) ନିଜ ଜମିକୁ ଯାଇଥିବା ବେଳେ ତାଙ୍କ ଝିଅ ଲାବନ୍ୟା ଘର ଆଗରେ ବସିଥିଲେ। ସେତେବେଳେ ଅଭିଯୁକ୍ତ ମୁନା ଗୋଟିଏ ବ୍ୟାଗ ଆଣି ଲାବନ୍ୟାଙ୍କ ସମ୍ମୁଖରେ ରଖି ବ୍ୟାଗ ଖୋଲିବାକୁ କହିଥିଲେ। ବ୍ୟାଗ ଖୋଲିବା ପରେ ସେଥିରେ ଗୋଟିଏ କଟା ମୁଣ୍ଡ ଦେଖି ଲାବନ୍ୟା ଛାନିଆ ହୋଇଯାଇଥିଲେ। ପରେ ଜଣାପଡ଼ିଥିଲା ଯେ ଉକ୍ତ କଟାମୁଣ୍ଡଟି ମୁନାର ସ୍ତ୍ରୀ ଉର୍ମିଳା କାର୍ଜିଙ୍କର ଥିଲା। କଟାମୁଣ୍ଡ ଦେଖି ଲାବନ୍ୟା ଚିତ୍କାର କରିବାରୁ ଗ୍ରାମବାସୀମାନେ ଏକାଠି ହୋଇ ମୁନାଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ଅଭିଯୁକ୍ତ ମୁନା ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ଟାଙ୍ଗିଆ ଓ ବ୍ୟାଗକୁ ଲୁଚାଇ ଦେଇଥିବା ବେଳେ ପରେ ପୁଲିସ ହେପାଜତରେ ନିଜ ଦୋଷ ସ୍ୱୀକାର କରି ଲୁଚାଇଥିବା ରକ୍ତଲଗା ଟାଙ୍ଗିଆ ଦେଖାଇଥିଲା।

ପୁଲିସ କାଶୀନଗର ଥାନାରେ ଏନେଇ ୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତତ୍କାଳୀନ ସବ୍-ଇନ୍ସପେକ୍ଟର ସିନ୍ଧୁ ସାରକା ମାମଲାର ତଦନ୍ତ କରି ଅଭିଯୁକ୍ତକୁ କୋର୍ଟକୁ ଚାଲାଣ କରିଥିଲେ। ଏହି ମାମଲାରେ ୨୦ ଜଣ ସାକ୍ଷୀଙ୍କ ବଳିଷ୍ଠ ସାକ୍ଷ୍ୟ ଓ ଦଲିଲପତ୍ରକୁ ଆଧାର କରି ନ୍ୟାୟାଳୟ ଉପରୋକ୍ତ ରାୟ ଦେଇଛନ୍ତି।

# ବିକଶିତ ଓଡ଼ିଶା ଗଠନ ରୋଡ୍‌ମ୍ୟାପ ନେଇ ୫ ପରାମର୍ଶ



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ)ଃ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ବିଜେପିର କୋର କମିଟି ବୈଠକରେ ସଙ୍ଗଠନ ଆଉ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛନ୍ତି। ତୃଣମୂଳ ସ୍ତରରେ ଦଳ କିଭଳି ମଜବୁତ ହେବ, ସେନେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ କୋର କମିଟି ସଦସ୍ୟଙ୍କ ମତାମତ ବି ନେଇଛନ୍ତି। ସରକାର ଆଉ ସଂଗଠନ କିଭଳି ସମାନ୍ତରାଳ ଭାବେ ଆଗକୁ ବଢ଼ିବ ତା' ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ସମୃଦ୍ଧ ଓଡ଼ିଶା ଗଠନରେ ପ୍ରାଧାନ୍ୟ ଦେବା ସହ ସଂଗଠନ କିପରି ଶକ୍ତିଶାଳୀ ହେବ, ସେନେଇ ସେ କୋର କମିଟି ସଦସ୍ୟଙ୍କ ସହ ମାନସ ମନ୍ଥନ କରିଛନ୍ତି। ସରକାର କିପରି ଆହୁରି ନିଖୁଣତାର ସହ ଲୋକଙ୍କ ପାଖେ ପହଞ୍ଚିବ ଓ ସରକାରୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚିବ ତାକୁ ଗୁରୁତ୍ୱ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାକି ଥିବା ସରକାରୀ ନିଯୁକ୍ତି ପ୍ରସଙ୍ଗ ଶେଷ ସୋପାନରେ ଅଛି ଏବଂ ସମ୍ଭବତଃ ଚଳିତ ମାସ ଶେଷ ସୁଦ୍ଧା ସେସବୁ ଘୋଷଣା ହୋଇଯିବ। ପଞ୍ଚାୟତ ନିର୍ବାଚନକୁ ବିଳମ୍ବ ଥିଲେ ବି ଏହା ପୂର୍ବରୁ ସମାଜର ଶେଷ ବର୍ଗର ଲୋକଙ୍କ ପାଖରେ କିଭଳି ଯୋଜନା ପହଞ୍ଚିବ ସେନେଇ ରୂପରେଖ ପ୍ରସ୍ତୁତ କରାଯାଇଛି। ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡ ମ୍ୟାପ ନେଇ ୫ଟି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ। ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରଖିବା, ସଂଗଠନ ମଜବୁତକୁ ଅଧିକ ଫୋକସ୍, ପ୍ରତିଟି କର୍ମକର୍ତ୍ତାଙ୍କୁ ଗୁରୁତ୍ୱ ଦେଇ ସଂଗଠନର କାର୍ଯ୍ୟ ତଦାରଖ, ଜନତାଙ୍କ ପାଖରେ ସରକାରଙ୍କ ଗ୍ରହଣୀୟତା ଉଦ୍ୟମ ଓ ଗ୍ରାଉଣ୍ଡରେ ସରକାରଙ୍କ ଯୋଜନା ପହଞ୍ଚାଇବାକୁ ଅଧିକ ଫୋକସରେ ରଖିବାକୁ ସେ କହିଛନ୍ତି। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଯୋଗ ଦେଇଥିଲେ। ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ସାଂସଦ ପ୍ରତାପ ଷଡ଼ଙ୍ଗୀ, ସମ୍ବିତ ପାତ୍ର ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଇନଷ୍ଟାଗ୍ରାମ ହେଉଛି 'ଝିଅମାନଙ୍କ ପାଇଁ'

## ମସ୍କଙ୍କ ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ହଙ୍ଗାମା

ନୂଆଦିଲ୍ଲୀ, ୧୮।୫ଃ ଟେକ୍ ଜଗତର ସବୁଠାରୁ ଚର୍ଚ୍ଚିତ ବିଲିୟନେୟାର ତଥା 'ଏକ୍ସ'ର ମାଲିକ ଏଲନ ମସ୍କ ପୁଣିଥରେ ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ମାର୍କ ଜୁକରବର୍ଗଙ୍କ ମେଟା କମ୍ପାନୀର ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମକୁ ନେଇ ମସ୍କ ଏକ ଆପତ୍ତିଜନକ ଟିପ୍ପଣୀ କରିଛନ୍ତି, ଯାହାକୁ ନେଇ ଇଣ୍ଟରନେଟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ଜୀବନଶୈଳୀ ଓ ଅଭ୍ୟାସକୁ ନେଇ ଚାଲିଥିବା ଏକ ଭାଇରାଲ ଆଲୋଚନାରେ ଭାଗ ନେଇ ମସ୍କ କେବଳ ତିନୋଟି ଶବ୍ଦ ଲେଖିଥିଲେ-"ଇନଷ୍ଟାଗ୍ରାମ ହେଉଛି ଝିଅମାନଙ୍କ ପାଇଁ"। ଏତିକିରେ ସେ ଅଟକି ନଥିଲେ, ବିବାଦ ବଢ଼ିବା ପରେ ସେ ଆଉ ଏକ ପୋଷ୍ଟ କରି ଲେଖିଥିଲେ, "କେବେ କେବେ ବୟସ୍କ ପୁରୁଷମାନେ ମତେ ସେମାନଙ୍କର ଇନଷ୍ଟାଗ୍ରାମ ପ୍ରୋଫାଇଲ୍ ପଠାନ୍ତି, ସେତେବେଳେ ମତେ ଲାଗେ ଯେ ସେମାନେ ନିଜର ଜେଣ୍ଡର ବଦଳାଉଛନ୍ତି (Transitioning) କି କ'ଣ ?"



ମସ୍କଙ୍କ ଏହି ମନ୍ତବ୍ୟ ସାମ୍ନାକୁ ଆସିବା ପରେ ଅନେକ ୟୁଜର୍ସ ତାଙ୍କୁ ସମାଲୋଚନା କରିଛନ୍ତି। ନେଟିଜେନ୍ସ ଏହାକୁ ସେକ୍ସିଷ୍ଟ (ଲିଙ୍ଗଗତ ବୈଷମ୍ୟମୂଳକ) ଏବଂ ମହିଳା ବିରୋଧୀ ମାନସିକତା ବୋଲି ଅଭିହିତ କରିଛନ୍ତି। କିଛି ବ୍ୟବହାରକାରୀ ମସ୍କଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଇନଷ୍ଟାଗ୍ରାମରେ ସମସ୍ତେ ସକ୍ରିୟ ଥିବାବେଳେ ଏଭଳି ରୁଢ଼ିବାଦୀ ଚିନ୍ତାଧାରା ରଖିବା ଜଣେ ବଡ଼ ଟେକ୍ ଲିଡରଙ୍କୁ ଶୋଭା ପାଏନାହିଁ। ଅନ୍ୟପଟେ କିଛି ମହିଳା ୟୁଜର ଲେଖିଛନ୍ତି ଯେ ସେମାନେ ଝିଅ ହୋଇ ମଧ୍ୟ ଦିନସାରା ଏକ୍ସ (X) ବ୍ୟବହାର କରନ୍ତି। ତେବେ ଏହାକୁ ନେଇ ଏକ୍ସପର୍ଟମାନେ ଭିନ୍ନ ମତ ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ, ଏହା ମସ୍କଙ୍କର ଏକ ବ୍ୟବସାୟିକ ରଣନୀତି କିମ୍ବା 'ରେଜ୍-ବେଟିଂ' (Rage-baiting) ର ଅଂଶ ହୋଇପାରେ। ଏଠାରେ ସେ ନିଜ ପ୍ଲାଟଫର୍ମ 'ଏକ୍ସ'କୁ ଅଧିକ ଗମ୍ଭୀର ଓ ସ୍ୱଚ୍ଛ ଦର୍ଶାଇବା ପାଇଁ ମେଟାର ଆପଗୁଡ଼ିକୁ ସର୍ବଦା ସମାଲୋଚନା କରିଥାନ୍ତି ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଭୁବନେଶ୍ୱରରେ ନୂତନ କାର୍ଯ୍ୟାଳୟ ଖୋଲିବ 'ସେବି'

ଭୁବନେଶ୍ୱର,୧୮।୫ଃ ପୁଞ୍ଜି ବଜାରର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ ଯାଉଛି। ଆଜି ଏଥିପାଇଁ ଭଡ଼ା ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ଛୋଟ କାର୍ଯ୍ୟାଳୟ ଆରମ୍ଭ ହେବ। ପୂର୍ବରୁ ସେବିର ମୁମ୍ବାଇ ଓ କୋଲକାତା କାର୍ଯ୍ୟାଳୟ ଜରିଆରେ କରାଯାଉଥିବା କାମଗୁଡ଼ିକୁ ଆଗକୁ ଭୁବନେଶ୍ୱରରୁ କରାଯିବ। ଏଥି ସହିତ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ କହିଛନ୍ତି।



ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ୍ସ ଇନ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ଆୟୋଜିତ ଆଞ୍ଚଳିକ ନିବେଶକ ସଚେତନତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡେ ମୁନସିପାଲିଟି ବଣ୍ଡର ବଢ଼ୁଥିବା ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ମୁନିସପାଲିଟିଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହ କରିବାର ଏହି ବ୍ୟବସ୍ଥାକୁ ଓଡ଼ିଶା ଗମ୍ଭୀରତାର ସହ ଗ୍ରହଣ କରିବା ଦରକାର ବୋଲି ସେ କହିଥିଲେ। ସେ କହିଲେ, ବର୍ତ୍ତମାନ ସୁଦ୍ଧା ଦେଶର ୨୨ଟି ସହରାଞ୍ଚଳ ପୌର ସଂସ୍ଥା ୩୩ ମୁନସିପାଲିଟି ବଣ୍ଡ ଜାରି କରି ୪୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁନସିପାଲିଟିଗୁଡ଼ିକ ଏହି ବଣ୍ଡ୍ ଜାରି କରିଛନ୍ତି। ଓଡ଼ିଶା ମଧ୍ୟ ସେଥିରେ ସାମିଲ ହୋଇ ସେହି ବଣ୍ଡ୍‌ର ଲାଭ ହାସଲ କରିବା ଉଚିତ୍। ଦ୍ରୁତ ଗତିରେ ବଢ଼ୁଥିବା ସହରାଞ୍ଚଳ ବିକାଶ ପାଇଁ ପାଣ୍ଠି ଆବଶ୍ୟକତା ପୂରଣ କରିବାରେ ଏହି ବଣ୍ଡ୍ ସହାୟକ ହୋଇପାରିବ। କେନ୍ଦ୍ର ସରକାର ଏହି ବଣ୍ଡ୍ ଉପରେ ଅନୁଦାନ ଆକାରରେ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡେ କହିଥିଲେ।

ଦେଶର ମ୍ୟୁଚୁଆଲ୍ ଫଣ୍ଡ୍ ବଜାର ସମ୍ପର୍କରେ ସେ କହିଥିଲେ ଯେ ୨୦୧୫-୧୬ରେ ଏହାର ଆକାର ୧୨ ଲକ୍ଷ କୋଟି ଟଙ୍କା ଥିଲା ଯାହା ବର୍ତ୍ତମାନ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେଥି ପ୍ରତି ଓଡ଼ିଶାର ଅବଦାନ ପ୍ରାୟ ୭୧ ହଜାର କୋଟି ଟଙ୍କା ରହିଛି ଯାହା ଜାତୀୟ ବଜାରର ୧ ପ୍ରତିଶତରୁ ମଧ୍ୟ କମ୍। ଦେଶର ଅର୍ଥନୀତି ପ୍ରତି ଓଡ଼ିଶାର ଅବଦାନ ୩ ପ୍ରତିଶତ ପାଖାପାଖି ରହିଛି। ମ୍ୟୁଚୁଆଲ୍ ଫଣ୍ଡ୍ ବଜାରର ଅବଦାନ ଅନ୍ତତଃ ୩ ପ୍ରତିଶତକୁ ବୃଦ୍ଧି ପାଇବା ଦରକାର ବୋଲି ସେ କହିଥିଲେ। ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ୍ ପ୍ଲାନ୍ (ଏସ୍ଆଇପି)ର ମାସିକ ଅଭିବୃଦ୍ଧିରେ ଓଡ଼ିଶା ବଜାର ସାରା ଦେଶରେ ଅଗ୍ରଣୀ ସ୍ଥାନରେ ଥିବା ସେ ସୂଚନା ଦେଇଥିଲେ।

ଦେଶର ପୁଞ୍ଜି ବଜାର ଆକାର ଉପରେ ଆଲୋକପାତ କରି ସେ କହିଥିଲେ ଯେ ୨୦୧୫-୧୬ ଆର୍ଥିକ ବର୍ଷରେ ମୋଟ୍ ବଜାର ପୁଞ୍ଜି ପରିମାଣ ୯୫ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୫-୨୬ରେ ତାହା ୪୬୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ସମୟ ଭିତରେ ସ୍ୱତନ୍ତ୍ର ନିବେଶକଙ୍କ ସଂଖ୍ୟା ୩.୮ କୋଟିରୁ ବୃଦ୍ଧି ପାଇ ୧୪.୫ କୋଟି ହୋଇଛି। ୨୦୨୫-୨୬ରେ ଭାରତରେ ୩୬୬ଟି ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜାରି କରି ୧.୯ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ସର୍ବାଧିକ ଆଇପିଓ ଜାରି କରିବାରେ ଭାରତ ସାରା ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ଏହି ଅବସରରେ ଏଏମ୍ଏଫ୍ଆଇର ସିଇଓ ଭେଙ୍କଟ ଏନ୍ ଚାଲାସାନି, ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଓ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବି ବି ରମଣା ବକ୍ତବ୍ୟ ରଖିଥିଲେ।

### ଭାରତୀୟ ଶେୟାର ବଜାରରୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର

# ମେ'ରେ ୨୭,୦୦୦ କୋଟି ଟାଣି ନେଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ,୧୮।୫ଃ ବୈଶ୍ୱିକ ଅର୍ଥନୈତିକ ଅନିଶ୍ଚିତତା ଏବଂ ଭୂ-ରାଜନୈତିକ ତିକ୍ତତା ମଧ୍ୟରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ମାନେ ଭାରତୀୟ ସେୟାର ବଜାରରୁ କ୍ରମାଗତ ଭାବେ ନିଜର ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ଚଳିତ ମେ (୨୦୨୬) ମାସରେ ଏପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୨୭,୦୪୮ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏହି ସ୍ୱଳ୍ପକାଳୀନ ବିକ୍ରି ପ୍ରକ୍ରିୟା ସହିତ, ୨୦୨୬ ରେ ବର୍ତ୍ତମାନ ସୁଦ୍ଧା ମୋଟ ପୁଞ୍ଜି ପ୍ରତ୍ୟାହାର ୨.୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିସାରିଛି। ଏହି ସଂଖ୍ୟା ଗତ ସମ୍ପୂର୍ଣ୍ଣ ୨୦୨୫ ବର୍ଷର ମୋଟ ଶେୟାର ବିକ୍ରି (୧.୬୬ ଲକ୍ଷ କୋଟି ଟଙ୍କା) ତୁଳନାରେ ଯଥେଷ୍ଟ ଅଧିକ। ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ (ଏନଏସଡିଏଲ)ର ତଥ୍ୟ ଅନୁଯାୟୀ, ୨୦୨୬ ମସିହାରେ କେବଳ ଫେବୃଆରୀ ମାସକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମାସରେ ବିଦେଶୀ ନିବେଶକମାନେ ନେଟ୍ ବିକ୍ରେତା ସାଜିଛନ୍ତି।

ଜାନୁଆରୀରେ ୩୫,୯୬୨ କୋଟି ଟଙ୍କାର ସେୟାର ବିକ୍ରି ହୋଇଥିଲା। ଫେବୃଆରୀରେ ବଜାରରେ ସକାରାତ୍ମକ ପରିବର୍ତ୍ତନ ଆସିଥିଲା ଏବଂ ଗତ ୧୭ ମାସର ସର୍ବାଧିକ ୨୨,୬୧୫ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିଲା। ମାର୍ଚ୍ଚରେ ଏହି ମାସରେ ରେକର୍ଡ ସ୍ତରରେ ୧.୧୭ ଲକ୍ଷ କୋଟି ଟଙ୍କା ବଜାରରୁ ପ୍ରତ୍ୟାହାର କରାଯାଇଥିଲା। ଅପ୍ରେଲରେ ଏହି ମାସରେ ବି ବିକ୍ରିର ଧାରା ଜାରି ରହିବା ସହ ୬୦,୮୪୭ କୋଟି ଟଙ୍କା ଉଠାଇ ନିଆଯାଇଥିଲା। ସେହିପରି ମେରେ ବର୍ତ୍ତମାନ ସୁଦ୍ଧା ୨୭,୦୦୦ କୋଟିରୁ ଅଧିକ ଟଙ୍କାର ଆଉଟ୍‌ଫ୍ଲୋ ଦେଖିବାକୁ ମିଳିଛି। ଆର୍ଥିକ ବିଶେଷଜ୍ଞମାନଙ୍କ ମତରେ ଏହି ବଡ଼ ଧରଣର ବିକ୍ରି ପଛରେ କିଛି ପ୍ରମୁଖ ବୈଶ୍ୱିକ କାରଣ ହେଉଛି, ବିଶ୍ୱ ଅଭିବୃଦ୍ଧିକୁ ନେଇ ଆଶଙ୍କା ଏବଂ ଅଶୋଧିତ ତୈଳ ମୂଲ୍ୟରେ ଅସ୍ଥିରତା ଯୋଗୁଁ ନିବେଶକମାନେ ଭାରତ ପରି ବିକାଶଶୀଳ ବଜାରରୁ ଦୂରେଇ ରହୁଛନ୍ତି। ମଜବୁତ ଡଲାର ଓ ୟୁଏସ୍ ବଣ୍ଡ୍ ୟିଲ୍ଡଃ ଆମେରିକୀୟ ଡଲାରର ଶକ୍ତିଶାଳୀ ସ୍ଥିତି ଏବଂ ବଣ୍ଡ୍ ୟିଲ୍ଡ ବୃଦ୍ଧି ପାଇବା ଫଳରେ ବିକଶିତ ବଜାରଗୁଡ଼ିକ ସୁରକ୍ଷିତ ଏବଂ ଅଧିକ ଆକର୍ଷଣୀୟ ମନେହେଉଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଡ଼କୁ ଆକର୍ଷଣଃ ବର୍ତ୍ତମାନ ବିଶ୍ୱସ୍ତରରେ ଏଆଇ କମ୍ପାନୀଗୁଡ଼ିକରେ ବଡ଼ ନିବେଶ ହେଉଛି। ତେଣୁ ତାଇୱାନ ଓ ଦକ୍ଷିଣ କୋରିଆ ଭଳି ପ୍ରଯୁକ୍ତିବିଦ୍ୟାରେ ଆଗୁଆ ଥିବା ବଜାର ଆଡ଼କୁ ପାଣ୍ଠି ଡାଇଭର୍ଟ ହେଉଛି, ଯେଉଁଥିପାଇଁ ଭାରତ ଭଳି ଦେଶ ପ୍ରଭାବିତ ହେଉଛନ୍ତି। କ୍ରମାଗତ ବିକ୍ରି ଏବଂ ଚାଲୁ ଖାତା ନିଅଣ୍ଟ ବୃଦ୍ଧି ଯୋଗୁ ଭାରତୀୟ ଟଙ୍କା ଉପରେ ପ୍ରବଳ ଚାପ ପଡ଼ିଛି। ବର୍ଷ ଆରମ୍ଭରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୯୦ ସ୍ତରରେ ଥିବାବେଳେ, ମେ ୧୫ ସୁଦ୍ଧା ଏହା ରେକର୍ଡ ହ୍ରାସ ପାଇ ୯୬.୧୪ ରେ ପହଞ୍ଚିଛି। ତେବେ ଏହି ବ୍ୟାପକ ବିକ୍ରି ସତ୍ତ୍ୱେ, ବିଦେଶୀ ନିବେଶକମାନେ ସମ୍ପୂର୍ଣ୍ଣ ଭାବେ ଭାରତୀୟ ବଜାର ଛାଡ଼ି ନାହାନ୍ତି। ସେମାନେ ଭାରତର ପାୱାର, କନ୍ସଟ୍ରକ୍ସନ ଏବଂ କ୍ୟାପିଟାଲ ଗୁଡ୍ସ ଭଳି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ସେକ୍ଟର ପ୍ରତି ଏବେ ମଧ ଆଗ୍ରହ ପ୍ରକାଶ କରୁଛନ୍ତି।



# କିଟ୍‌କାଟ୍ ପାଇଁ ଭାରତ ଏବେ ନେସ୍‌ଲେର ସବୁଠୁ ବଡ ବଜାର

ନୂଆଦିଲ୍ଲୀ,୧୮।୫ଃ ସ୍ୱିସ୍ ଫୁଡ ଆଣ୍ଡ କନଫେକ୍ସନାରୀ କମ୍ପାନୀ ନେସ୍‌ଲେର ଲୋକପ୍ରିୟ ଚକୋଲେଟ ବ୍ରାଣ୍ଡ କିଟକାଟ୍ ପାଇଁ ଭାରତ ଏବେ ବିଶ୍ୱର ସବୁଠୁ ବଡ଼ ବଜାର ପାଲଟିଛି। କମ୍ପାନୀ ଅନୁସାରେ ମଜଭୁତ ଉପଭୋକ୍ତା ଚାହିଦା, ନୂଆ ପ୍ରଡକ୍ଟ ଲଞ୍ଚ ଓ ଆକ୍ରାମକ ମାର୍କେଟିଂ ରଣନୀତି କାରଣରୁ ଭାରତ ଏହି ଉପଲବ୍ଧି ହାସଲ କରିଛି। କିଟକାଟ୍ ବିଶ୍ୱର ୮୫ଟି ଦେଶରେ ବିକ୍ରି ହେଉଛି ତେବେ ଏହାର ସବୁଠୁ ଅଧିକ ବିକ୍ରି ଭାରତରେ ହେଉଛି।

ଗତ୨-୩ ବର୍ଷ ପର୍ଯ୍ୟନ୍ତ ଭାରତ କିଟକାଟ୍ ଲାଗି ବିଶ୍ୱର ବିଶ୍ୱର ଦ୍ୱିତୀୟ ବଡ଼ ବଜାର ଥିଲା ହେଲେ ଏବେ ଭାରତ ସବୁ ଦେଶକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛି। ନେସ୍‌ଲେ ଇଣ୍ଡିଆର ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର ମନିଷ ତିୱାରୀ କହିଛନ୍ତି ଯେ ଗତ କିଛି ବର୍ଷ ହେଲା କିଟକାଟ୍ ର ବଜାର ଭାଗିଦାରୀ ଦ୍ରୁତ ବଢ଼ିଛି ଓ ଏବେ ଭାରତ ସବୁଠୁ ବଡ଼ ବଜାର ପାଲଟିଛି। ନେସ୍‌ଲେ ପୋର୍ଟଫୋଲିଓରେ ମ୍ୟାଗି ପରେ କିଟକାଟ୍ ଏପରି ଦ୍ୱିତୀୟ ବ୍ରାଣ୍ଡରେ ପରିଣତ ହୋଇଛି ଯାହା ପାଇଁ ଭାରତ ସବୁଠୁ ବଡ଼ ବଜାର। ପ୍ରାୟ ୧୦ ବର୍ଷ ପୂର୍ବେ ଭାରତ କିଟକାଟ୍ ଲାଗି ବିଶ୍ୱର ୧୦ମ ସ୍ଥାନରେ ଥିଲା। ହେଲେ ଏବେ ଏହାର ଲୋକପ୍ରିୟତାରେ ଦ୍ରୁତ ବୃଦ୍ଧି ହୋଇଛି। ନେସ୍‌ଲେ ଇଣ୍ଡିଆର କନଫେକ୍ସନାରୀ ଓ ସିରିୟେଲସ୍ ଡାଇରେକ୍ଟର ଜଗଦିଶନ ଗୋପିଚନ୍ଦର କହିଛନ୍ତି ଯେ କମ୍ପାନୀ ଅଲଗା ଅଲଗା ଗ୍ରାହକଙ୍କୁ ଧ୍ୟାନରେ ରଖି ଅନେକ ନୂଆ ପ୍ରଡକ୍ଟ ଲଞ୍ଚ କରିଛି। ଏଣୁ କିଟକାଟ୍ ର ଚାହିଦା ବଢ଼ିଛି। କମ୍ପାନୀ ଗିଫ୍ଟିଂ ସେଗମେଣ୍ଟ ଲାଗି କିଟକାଟ୍ ସେଲିବ୍ରେକ୍, ଛୋଟ ସ୍ନାକ୍ସ ବିକଳ୍ପ ଲାଗି କିଟକାଟ୍ ପପସ, ପ୍ରିମିୟମ ରେଞ୍ଜରେ କିଟକାଟ୍ ଡିଲାଇଟ୍ ଭଳି ନୂଆ ପ୍ରଡକ୍ଟ ଉପସ୍ଥାପନ କରିଛି। ଏହା ଛଡା ସଲ୍ଟେଡ କାରାମେଲ, ହେଜେଲନଟ, କିଟକାଟ୍ ଡୁଓ, ଲେମନ ଆଣ୍ଡ ଲାଇମ ଭଳି ନୂଆ ଫ୍ଲେଭର ଲଞ୍ଚ କରିଛି।



ନେସ୍‌ଲେ ଇଣ୍ଡିଆ ବ୍ରାଣ୍ଡକୁ ମଜଭୁତ କରିବା ପାଇଁ ବିଜ୍ଞାପନ ଓ ମାର୍କେଟିଂ ଉପରେ ମଧ୍ୟ ବିପୁଳ ନିବେଶ କରିଛି। କମ୍ପାନୀ କ୍ୟାମ୍ପେନ ଓ ପାର୍ଟନରସିପ୍ ମାଧ୍ୟମରେ ଗ୍ରାହକଙ୍କୁ ଯୋଡିବାର ଉଦ୍ୟମ କରିଛି। ଏହାଛା କମ୍ପାନୀର ଗ୍ଲାସଡୋର ରେଫ୍ରିଜେରେଟର ପ୍ରୋଗ୍ରାମ ଦେଶର ସହର ଓ ଗ୍ରାମୀଣ ବଜାରରେ ବିକ୍ରି ବଢାଇବାରେ ସହାୟକ ହୋଇଛି। ନେସ୍‌ଲେ ଇଣ୍ଡିଆ ୨୦୨୫ ବାର୍ଷିକ ରିପୋର୍ଟରେ କମ୍ପାନୀ ଭାରତରେ ୩୯୫କୋଟି କିଟକାଟ୍ ଫିଙ୍ଗର୍ସ ବିକ୍ରି କରିଥିବା ସୂଚିତ କରିଛି। କମ୍ପାନୀର କହିବା କଥା ହେଉଛି ସେ ବଜାର ଭାଗିଦାରୀକୁ ଦୁଇଗୁଣ କରିପାରିଛି।

# ଡଲାର ତୁଳନାରେ ସର୍ବକାଳୀନ ସ୍ତର ୯୬.୨୦କୁ ଖସିଲା ଭାରତୀୟ ଟଙ୍କା

ମୁମ୍ବାଇ, ୧୮।୫ଃ ବିଶ୍ୱବ୍ୟାପୀ ଜାରି ରହିଥିବା ଅର୍ଥନୈତିକ ଅସ୍ଥିରତା ଏବଂ କ୍ରମାଗତ ବଢ଼ୁଥିବା ଅଶୋଧିତ ତୈଳ ଦର ଯୋଗୁଁ ଭାରତୀୟ ମୁଦ୍ରା 'ଟଙ୍କା'କୁ ଲାଗିଛି ଏକ ବଡ଼ ଝଟକା। ସୋସିଆଲ ମିଡିଆରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୋମବାର (ମେ' ୧୮) ବଜାର ଖୋଲିବା ମାତ୍ରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ସର୍ବକାଳୀନ ସ୍ତର ୯୬.୨୦ କୁ ଖସି ଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କା ୯୬ ର ସୀମା ପାର୍ କରିଛି। ଆନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୨୬ ମସିହାରେ ଏସିଆ ମହାଦେଶ ମଧ୍ୟରେ ଭାରତୀୟ ଟଙ୍କା ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁଦ୍ରା ପାଲଟିଛି। ଚଳିତ ବର୍ଷ ଆରମ୍ଭରୁ ଆମେରିକା ଏବଂ ଇରାନ ମଧ୍ୟରେ ଲାଗିଥିବା ଯୁଦ୍ଧ ପରିସ୍ଥିତି ପରଠାରୁ ଭାରତୀୟ ଟଙ୍କା ଡଲାର ତୁଳନାରେ ୫ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇସାରିଛି।

୧୧୧ ଡଲାର ପାର୍ କଲା ତେଲ ଦରଃ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟ ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୧୧.୨୦ ଡଲାର ଟପିଯାଇଛି।



ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୦% ତେଲ ଆମଦାନୀ କରୁଥିବାରୁ, ତେଲ କିଣିବା ପାଇଁ ଭାରତକୁ ଅଧିକ ମାତ୍ରାରେ ଡଲାର ପୈଠ କରିବାକୁ ପଡୁଛି। ଏହାଦ୍ୱାରା ଦେଶରେ ଡଲାରର ଚାହିଦା ବଢ଼ିବା ସହ ଟଙ୍କା ଦୁର୍ବଳ ହେଉଛି। ମଜବୁତ ହେଉଛି ଆମେରିକୀୟ ଡଲାରଃ ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧାବସ୍ଥା ଯୋଗୁଁ ନିବେଶକମାନେ ନିଜର ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ସେୟାର ବଜାରରୁ ଟଙ୍କା କାଢ଼ି ଡଲାରରେ ନିବେଶ କରୁଛନ୍ତି। ବ୍ଲୁମବର୍ଗ ଡଲାର ଇଣ୍ଡେକ୍ସ ଅନୁଯାୟୀ, ଡଲାର ବର୍ତ୍ତମାନ ୯୯.୩୨ ର ସର୍ବୋଚ୍ଚ ସ୍ତରରେ ରହିଛି।

ଟଙ୍କାର ଏହି ଦ୍ରୁତ ପତନକୁ ରୋକିବା ପାଇଁ ଭାରତ ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (RBI) କେତେକ କଡ଼ା ନିୟମ ଲାଗୁ କରିଛନ୍ତି। ବିଦେଶକୁ ଡଲାର ଚାଲିଯିବାକୁ ରୋକିବା ପାଇଁ ସୁନା-ରୂପା ଭଳି ମୂଲ୍ୟବାନ ଧାତୁ ଆମଦାନୀ ଉପରେ କଟକଣା ଲଗାଯାଇଛି। ଏହା ସହିତ, ବଜାରରେ କୃତ୍ରିମ ସଙ୍କଟ ସୃଷ୍ଟି କରୁଥିବା ବ୍ୟବସାୟୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ଆରବିଆଇ ବ୍ୟାଙ୍କଗୁଡ଼ିକର ନେଟ୍ ଓପନ୍ ରୁପି ପୋଜିସନ୍ ଉପରେ ୧୦୦ ମିଲିୟନ ଡଲାରର କ୍ୟାପ୍ (ସୀମା) ଧାର୍ଯ୍ୟ କରିଛି। ମାର୍କେଟ୍ ବିଶେଷଜ୍ଞ ଅମିତ ପାବାରୀଙ୍କ ଅନୁଯାୟୀ, ଆଗାମୀ ଦିନରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୬.୦୦ ରୁ ୯୬.୫୦ ମଧ୍ୟରେ ରହିପାରେ। ତେବେ 'ବ୍ୟାଙ୍କ ଅଫ୍ ଆମେରିକା ଗ୍ଲୋବାଲ ରିସର୍ଚ୍ଚ'ର ଆକଳନ ଅନୁଯାୟୀ, ଯଦି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ନହୁଏ, ତେବେ ୨୦୨୬ ଶେଷ ସୁଦ୍ଧା ଭାରତୀୟ ଟଙ୍କା ଆହୁରି ଦୁର୍ବଳ ହୋଇ ୯୮ ଟଙ୍କା ଛୁଇଁପାରେ। ଟଙ୍କା ଦୁର୍ବଳ ହେବା ଦ୍ୱାରା ଭାରତକୁ ବିଦେଶରୁ ସାମଗ୍ରୀ ଆମଦାନୀ କରିବା ମହଙ୍ଗା ପଡ଼ିବ। ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ବଜାରରେ ପେଟ୍ରୋଲ, ଡିଜେଲ, ଗ୍ୟାସ ସମେତ ଖାଇବା ତେଲ, ମୋବାଇଲ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ପଡ଼ିବ, ଯାହା ଦେଶରେ ମହଙ୍ଗା ଗାଡ଼ିକୁ ଆହୁରି ବଢ଼ାଇ ଦେବାର ଆଶଙ୍କା ରହିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶେ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ସବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ଫୁଲବାଣୀ ପକ୍ଷରୁ ମେଗା ଏସ୍ଏଚ୍‌ଜି ମେଳା ଆୟୋଜିତ



ଫୁଲବାଣୀ,୧୮।୫ (ସଂଚାର ବ୍ୟୁରୋ):ଆଞ୍ଚଳିକ କାର୍ଯ୍ୟାଳୟ, ଫୁଲବାଣୀ ପକ୍ଷରୁ ହୋଟେଲ ଡାଇମଣ୍ଡ ଠାରେ ଏକ ମେଗା ଏସ୍ଏଚ୍‌ଜି ମେଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି ) ସଦସ୍ୟା, ବ୍ୟାଙ୍କ ଅଧିକାରୀ ଓ ସ୍ଥାନୀୟ ଅତିଥିମାନେ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଏମ୍ (ଡିଏ) ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ପ୍ରକାଶ ଗ୍ରହାଚାର୍ଯ୍ୟ ଓ ଲିଡ୍ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ସିଦ୍ଧାର୍ଥ ଶଙ୍କର ପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଏସବିଆଇ ଶାଖାର ୩୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

ଏହି ପଦକ୍ଷେପ ମାଧ୍ୟମରେ ମହିଳା ସଶକ୍ତିକରଣ, ଆର୍ଥିକ ସମାବେଶ ଓ ଗ୍ରାମୀଣ ଜୀବିକା ବିକାଶ ପ୍ରତି ଏସବିଆଇର ପ୍ରତିବଦ୍ଧତା ପୁନର୍ବ୍ୟକ୍ତ ହୋଇଛି। ଅତିଥିମାନେ ଏସ୍ଏଚ୍‌ଜି ସଦସ୍ୟାମାନଙ୍କୁ ଋଣର ସଠିକ୍ ବ୍ୟବହାର କରି ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ବିଆଇ ଶାଖାର ଅଧିକାରୀ, ଏସ୍ଏଚ୍‌ଜି ସଦସ୍ୟା ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଯୋଗଦେଇଥିଲେ।

# ମୋବାଇଲ ସେବା ନ ମିଳିଲେ ଆନ୍ଦୋଳନ ଚେତାବନୀ



ଫୁଲବାଣୀ,୧୮।୫ (ସଂଚାର ବ୍ୟୁରୋ): ରାଜ୍ୟର ଘାଟି ପାହାଡିଆ ଅଚଂଳ ଭାବେ ଜଣାଶୁଣା କନ୍ଧମାଳ ଜିଲାର ଫିରିଙ୍ଗିଆ ବ୍ଲକ ଅଧାରୁ ଅଧିକ ଗ୍ରାମରେ ପହଁଚି ପାରୁନି ମୋବାଇଲ ସେବା। ଯୁଗ ବଦଳିବା ସହିତ ବଦଳୁଛି ଜୀବନ ଶୈଳୀ। ଏପରି କ୍ଷେତ୍ରରେ ମୋବାଇଲର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତଙ୍କୁ ଜଣା। ମୋବାଇଲ ସେବା ନ ମିଳିବାରୁ ଲୋକେ ଯୋଗାଯୋଗ କରିବା ଅସମ୍ଭବ ହୋଇପଡୁଥିବାବେଳେ ଅତ୍ୟାବଶ୍ୟକ ଆମ୍ବୁଲାନ୍ସ ହେଉ କି ଦମକଳ କେନ୍ଦ୍ରକୁ ଯୋଗାଯୋଗ ପାଇଁ ଲୋକଙ୍କୁ ଯିବାକୁ ପଡୁଛି ୪ ରୁ ୫ କିମି ଦୁର । କୌଣସି ଇଟଂରନେଟର ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନେ ଅନଲାଇନ ପାଠପଢାରୁ ବଂଚିତ ହେବା ସହିତ କୌଣସି ଜନସେବା କେନ୍ଦ୍ରରୁ ଟଙ୍କା ନେଣଦେଣ ଭଳି ବହୁ ସେବା ପାଇବାରୁ ବଂଚିତ ହେଉଛନ୍ତି।

ବର୍ଷେ କି ଦୁଇ ବର୍ଷ ନୁହଁ ଆଜକୁ ୪ ବର୍ଷ ହେବ ଏଭଳି ଦଶା ଭୋଗିଆସୁଛନ୍ତି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପାଙ୍ଗା ଉପରସାହି ପଂଚାୟୟତର ମାଲା, ବେଡାମୁଣ୍ଡା, ସିକେରି, ମାକାଲି, ଡେଡିସରୁ, ଡାମି ତଳ ମାଲା ଗ୍ରାମ ସମେତ ୭ ଟି ଓାର୍ଡରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ୩୫୦୦ ରୁ ଉର୍ଦ୍ଧ ଜନସାଧାରଣ। ଗ୍ରାମରେ କୋଣସି ଫୋନ ସେବାର ସୁବିଧା ନଥିବାରୁ ପଂଚାୟତ ବାସୀଙ୍କ ବାରମ୍ବାର ଦାବି ସ୍ୱତେ ଆଜକୁ ୪ ବର୍ଷ ତଳେ ଏକ ଘରୋଇ କମ୍ପାନୀ ପକ୍ଷରୁ ମୋବାଇଲ ଟାଓାର ନିର୍ମାଣ କରାଯାଇଥିଲା। ଏହାପରେ ଲୋକେ ବିନା ଇଟଂରନେଟରେ କେବଳ ଭଏସ କଲର ସୁବିଧା ପାଇଥିଲେ। ତାହା ପୁଣି ସ୍ୱଳ୍ପ ସମୟ ପାଇଁ ହେଲେ ଆଜକୁ ପ୍ରାୟ ଏକ ବର୍ଷ ହେବ ମୋବାଇଲ ଟାଓାରରୁ କୌଣସି ଇଟଂରନେଟ ସେବା ପାଇବା ତ ଦୁରର କଥା ଭଏସ କଲ ସେବା ମଧ୍ୟ ମିଳିପାରୁନାହିଁ। ଏପରିକି ମୋବାଇଲ ଗୁଡ଼ିକୁ କୌଣସି ନେଟଓାର୍କର ସଙ୍କେତ ଆସୁନଥିବା ଦେଖିବାକୁ ମିଳିଛି । ଫଳରେ ମୋବାଇଲ ଉପଭୋକ୍ତାଙ୍କ ରିଚାର୍ଜ ଟଙ୍କା ପାଣିରେ ପଡିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ମୋବାଇଲ ଟାଓାରରେ କୌଣସି ଯାନ୍ତ୍ରୀକ ତୃଟି ରହିଛି ନା ଉଦ୍ଦେଶ୍ୟ ମୂଳକ ଭାବେ ଘରୋଇ କମ୍ପାନୀ ମୋବାଇଲ ସେବା ବନ୍ଦ କରିଛନ୍ତି ତାହା ଯଦିବା ଏଯାଏଁ ସ୍ପଷ୍ଟ ହୋଇ ନାହିଁ। ହେଲେ ନେଇ ପଂଚାୟତର ସରପଂଚ ରଶ୍ମିତା କହଁର, ସମିତି ସଭ୍ୟ ଦିଲିପ କୁମାର ଦିଗାଲଙ୍କ ଗ୍ରାମ ବାସୀ ନେତୃତ୍ୱରେ ଫିରିଙ୍ଗିଆ ବିଡିଓ , ଜିଲାପାଳଙ୍କୁ ବାରମ୍ବାର ଦାବିପତ୍ର ଜରିଆରେ ଅଭିଯୋଗ କରିଥିଲେ ସୁଦ୍ଧା ଏଯାଏଁ କୌଣସି ସୁଫଳ ନ ମିଳିବାରୁ ସମଗ୍ର ପଂଚାୟତରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କେବଳ ଜିଲ୍ଲା ପ୍ରଶାନସକୁ ଲିଖିତ ଭାବେ ଜଣାଇଛନ୍ତି ତାହା ନୁହଁ ଦୀର୍ଘ ବର୍ଷ ଧରି ସ୍ଥାନୀୟ ବିଧାୟକ,ସାଂସଦ ଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ ବି କିଛି ଲାଭ ମିଳିନଥିବା କହିଛନ୍ତି ଅଚଂଳବାସୀ। ସେହିଭଳି ବ୍ଲକର ଚବିଶଟି ପଞ୍ଚାୟତ ରେ ଆଦି ପଂଚାୟତର ଶହେରୁ ଅଧିକ ଗ୍ରାମରେ ମଧ୍ୟ ମୋବାଇଲ ସେବା ପହଁଚି ପାରିନଥିବାବେଳେ ଏସବୁ ଗ୍ରାମରେ ମଧ୍ୟ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

କେବଳ ଘରୋଇ ମୋବାଇଲ ସେବା ଉପଭୋକ୍ତାଙ୍କୁ ଫେଲ ଦେଇଛି ତାହା ନୁହଁ ବିଏସଏନଏଲର ମଧ୍ୟ ସେହି ସମାନ ଅବସ୍ଥା ହୋଇଥିବା ଜଣାପଡିଛି। ଏପରିକି ଆସନ୍ତା ୧୫ ଦିନ ଭିତରେ ପଂଚାୟତର ୭ ଟି ଓାର୍ଡରେ ବସବାସ କରୁଥିବା ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ତୁରନ୍ତ ମୋବାଇଲ ସେବା ଯୋଗାଇ ଦିଆନଗଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ପଂଚାୟତ ବାସୀ କଡା ଚେତାବନି ଦେଇଛନ୍ତି।

## ଜଳୁନି ଉଜ୍ଜ୍ୱଳ ଆଲୋକୀକରଣ ବତୀ, ଅନ୍ଧାରରେ ଗାଁ ଓ ବଜାର



ନିଶ୍ଚିନ୍ତକୋଇଲି,୧୮।୫ (ସଂଚାର ବ୍ୟୁରୋ):ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ସମୟରେ ଗ୍ରାମାଞ୍ଚଳରେ ସହରର ଝଲକରେ ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ବଜାର ସମେତ ଗାଁ ଗଣ୍ଡାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇ ରାସ୍ତା ଘାଟକୁ ଆଲୋକୀକରଣ କରାଯାଇଥିଲା। କିଛି ଦିନ ସଠିକ୍ ଭାବରେ ଲଗାଯାଇଥିବା ବତୀ ଗୁଡ଼ିକ ଜଳୁଥିବା ପରେ ସେଗୁଡ଼ିକ ମଧ୍ୟରୁ ଅନେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି ତ ଅନ୍ୟ କେଉଁଠି ବତୀଗୁଡ଼ିକ ଜଳୁନଥିବା ଦେଖିବାକୁ ମିଳୁଛି।

ଗ୍ରାମାଞ୍ଚଳ କଥା ଛାଡ଼ ପ୍ରବଳ ଜନସମାଗମ ହେଉଥିବା ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ଅଞ୍ଚଳରେ ଏହି ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟନ୍ତ ହୋଇପଡ଼ିଥିଲା। ବିଗତ ଦୁର୍ଗା ପୂଜା ସମୟରେ ନିଶ୍ଚିନ୍ତକୋଇଲିରେ ଏହି ଉଜ୍ଜ୍ୱଳ ଆଲୋକୀକରଣର ମରାମତି କରାଯାଇ ପୁନଃ ଆଲୋକୀକରଣ କରାଯାଇଥିଲା। ସେ ସମୟରେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଗୋପପୁର ତାରିଣୀ ମନ୍ଦିର ଠାରେ ଲଗାଯାଇଥିବା ଉଜ୍ଜ୍ୱଳୀ ଆଲୋକୀକରଣ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ଏହାକୁ ମରାମତି କରାଯାଇନଥିଲା। ଏବେ ବି ସେ ସ୍ଥାନଟି ଅନ୍ଧାରମୟ ରହୁଛି। ନିଶ୍ଚିନ୍ତକୋଇଲି ବଜାରରେ ଲାଗିଥିବା ବତୀଗୁଡ଼ିକୁ ମରାମତି କରାଯାଇ ଆଲୋକୀକରଣ କରାଯାଇଥିଲେ ମଧ୍ୟ ଏବେ ସେଗୁଡ଼ିକ ମଧ୍ୟରୁ ଅନେକ ଖୁଣ୍ଟରେ ବତୀଗୁଡ଼ିକ ଜଳୁନଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏହାକୁ ମରାମତି କରାଯାଇ ପୁନଃ ଆଲୋକୀକରଣ କରିବା ପାଇଁ ବ୍ୟବସାୟୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଶୋକସଭା

ଯାଜପୁର ରୋଡ଼,୧୮।୫(ସଂଚାର ବ୍ୟୁରୋ): ସିଆଇଟିୟୁର ସର୍ବଭାରତୀୟ ଉପସଭାପତି, ରାଜ୍ୟର ସାଧାରଣ ସମ୍ପାଦକ ଓ ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ସିଆଇଟିୟୁ ଜିଲ୍ଲା ସଭାପତି ସାଥୀ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ନିର୍ମଳ ରଥ, ସୁରେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ମନ୍ମଥ ରାୟ, ସମୀର ମୁଖି, ରଶ୍ମିତା ବିନ୍ଧାଣୀ, ଜଗା ମୁଣ୍ଡା, ରଶ୍ମିରେଖା ନାୟକ, କୁନି ପୂର୍ତ୍ତୀ ପ୍ରମୁଖ ନିଜର ବକ୍ତବ୍ୟରେ ଗଭୀର ଶୋକ ପ୍ରକାଶ ପ୍ରକାଶ କରିଥିଲେ। ସାଥୀ ବିଷ୍ଣୁ ମହାନ୍ତି ୧୯୫୧ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଅଂଚଳରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରେ ଏସ.ଏଫ.ଆଇ ସହିତ ସଂଶ୍ଳିଷ୍ଟ ଥିବା ସାଥୀ ବିଷ୍ଣୁ ମହାନ୍ତି ରେ ପରବର୍ତ୍ତୀ ସମୟରେ ସିଆଇଟିୟୁରେ ଯୋଗ ଦେଇଥିଲେ ଏବଂ ସୁଦୁର ସୁନ୍ଦରଗଡ଼ ଜିଲ୍ଲାର ଖଣି ଖାଦାନ ଭରା ଅଂଚଳକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ଶ୍ରମିକ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ସହିତ ଉକ୍ତ ଅଂଚଳରେ ସିଆଇଟିୟୁକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଭାପତି ପ୍ରଫୁଲ୍ଲ ନାୟକ ନିଜର ବକ୍ତବ୍ୟରେ କହିଥିଲେ। ତାଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲ୍ଲା ସମେତ ସମଗ୍ର ରାଜ୍ୟର ଶ୍ରମିକ ଆନ୍ଦୋଳନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ଏହା ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ନିଜର ବକ୍ତବ୍ୟରେ କହିଥିଲେ।

## ୬୮ ସ୍ଥାନୀୟ ଯୁବକ ଯୁବତୀଙ୍କୁ ସଶକ୍ତ କଲା ଟାଟା ଷ୍ଟିଲ୍ କଳିଙ୍ଗନଗର




ଯାଜପୁର,୧୮।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗରସ୍ଥ ଟାଟା ଷ୍ଟିଲ୍ (ଟିଏସକେ) ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ ପରିବାରର ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି । କମ୍ପାନୀର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଟ୍ରେନିଂ) ବିଭାଗ ପକ୍ଷରୁ ବର୍ତ୍ତମାନ ବିସ୍ଥାପିତ ପରିବାରର ୩୦ ଜଣ ଯୁବତୀଙ୍କୁ 'ହାଉସକିପିଂ' ଏବଂ ୧୪ ଜଣ ଯୁବକଙ୍କୁ 'ଗ୍ୟାସ୍ କଟିଂ' କାର୍ଯ୍ୟର ତାଲିମ ପ୍ରଦାନ କରାଯାଉଛି।

ଏହା ପୂର୍ବରୁ ତାଲିମ ନେଇଥିବା ୭ ଜଣ ଯୁବକଙ୍କୁ ବର୍ତ୍ତମାନ ପ୍ଲାଣ୍ଟ ସାଇଟ୍‌ରେ 'ଗ୍ୟାସ୍ କଟର' ଭାବେ ନିୟୋଜିତ କରାଯାଇଛି। ସେହିପରି ଆଉ ୧୭ ଜଣ ପ୍ରାର୍ଥୀ ସଫଳତାର ସହ ସ୍କାଫୋଲଡିଂ ତାଲିମ ସମାପ୍ତ କରିଛନ୍ତି ଏବଂ ସେମାନଙ୍କର ଗେଟ୍ ପାସ୍ ଦସ୍ତାବିଜ ପ୍ରକ୍ରିୟା ଚାଲିଥିବାରୁ ଆସନ୍ତା ସପ୍ତାହରେ ସେମାନେ ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେବେ। ଏଥିସହିତ, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରର ଅନ୍ୟ ୧୭ ଜଣ ଯୁବକ ଟାଟା ଷ୍ଟିଲର ଏକ ସହଯୋଗୀ କମ୍ପାନୀ 'ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍'ରେ ଯୋଗ ଦେଇଛନ୍ତି। ସେମାନେ ଫିଟର, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ଷେତ୍ରରେ ତାଲିମ ଗ୍ରହଣ କରିବା ପରେ ଟାଟା ଷ୍ଟିଲ୍ କଳିଙ୍ଗନଗରରେ ନିଯୁକ୍ତି ପାଇସାରିଛନ୍ତି।

ଏହି ସୁଯୋଗ ମାଧ୍ୟମରେ ସମୁଦାୟ ୬୮ ଜଣ ସ୍ଥାନୀୟ ବାସିନ୍ଦା ଦକ୍ଷତା ତାଲିମ ନେଇ ନିଜର ଜୀବିକା ନିର୍ବାହ କରିପାରୁଛନ୍ତି । ଯାହା ଜମି ହରାଇଥିବା ସ୍ଥାନୀୟ ଲୋକମାନଙ୍କୁ ସ୍ଥାୟୀ ଜୀବିକା ଏବଂ ବୈଷୟିକ ଦକ୍ଷତା ପ୍ରଦାନ କରିବା ଦିଗରେ (ଟିଏସକେ) ର ନିଷ୍ଠାକୁ ପ୍ରମାଣିତ କରୁଛି । ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଏଲଆଣ୍ଡଡି), ସୁରକ୍ଷା ଏବଂ ମାନବ ସମ୍ବଳ (ଏଚ ଆର) ଟିମ୍‌ର ଦୃଢ଼ ସମନ୍ୱୟ ଓ ନିରନ୍ତର ସହଯୋଗ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳତା ସହ ସମ୍ଭବ ହୋଇପାରିଛି, ଯାହା ଅଞ୍ଚଳର ଶିଳ୍ପ ବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି।

## ଆହତଙ୍କୁ ଚିକିତ୍ସାଳୟରେ ଭେଟିଲେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ



ନିଶ୍ଚିନ୍ତକୋଇଲି, ୧୮।୫ (ସଂଚାର ବ୍ୟୁରୋ): କଟକସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅର୍ନ୍ତଭୁକ୍ତ ଉତ୍ତରକୂଳ ଗ୍ରାମପଞ୍ଚାୟତ ପିଁପୁର ଗ୍ରାମର ଅମୀୟ ପରିଜା(ଜଇଆ)୫୦ ବର୍ଷ ନିଜ ଘରେ କାର୍ଯ୍ୟ କରୁଥିବା ସମୟରେ ଅକସ୍ମାତ୍ ସେ କାର୍ଯ୍ୟ କରୁଥିବା କଟର ମେସିନଟି ଅମୀୟଙ୍କ ପେଟରେ ବାଜିଯିବାରୁ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତଶ୍ରାବ ହୋଇଥିଲା। ପରିବାର ଲୋକେ ଆହତ ଅମୀୟଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଉନ୍ନତମାନର ଚିକିତ୍ସା ସେବା ପାଇବା ନେଇ ଅମୀୟ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରା ଚିକିତ୍ସାଳୟରେ ଅମୀୟଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ଶ୍ରୀଯୁକ୍ତ ବେହେରାଙ୍କ ସହିତ ୨୫ନଂ ଜିଲ୍ଲାପରିଷଦ ଜୋନ୍‌ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ଉପସ୍ଥିତ ଥିଲେ।

## ଜନଜାତି ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ଜନ ଭାଗିଦାରୀ ଅଭିଯାନ ଆରମ୍ଭ



ଯାଜପୁର,୧୮।୫ (ସଂଚାର ବ୍ୟୁରୋ): ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ଏକ କଲ୍ୟାଣକାରୀ ନୂତନ କାର୍ଯ୍ୟକ୍ରମ "ଜନ ଭାଗିଦାରୀ ଅଭିଯାନ" ଆଜି ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମଇ ୧୮ ରୁ ୨୫ ତାରିଖ ଯାଏଁ ଚାଲିବ। ଯାଜପୁର ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ହିତାଧିକାରୀ ସାଚୁରେଶନ କ୍ୟାମ୍ପ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିଧାସଳଖ ହିତାଧିକାରୀଙ୍କୁ ସମସ୍ତ ଯୋଜନାର ସୁଫଳ ଯୋଗାଇ ଦିଆଯିବ। ଏନେଇ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲାର ୫ ଟି ଅନୁସୂଚିତ ଜନଜାତି ବହୁଳ ବ୍ଲକ ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ବିଶେଷ ଭାବେ ଉପକୃତ ହେବେ। ପ୍ରାୟ ୬୯ ଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ। ବିଶେଷ କରି ପିଏମ୍ ଜନମନ୍ ଏବଂ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାର ସଫଳ ରୂପାୟନ କରାଯିବ। ଜନଜାତି ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପୋଷଣ, ପାନୀୟ ଜଳ ଭଳି ସୁବିଧା ସୁନିଶ୍ଚିତ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷରେ ଜିଲ୍ଲାରେ ଜନଜାତି ଗୋଷ୍ଠୀଙ୍କ ବିକାଶକୁ ନେଇ ସାମ୍ବାଦିକମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ପାଣି ପାଇଁ ତାତିଲେ ଗାଁ ଲୋକେ

## ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ



ନୀଳଗିରି,୧୮।୫ (ସଂଚାର ବ୍ୟୁରୋ): ପାନୀୟ ଜଳ ସଙ୍କଟ ନେଇ ହାଣ୍ଡି, ଗରା, ବାଲ୍ଟି ଓ ବାଉଁଶ ରଖି ମାଟିଆଳି ଛକ ନିକଟରେ ରାସ୍ତା ଅବରୋଧ କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତର ବଇଁଚାରୁ ମାଟିଆଳି ନରଣପୁର କୁ ସଂଯୋଗ କରୁଥିବା ରାସ୍ତାର ମାଟିଆଳି ଛକ ନିକଟରେ ସଂଜୁ ଲତା ବିନ୍ଧାଣିଙ୍କ ନେତୃତ୍ୱରେ ସୁଲତା ସିଂ ସାବିତ୍ରୀ ବେହେରା, ଫୁଲମଣି ମୁଖି, ଅନୁସୟା ମୁଖୀ ଶତାଧିକ ମହିଳାମାନେ ହାଣ୍ଡି, ଗରା, ବାଲ୍ଟି ଓ ବାଉଁଶ ରଖି ରାସ୍ତା ଅବରୋଧ କରାଯାଇଥିବା ବେଳେ ଉଭୟ ପଟରେ ଗାଡ଼ିମଟର ଅଟକି ରହିଥିବାରୁ ସାଧାରଣ ଜୀବନ ଯାତ୍ରା ବାଧା ପ୍ରାପ୍ତ ହୋଇ ଥିବା ଦେଖିବାକୁ ମିଳିଛି।

ମାଟିଆଳି ପଞ୍ଚାୟତ ଅଧୀନ ଆଡିଆସାହି, ଡୁମୁରିଆ ସାହି, ମୁଖିସାହି ଓ ରାମସିଂସାହି ଗ୍ରାମକୁ ମେଗା ଜଳ ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ ୪ ଦିନ ଧରି ଜଳଯୋଗାଣ ବନ୍ଦ ରହିଥିଲା। ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଶେଷରେ ଆଜି ବାଧ୍ୟ ହୋଇ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ଓ ବାଉଁଶରଖି ରାସ୍ତାଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ଇଂ ପ୍ରିତିପ୍ରଭା ବାରିକ ଓ ଅନ୍ୟ ଅଧିକାରୀ, ମେଗା ଜଳ ଯୋଜନାର ଠିକାସଂସ୍ଥା କର୍ମଚାରି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରସୁଲପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ମୋଟ ୯୪ଟି ଅଭିଯୋଗ ପଞ୍ଜୀକୃତ, ୨୧ଟିର ତତ୍କାଳ ଫଇସଲା**

ଯାଜପୁର,୧୮।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୮ ଗୋଟି, ରେଡକ୍ରସ ସହାୟତା ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାଶ, ତହସିଲଦାର , ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ମତ୍ସ୍ୟଜୀବୀଙ୍କ ଉପରେ କଟକଣା
# ଚାଲିଛି ଡଙ୍ଗା ମରାମତି ଓ ଜାଲ ପ୍ରସ୍ତୁତି




କାକଟପୁର/ଅସ୍ତରଙ୍ଗ,୧୮।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ସାମୁଦ୍ରିକ ମତ୍ସଜୀବୀମାନେ ମାଛଧରା ଉପରେ ଥିବା ଦୁଇ ମାସର କଟକଣାକୁ ଆଶୀର୍ବାଦ ଭାବେ ଗ୍ରହଣ କରିଛନ୍ତି। ଏହି କଟକଣା ମତ୍ସ୍ୟଜୀବୀଙ୍କ ପାଇଁ ଏବେ ବରଦାନ ପାଲଟିଛି। ଦୁଇ ମାସ ମାଛଧରା ବନ୍ଦ ଯୋଗୁଁ ମତ୍ସ୍ୟଜୀବୀମାନେ ଏହି ସମୟରେ ଡ଼ଙ୍ଗା ମରାମତି ଓ ମାଛଧରା ଜାଲ ପ୍ରସ୍ତୁତି କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଛନ୍ତି। ସମୁଦ୍ରରେ ଯାନ୍ତ୍ରିକ ଡ଼ଙ୍ଗାରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ବାରଣ କରାଯିବା ଦ୍ୱାରା ଦୀର୍ଘ ୬୧ଦିନ (ଅପ୍ରେଲ ୧୫ରୁ ଜୁନ ୧୪)ସେମାନେ ରୋଜଗାର ହରାଇବା ପରିସ୍ଥିତି ସୃଷ୍ଟି ହୋଇଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ନଗର, ଆଳସାହି, ସହନ, ଝାଡ଼ଲିଙ୍ଗ ଅଂଚଳର ପାଖାପାଖି ୩୦ହଜାର ରୁ ଉର୍ଦ୍ଧ ମତ୍ସ୍ୟଜୀବୀ ରହିଛନ୍ତି। ଅସ୍ତରଙ୍ଗ ବ୍ଲକ ନୂଆଗଡ ଜେଟି ନିକଟରେ ପାଖାପାଖି ୫୦ରୁ ଉର୍ଦ୍ଧ ଟ୍ରଲର ଓ ୫ଶହରୁ ଉର୍ଦ୍ଧ୍ୱ ଯାନ୍ତ୍ରିକ ଡ଼ଙ୍ଗା ରହିଛି। ମାଛଧରା କଟକଣା ଲାଗିଥିବାରୁ ମତ୍ସ୍ୟଜୀବୀଙ୍କୁ ଆବଶ୍ୟକ ମୁତାବକ ପ୍ରୋତ୍ସାହନ ମିଳୁନଥିବାରୁ ଡ଼ଙ୍ଗା ମରାମତି କାମରେ ନିଜକୁ ନିୟୋଜିତ ହୋଇ କିଛି ରୋଜଗାର କରିଥାଆନ୍ତି। ଏହି କଟକଣା ସମୟରେ ଯାନ୍ତ୍ରିକ ଡ଼ଙ୍ଗା ପ୍ରସ୍ତୁତିରେ ପ୍ରାୟ ୮୦ହଜାର ଟଙ୍କାରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ସେହିପରି ପୁରୁଣା ଡ଼ଙ୍ଗା ମରାମତି ୪୦ହଜାରରୁ ୬୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ପ୍ରତ୍ୟେକ ମାଛ ଧରା ଡ଼ଙ୍ଗାର ଉପର ଓ ତଳ ଭାଗ ରଙ୍ଗ କରିବାକୁ ପଡିଥାଏ। ଏହି ରଙ୍ଗ ଦ୍ୱାରା ସମୁଦ୍ରରେ ଭାରତୀୟ ତଟ ରକ୍ଷକ ବାହିନୀ ଓ ନୌବାହିନୀଙ୍କୁ ଡ଼ଙ୍ଗା ଚିହ୍ନଟରେ ସହଜ ହୋଇଥାଏ। ଫଳରେ ବିଦେଶୀ ଡଙ୍ଗାରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କାକୁ ପ୍ରତିହତ କରାଯାଇ ପାରିବ।

ଓଡିଶା ସାମୁଦ୍ରିକ ଫିସିଂ ରେଗୁଲେସନ ଆକ୍ଟ ୧୯୮୨ଅନୁଯାୟୀ ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରେ ମାଛ ଅଣ୍ଡା ଓ ଯାଆଁଳ ନଷ୍ଟ ହେବା ଆଶଙ୍କାରେ ମାଛଧରାକୁ ଅପ୍ରେଲ ୧୫ରୁ ଜୁନ ୧୪ପର୍ଯ୍ୟନ୍ତ ବନ୍ଦ ରଖାଯାଇଥାଏ। ସାମୁଦ୍ରିକ ମାଛ ବଂଶର ସଂରକ୍ଷଣ ଉଦେଶ୍ୟରେ ବର୍ଷର ୬୧ଦିନ ପାଇଁ ଏହି କଟକଣା ଜାରି ହୋଇଥାଏ। ଏହାକୁ ମତ୍ସ୍ୟଜୀବୀ ସ୍ୱାଗତ କରିବା ସହ ପ୍ରୋତ୍ସାହନ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ସଭାପତି ପ୍ରସନ୍ନ ବେହେରା।

ଓଡିଶା ଉପକୂଳରେ ଏହି ଗ୍ରୀଷ୍ମ ଋତୁରେ ପ୍ରାୟ ୨୯୫ପ୍ର କାରର ସାମୁଦ୍ରିକ ମାଛର ପ୍ରଜନନ ସମୟ ହୋଇଥିବାରୁ ଏହି ସମୟରେ ସାମୁଦ୍ରିକ ଉପକୂଳ ଠାରୁ ସମୁଦ୍ର ମଧ୍ୟକୁ ୧୨ନଟିକାଲ ମାଇଲି ପର୍ଯ୍ୟନ୍ତ ମାଛଧରା ଉପରେ ରୋକ ଲଗାଯାଇଛି। ଏଥିରେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି। ଆଉ କିଛି ଦିନ ପରେ କଟକଣା ଉଠିବାକୁ ଥିବା ବେଳେ ନିଜ ଜାଲ, ଡ଼ଙ୍ଗା ଶହ ଆନୁସାଙ୍ଗିକ ସାମଗ୍ରୀ ମରାମତି ଶହ ପ୍ରସ୍ତୁତ କରୁଛନ୍ତି ମତ୍ସ୍ୟଜୀବୀ। ସରକାର କଟକଣା ମଧ୍ୟରେ ମତ୍ସ୍ୟଜୀବୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରୋତ୍ସାହନ ରାଶି ବୃଦ୍ଧି କଲେ ସେମାନେ ଖୁସି ପ୍ରକଟ କରନ୍ତେ।

## ବ୍ରହ୍ମପୁର ରାଇଜିଂ ଷ୍ଟାର୍ ଚମ୍ପିୟାନ




ହିଞ୍ଜିଳିକାଟୁ,୧୮।୫ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ତଥା 'ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍' ର ଫାଇନାଲ ମ୍ୟାଚରେ ସୋମପେଟାର ସୁରେଶ ଏକାଦଶ କ୍ରିକେଟ ଟିମକୁ ୪୯ରନରେ ପରାଜିତ କରି ବ୍ରହ୍ମପୁରର ରାଇଜିଙ୍ଗ ଷ୍ଟାର ଦଳ ଚମ୍ପିୟନ ହୋଇଛି। ବ୍ରହ୍ମପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ଓ୍ୱିକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ ସୋମପେଟା ଦଳ ୧୧ ଓଭର ୪ଟି ବଲରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୮୨ ରନ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନଗର ବିଜେପି ସଭାପତି ସୁଧାଂଶୁ ସାବତ ,ମାଧବ ଗୌଡ଼ ,ରୋଶନ ଖୁଣ୍ଟିଆ ଯୋଗଦେଇଥିଲେ |

SANCHAR
ସଂଚାର
ମଙ୍ଗଳବାର ୧୯ ମେ ୨୦୨୬
ସ୍ୱାସ୍ଥ୍ୟ




# ସୁସ୍ଥ ରହିବାର ସହଜ ଉପାୟ



ଆଜିର ବ୍ୟସ୍ତ ବହୁଳ ବିବ୍ରତ ବିଷାଦ ସାଙ୍ଗକୁ କ୍ଲାନ୍ତ କର୍ମମୟ ଜୀବନରେ ମଣିଷ ଯେତେବେଳେ ଅଶାନ୍ତିରେ ବାଟବଣା ହୋଇ ଘୂରିବୁଲୁଛି ଟିକେ ଶାନ୍ତି ପାଇବାକୁ ଆଜିର ଦୁନିଆରେ ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଶାନ୍ତି ଟିକିଏ କିପରି ମଣିଷକୁ ମିଳିପାରିବ ସେଥିପାଇଁ ଜାପାନୀମାନେ ୫ଟି ଶୈଳୀକୁ ଅନୁସରଣ କରିଥାନ୍ତି। ଏହି ଅଭ୍ୟାସ ସବୁକୁ ଯଦି ଜଣେ ଧରି ଚାଲିବ ତେବେ କୌଣସି ଅଶାନ୍ତିର ବଶବର୍ତ୍ତୀ ହେବ ନାହିଁ। ଏହି ଅଭ୍ୟାସ ସବୁ କରିବାକୁ ହେଲେ ମନକୁ ପ୍ରଥମେ ଦୃଢ଼ କରିବା ଦରକାର। ତେବେ ଯାଇ ଜରେ ମାନସିକ ଓ ଶାରିରୀକ ସୁସ୍ଥ ଅନୁଭବ କରିପାରିବ।

ଶୋଗନାଇଃ ଆଜିର ସଭ୍ୟତାରେ ମଣିଷ ବେଳେବେଳ ନିଜ ନିୟନ୍ତ୍ରଣରେ ନଥିବା ସାମଗ୍ରୀ ପାଇବାକୁ ସଂଘର୍ଷ କରୁଛି କିନ୍ତୁ ପାଇପାରୁ ନାହିଁ। ସେଥିପାଇଁ ଏଥିପ୍ରତି ସମୟ ନଷ୍ଟ ନ କରି ମନକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଉଚିତ। ସରଳ ଭାଷାରେ ବୁଝାଇବାକୁ ଗଲେ ଲୋଭକୁ ଛାଡ଼ିବା ଉଚିତ।

ଶିରୀନ- ୟକୁଃ ଏକ ସୁନ୍ଦର ଶାନ୍ତ ପରିବେଶରେ କିଛି ସମୟ ନିଜ ଭିତରେ କାଟିବା। ସୋସିଆଲ୍ ମିଡିଆରୁ କିଛି ସମୟ ଦୂରେଇ ରଖିପାରିଲେ ଆମେ ମନାରେ ଶାନ୍ତି ଆଣି ପାରିବା।

ନେନବୁସ୍ତୁଃ ଏହା ଏକ ସରଳ ଏବଂ ଶକ୍ତିଶାଳୀ ଉପାୟ ଯାହା ମନକୁ ବାସ୍ତୁବାଦୀ ଚିନ୍ତାରୁ ସ୍ଥାନାନ୍ତରିତ କରିଥାଏ। ଈଶ୍ୱରଙ୍କ ଧ୍ୟାନ-ତପ-ଜପରେ ନିଜର କିଛି ସମୟ କାଟିବା ଦରକାର। ଏପରି ଦ୍ୱାରା ମନକୁ ହାଲୁକା ଲାଗେ ଓ ସକାରାତ୍ମକ ଚିନ୍ତାଧାରା ଆସିଥାଏ।

ଗମାନଃ ଯେକୌଣସି କାର୍ଯ୍ୟପ୍ରତି ମନକୁ ଦୃଢ଼ ପାଇବାର ଇଚ୍ଛା ଶକ୍ତି ରହିବା ଦରକାର। ସେଥିପାଇଁ ଗୋଟିଏ କାର୍ଯ୍ୟରେ ମନକୁ କେନ୍ଦ୍ରିତ କରି ନିଷ୍ପତ୍ତି ନେବା ଉଚିତ। ଯାହାଦ୍ୱାରା ଆମକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ସହଜ ହୋଇଥାଏ।

ଓ୍ୱବି-ସବିଃ ଜୀବନରେ ସବୁକିଛି କ୍ଷଣସ୍ଥାୟୀ। ଗୋଟଏ ଜିନିଷକୁ ମନ ଭିତରେ ରଖି ମନକୁ ଚାପଗ୍ରସ୍ତ କରନ୍ତୁନି। ସମୟ ସହିତ ମଣିଷକୁ ଚାଲିବାକୁ ପଡ଼ିଥାଏ। ସେଥିପାଇଁ ମନରେ ବାରମ୍ବାର ଗୋଟିଏ କଥା ପ୍ରତି ଘାରି ନ ହୋଇ ଅନ୍ୟ କାର୍ଯ୍ୟରେ ମନ ନିବେଶ କରିପାରିଲେ ମନକୁ ଶାନ୍ତି ମିଳିଥାଏ।

# ପେଟ ସମସ୍ୟା ଦୂର ପାଇଁ କଦଳୀ ଖାଆନ୍ତୁ

ସୁସ୍ଥ ରହିବାକୁ କିଏ ବା ନଚାହେଁ। ସୁସ୍ଥ ରହିଲେ ମଣିଷ ସବୁ କାର୍ଯ୍ୟ କରିବାକୁ ସମର୍ଥ ହେଇଥାଏ। ହେଲେ ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଉଛି ଯାହା ଫଳରେ ଲୋକେ ଦିନ କୁ ଦିନ ରୋଗାଗ୍ରସ୍ଥ ହେଉଛନ୍ତି। ହେଲେ ଆଜି ଆପଣଙ୍କୁ ଏପରି ଗୋଟିଏ ଫଳ ବିଷୟରେ କହିବୁ ଯାହାକୁ ଆପଣମାନେ ଖାଇଲେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ତେବେ ଆସନ୍ତୁ ଜାଣିବା ସେହି ଫଳର ନାମ କ'ଣ ?

ଏହି ଫଳର ନାମ ହେଉଛି 'କଦଳୀ'। ଏହି ଫଳଟିରେ କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ବି-୬, ଆଇରନ୍, ଫସଫରସ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ, ସୋଡିୟମ ଏବଂ ପୋଟାସିୟମ ଭଳି ଉପାଦାନ ପ୍ରଚୁର ପରିମାଣରେ ରହିଛି। ଏହି ଫଳକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଏଥି ସହ ଆସନ୍ତୁ ଜାଣିବା ଏହି ଫଳକୁ ଖାଇବାର ଲାଭ। କଦଳୀରେ ଥିବା ଉପାଦାନଗୁଡିକ ଆପଣଙ୍କ ଅନ୍ତନଳୀର ସ୍ୱାସ୍ଥ୍ୟକୁ ବହୁତ ପରିମାଣରେ ଉନ୍ନତ କରିପାରେ। ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ଫଳକୁ ଡାଏଟ ପ୍ଲାନରେ ମଧ୍ୟ ସାମିଲ୍ କରିପାରିବେ। ଏଥି ସହ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇଁ ମଧ୍ୟ କଦଳୀ ଖାଇପାରିବେ। ଆପଣ ଦିନସାରା କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି କି? ତେବେ ଆପଣ ପ୍ରତିଦିନ ଖାଲି ପେଟରେ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀ ଖାଇ ଆପଣଙ୍କ ଦିନ ଆରମ୍ଭ କଲେ ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ଏହା ବ୍ୟତୀତ ଯଦି ଆପଣ ଆପଣଙ୍କର ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଗୋଟିଏ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀରେ ମିଳୁଥିବା ଉପାଦାନଗୁଡିକ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କଦଳୀକୁ ହାର୍ଟ ହେଲ୍ଥ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। କଦଳୀକୁ ସଠିକ୍ ପରିମାଣରେ ଖାଇବା ଦ୍ୱାରା ହୃଦ୍ ରୋଗର ଆଶଙ୍କା ହ୍ରାସ ପାଇପାରେ। ଏହା ବ୍ୟତୀତା, ଯଦି ଆପଣ ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ କଦଳୀ ମଧ୍ୟ ସେବନ କରିପାରିବେ। କଦଳୀ ଖାଲି ଶରୀରକୁ ସୁସ୍ଥ ରଖେନାହିଁ ବରଂ ତ୍ୱଚାରେ ମଧ୍ୟ ଚମକ ଆଣିଥାଏ। ଯଦି ଆପଣ ସବୁଦିନ ସକାଳୁ ଗୋଟିଏ କଦଳୀ ଖାଇବା ଅଭ୍ୟାସ୍ କରନ୍ତି, ତେବେ ଆପଣଙ୍କ ତ୍ୱଚା ଗ୍ଲୋ କରିବାକୁ ଆରମ୍ଭ ହେବ। ଏଥି ସହ ଅନେକ ଲୋକ ନିଜ ଡାଏଟ୍ ପ୍ଲାନରେ କଦଳୀକୁ ମଧ୍ୟ ସାମିଲ୍ କରିଥାନ୍ତି। ତେବେ ଆପଣ ସବୁଦିନ କଦଳୀ ଖାଆନ୍ତୁ ଦେଖିବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହବେ ଏବଂ ଆପଣଙ୍କୁ ରିଲାକ୍ସ ମଧ୍ୟ ଲାଗିବ।



# ଗୋଲମରିଚ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର



ଗୋଲମରିଚକୁ ଆମେ ବିଭିନ୍ନ ଖାଦ୍ୟ ହେଉ ଅବା ଚା'ରେ ବ୍ୟବହାର କରିଥାଉ। ଏହାଦ୍ୱାରା ଶରୀରକୁ ଅନେକ ପ୍ରକାର ଫାଇଦା ମିଳିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନ୍ଫ୍ଲାମେଣ୍ଟାରୀ ଗୁଣ ସ୍କିନ ଏବଂ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କେବଳ ଗୋଲମରିଚ ନୁହେଁ ଏହାର ପାଣି ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇପାରେ। ଗୋଲମରିଚ ପାଣି ପ୍ରସ୍ତୁତ କରିବା ପାଇଁ ଆପଣ ଏକ କପ୍ ପାଣିକୁ ଗରମ କରନ୍ତୁ। ଏଥିରେ ଟିକେ ଗୋଲମରିଚ ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଥରେ ଭଲ ଭାବରେ ଫୁଟାନ୍ତୁ ଏବଂ ଏହାକୁ ଛାଣି ପିଅନ୍ତୁ। ଆପଣ ଗୋଲମରିଚ ପାଣିର ସ୍ୱାଦ ବଢାଇବା ପାଇଁ ମହୁ କିମ୍ବା ଲେମ୍ବୁ ରସ ମଧ୍ୟ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ଗୋଲମରିଚ ପାଣି ପିଇବାର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ।

ପେଟ ପାଇଁ ଲାଭଦାୟକ– ଗୋଲମରିଚ ପାଣି ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏସିଡ଼ିଟି ଭଳି ପେଟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ପୋଷକ ତତ୍ତ୍ୱ ଭରପୂର ପାନୀୟ ମଧ୍ୟ ପିଇପାରିବେ। ଯଦି ଆପଣ ନିଜ ଶରୀରକୁ ଡିଟକ୍ସାଇଫାଏ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଗୋଲମରିଚ ପାଣି ମଧ୍ୟ ପିଇବା ଆରମ୍ଭ କରିପାରିବେ। ଥଣ୍ଡା ଓ କାଶ– ଶୀତ ଋତୁରେ ଥଣ୍ଡା, କାଶ ଓ ଜର ଭଳି ସମସ୍ୟା ବହୁତ ବଢ଼ିଯାଇଥାଏ। ଗୋଲମରିଚ ପାଣି ପିଇବା ଦ୍ୱାରା ଏଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ବହୁ ପରିମାଣରେ ମୁକ୍ତି ମିଳିଥାଏ। ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ଗୁରୁତର ସମସ୍ୟାରେ ପୀଡିତ ରୋଗୀମାନଙ୍କୁ ମଧ୍ୟ ଗୋଲମରିଚ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ଗୋଲମରିଚ ପାଣିରେ ଥିବା ସମସ୍ତ ଔଷଧୀୟ ଗୁଣ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କେତେବେଳେ ପିଇବା ଅଧିକ ଲାଭଦାୟକ- ପ୍ରାୟତଃ ସକାଳେ ଖାଲି ପେଟରେ ଗୋଲମରିଚ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଆଯାଏ। ଗୋଲମରିଚ ପାଣି ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ତଥାପି, ଭଲ ଫଳାଫଳ ପାଇବା ପାଇଁ, ଆପଣ ଏକ ସୀମା ମଧ୍ୟରେ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ପାନୀୟକୁ ପିଇବା ଉଚିତ୍। ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।

# ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ସୁସ୍ଥ ରୁହନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

# ଗ୍ଲୋଇଂ ତ୍ୱଚା ପାଇଁ ଆଲୋଭେରା ଜେଲ୍



ଶୀତ ଋତୁରେ ଆମ ତ୍ୱଚାରେ ଅନେକ ପରିବର୍ତ୍ତନ ଘଟେ। ଏହି ଋତୁରେ ଚର୍ମର ଶୁଷ୍କତା ମଧ୍ୟ ବୃଦ୍ଧି ପାଇଥାଏ। ଏହି କାରଣରୁ, ଚର୍ମ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢିଥାଏ। ତେଣୁ ଏହି ଋତୁରେ ସ୍କିନକୁ ମଶ୍ଚରାଇଜ୍ କରିବା ନିହାତି ଜରୁରୀ। ଶୀତଦିନେ ଚର୍ମର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗ୍ଲୋଇଂ ସ୍କିନ୍ ପାଇବା ପାଇଁ, ଆପଣ ଉପଯୁକ୍ତ ସ୍କିନ କେୟାର ରୁଟିନ ସହିତ ନିଜ ଡାଏଟର ବି ଯତ୍ନ ନେବା ଉଚିତ୍। ମୁହଁଠୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରିବାରେ ଆଲୋଭେରା ସାହାଯ୍ୟ କରିଥାଏ। ଥଣ୍ଡା ପାଗରେ ଚର୍ମରେ ଆର୍ଦ୍ରତା ବଜାୟ ରଖିବା ପାଇଁ ଆପଣ ଆଲୋଭେରା ଜେଲ୍ ପ୍ରୟୋଗ କରିପାରିବେ। ଆଣ୍ଟିଅକ୍ସିଡାଣ୍ଟ ସହିତ ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ମଧ୍ୟ ଥାଏ। ତେଣୁ ଏହାର ବ୍ୟବହାର ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ହ୍ରାସ କରିଥାଏ। କିନ୍ତୁ ଶୀତଦିନେ ଆଲୋଭେରା ଜେଲ୍ କିପରି ବ୍ୟବହାର କରାଯାଏ ତାହା ମଧ୍ୟ ଜାଣିବା ଉଚିତ୍। ତେବେ ଶୀତଦିନେ ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଜେଲ୍ ସହିତ କେଉଁ ଜିନିଷଗୁଡିକ ମିଶାଇ ବ୍ୟବହାର କରିବା ଉଚିତ୍ ଆସନ୍ତୁ ଜାଣିବା।

ଆଲୋଭେରା ଏବଂ ବାଦାମ ତେଲର ମିଶ୍ରଣକୁ ପ୍ରୟୋଗ କଲେ ମୁହଁରେ ଥିବା ଅନେକ ଦିନର ଦାଗ କମିଯାଏ। ବାଦାମ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଇ ଥାଏ, ଯାହା ସ୍କିନକୁ ଗ୍ଲୋଇଂ କରିବାରେ ସାହାଯ୍ୟ କରିଥାଏ। ବାଦାମ ତେଲକୁ ଟିକେ ଆଲୋଭେରା ଜେଲରେ ମିଶାଇ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ। ଏହା ଆପଣଙ୍କ ତ୍ୱଚା ପାଇଁ ବହୁତ ଲାଭଦାୟକ ହେବ।

ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଏବଂ ନଡିଆ ତେଲର ମିଶ୍ରଣ ମଧ୍ୟ ବହୁତ ଭଲ ହୋଇଥାଏ। ଆପଣଙ୍କୁ କହିରଖୁଛୁ ଯେ ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ 'ଇ' ସହିତ ଅନେକ ମିନେରାଲସ ମଧ୍ୟ ମିଳିଥାଏ। ଏହାକୁ ପ୍ରୟୋଗ କରିବା ଦ୍ୱାରା ସ୍କିନ ଡ୍ରାଏ ହୋଇନଥାଏ। ଆପଣ ଏହାକୁ ବେକ, ହାତ ଏବଂ ପାଦରେ ମଧ୍ୟ ଲଗାଇ ପାରିବେ।

ଆପଣ ଆଲୋଭେରା ଜେଲରେ ହଳଦୀ ମିଶାଇ ଏହାକୁ ମୁହଁରେ ଲଗାଇ ପାରିବେ। ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ରହିଛି। ଏହାକୁ ପ୍ରୟୋଗ କରିବା ଦ୍ୱାରା କେବଳ ଗ୍ଲୋଇଂ ସ୍କିନ୍ ହୁଏ ନାହିଁ ବରଂ ଇନଫେକ୍ସନରୁ ମଧ୍ୟ ମୁକ୍ତି ମିଳିଥାଏ। ଆପଣ ଗାଧୋଇବା ପୂର୍ବରୁ ଆଲୋଭେରା ଜେଲ ସହିତ ମିଶ୍ରିତ ଏକ ଚାମଚ ହଳଦୀ ପ୍ରୟୋଗ କରିପାରିବେ। ଏହି ମିଶ୍ରଣକୁ ଅତି କମରେ ୧୦ ମିନିଟ୍ ପାଇଁ ପ୍ରୟୋଗ କରନ୍ତୁ। ତଥାପି, ଆଲୋଭେରା ଜେଲ ସହିତ କୌଣସି ପ୍ରକାରର ପରୀକ୍ଷଣ କରିବା ପୂର୍ବରୁ ସ୍କିନର ଏକ ପ୍ୟାଚ୍ ଟେଷ୍ଟ କରନ୍ତୁ। ଏହି ପ୍ୟାଚ୍ ଟେଷ୍ଟ ପରେ ଆପଣ ନିଶ୍ଚୟ ଜାଣିପାରିବେ ଆଲୋଭେରା ଆପଣଙ୍କ ସ୍କିନ ପାଇଁ ଠିକ ଅଛି କି ନାହିଁ।

